


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-210 ♦SUNDAY ♦25 JANUARY 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୨୧୦ ♦ରବିବାର ♦୨୫ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦ (ସିନ୍ଦୂରା ସହ)


## ବିବାହ ଉତ୍ସବରେ ଆତ୍ମଘାତୀ ବିସ୍ଫୋରଣ; ୭ ମୃତ



■ ଡେରା ଇସ୍‌ମାଇଲ ଖାନ୍, ୨୪।୧ (ଏଜେନ୍ସି): ପାକିସ୍ତାନର ଖାଇବର ପଖତୁନଖ୍ୱାର ଡେରା ଇସମାଇଲ ଖାନ୍ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଆତ୍ମଘାତୀ ବିସ୍ଫୋରଣ ଘଟିଥିଲେ। ଏଥିରେ ଅତିକମ୍‌ରେ ୭ ଜଣ ମୃତ୍ୟୁବରଣ କରିଥିବା ବେଳେ ୨୫ ଜଣ ଆହତ ହୋଇଛନ୍ତି ବୋଲି ଗଣମାଧ୍ୟମ ରିପୋର୍ଟରୁ ଜଣାଯାଇଛି। ରିପୋର୍ଟ ଅନୁଯାୟୀ, ସ୍ଥାନୀୟ ଶାନ୍ତି କମିଟି ସଦସ୍ୟ ନୁର ଆଲମ ମେହସୁଦଙ୍କ ବାସଭବନରେ ଏକ ବିବାହ ଉତ୍ସବ ସମୟରେ ଏହି ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଯୋଗୁଁ କୋଠାର ଛାତ ଭୁଶୁଡ଼ି ପଡ଼ିଥିଲା। ଫଳରେ ପୀଡିତଙ୍କ ଉଦ୍ଧାର କର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ବିବାହ ଶୋଭାଯାତ୍ରାରେ ଲୋକମାନେ ନାଚୁଥିବା ବେଳେ ବିସ୍ଫୋରଣ ଘଟିଥିଲା। ଖାଇବର ପଖତୁନଖ୍ୱାର ଉଦ୍ଧାର କାର୍ଯ୍ୟରେ ନିୟୋଜିତ କର୍ମୀଙ୍କ ମୁଖପାତ୍ର ବିଲାଲ ଅହମ୍ମଦ ଫୈଜଙ୍କ ଅନୁଯାୟୀ, ମୃତକଙ୍କ ମୃତଦେହ ଓ ଆହତଙ୍କୁ ▶ପୃଷ୍ଠା-୭

## ପାକିସ୍ତାନରେ ହିମସ୍ଖଳନ; ଗୋଟିଏ ପରିବାରର ୯ ମୃତ



■ ପେଶାୱାର, ୨୪।୧ (ଏଜେନ୍ସି): ପାକିସ୍ତାନର ଉତ୍ତର-ପଶ୍ଚିମ ଖାଇବର ପଖତୁନଖ୍ୱା ରାଜ୍ୟର ଏକ ପାର୍ବତମୟ ଜିଲ୍ଲାରେ ଶୁକ୍ରବାର ଏକ ଘର ଉପରେ ଅଚାନକ ହିମସ୍ଖଳନ ଘଟିଥିଲା। ଏଥିରେ ଅତିକମ୍‌ରେ ଗୋଟିଏ ପରିବାରର ୯ ଜଣ ମୃତ୍ୟୁବରଣ କରିଛନ୍ତି। ଜଣେ ଆହତ ହୋଇଥିବା ଶିଶୁକୁ ଉଦ୍ଧାର କରାଯାଇଛି। ନିମ୍ନ ଚିତ୍ରାଲ ଜିଲ୍ଲାର ଆରଣ୍ଡୁ ଅଞ୍ଚଳରେ ଏହି ଘଟଣା ଘଟିଛି। ମୃତକଙ୍କ ମୃତଦେହଗୁଡିକୁ ମଧ୍ୟ ଉଦ୍ଧାର କରାଯାଇଛି ଓ ଏଗୁଡ଼ିକୁ ଦ୍ରୋଶକୁ କବର ଦେବା ପାଇଁ ନିଆଯାଇଛି। ଆହତ ଶିଶୁକୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଡେପୁଟି କମିଶନରଙ୍କ କାର୍ଯ୍ୟାଳୟର ଜଣେ ମୁଖପାତ୍ର କହିଛନ୍ତି ଯେ, ପ୍ରବଳ ଥଣ୍ଡା ଓ ତୁଷାରପାତ ଯୋଗୁଁ ଜରୁରୀକାଳୀନ ପରିସ୍ଥିତ ଉପୁଜିଛି। ତୁଷାରପାତ ଓ ହିମସ୍ଖଳନ କାରଣରୁ ଖାଇବର ପଖତୁନଖ୍ୱା, ବେଲୁଚିସ୍ତାନ, ଗିଲିକିଟ-ବାଲ୍ଟିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ▶ପୃଷ୍ଠା-୭

# ଜଳ ସଙ୍କଟରେ ଅଧାବିଶ୍ୱ

### ଦିଲ୍ଲୀ, ମୁମ୍ବଇ, ବେଙ୍ଗାଲୁରୁରେ ଜଳାଭାବ ■ ମରୁଡ଼ିର ଦ୍ୱାରଦେଶରେ ଚେନ୍ନଇ

■ ନୂଆଦିଲ୍ଲୀ, ୨୪।୧ (ଏଜେନ୍ସି): ବିଶ୍ୱର ଅଧା ଜନସଂଖ୍ୟା ଏବେ ଜଳ ସଙ୍କଟ ଦେଇ ଗତି କରୁଛି। ଆର୍ଥାତ ୪୦୦ କୋଟି ଲୋକ ଘୋର ଜଳ ସଙ୍କଟ ରହିଛନ୍ତି। ଜାତିସଙ୍ଘ ତରଫରୁ ପ୍ରକାଶିତ ଏକ ରିପୋର୍ଟରେ ଏଭଳି ଉଦ୍‌ବେଗଜନକ ତଥ୍ୟ ଦିଆଯାଇଛି। କେବେଳ ସେତିକି ନୁହେଁ; ବିଶ୍ୱର ୧୦୦ଟି ବୃହତ୍ତମ ସହର ମଧ୍ୟରୁ ଅଧା ଅର୍ଥାତ ୫୦ଟି ସହର ଗମ୍ଭୀର ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଉଛି। ଏଥିରେ ଦିଲ୍ଲୀ, ବେଜିଂ, ନ୍ୟୁୟର୍କ ଓ ରିଓ ଭଳି ସହର ଅନ୍ତର୍ଭୁକ୍ତ।

ରିପୋର୍ଟ ଅନୁଯାୟୀ, ୨୯ଟି ସହରର ସ୍ଥିତି ଅତ୍ୟନ୍ତ ଗମ୍ଭୀର ବୋଲି ଦର୍ଶାଯାଇଛି। ଏଥିରେ ଭାରତର ରାଜଧାନୀ ଦିଲ୍ଲୀ ଚତୁର୍ଥ ସ୍ଥାନରେ ରହିଥିବା ବେଳେ କୋଲକାତା ୯ମ, ମୁମ୍ବଇ ଦ୍ୱାଦଶ, ବେଙ୍ଗାଲୁରୁ ୨୪ତମ ଓ ଚେନ୍ନଇ ୨୯ତମ ସ୍ଥାନରେ ରହିଛି। ହାଇଦରାବାଦ, ଅହମଦାବାଦ, ସୁରତ ଓ ପୁଣେ ମଧ୍ୟ ଦୀର୍ଘକାଳୀନ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି।



ଆଫଗାନିସ୍ତାନ ରାଜଧାନୀ କାବୁଲ ସମ୍ପୂର୍ଣ୍ଣ ଜଳଶୂନ୍ୟ ହେବାରେ ପ୍ରଥମ ଆଧୁନିକ ସହର ହେବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ଅତ୍ୟଧିକ ଭୂତଳ ଜଳ ବ୍ୟବହାର କାରଣରୁ ମେକ୍ସିକୋ ସିଟି ପ୍ରତିବର୍ଷ ପ୍ରାୟ ୨୦ ହଜାର ଇଞ୍ଚ୍ ତଳକୁ ଧସିବା ଅର୍ଥାତ ଦବିବାରେ ଲାଗିଛି। ଆମେରିକାର ଦକ୍ଷିଣ-ପଶ୍ଚିମ ରାଜ୍ୟଗୁଡ଼ିକରେ କଲୋରଡ଼ା ନଦୀ ଜଳକୁ ନେଇ ଟଣାଓଟରା ଚାଲିଛି।

ରିପୋର୍ଟ ଅନୁଯାୟୀ, ନଦୀ ଏବଂ ହ୍ରଦ ସଙ୍କୁଚିତ ହେବାରେ ଲାଗିଛି। ଭୂତଳ ଜଳ ହ୍ରାସ ପାଉଛି ଓ ଆର୍ଦ୍ରଭୂମି ଶୁଖିଯାଉଛି। ଜମି କମିଯାଉଛି, ଗର୍ତ୍ତ ସୃଷ୍ଟି ହେଉଛି ଏବଂ ମରୁଭୂମିର ବିସ୍ତାର ହେଉଛି। ପ୍ରତିବର୍ଷ ୪ ବିଲିଅନ ବା ୪୦୦ କୋଟି ଲୋକ ଅତିକମ୍‌ରେ ଗୋଟିଏ ମାସ ପାଇଁ ଜଳାଭାବର ଶିକାର ହେଉଛନ୍ତି। ଇରାନ ରାଜଧାନୀ ତେହେରାନ କ୍ରମାଗତ ଷଷ୍ଠ ବର୍ଷ ପାଇଁ ମରୁଡ଼ିର ସମ୍ମୁଖୀନ ହେଉଛି ଓ 'ଡେ ଜିରୋ' ଅର୍ଥାତ 'ଶୂନ୍ୟ ଦିନ'ର ବହୁତ ନିକଟତର ହେଉଛି। ଅତ୍ୟଧିକ ଜଳ ସଙ୍କଟ ବା ମୌଳିକ ଆବଶ୍ୟକତାର ପୂରଣ ପାଇଁ ପାଣିର ଅଭାବକୁ ଡେ ଜିରୋ ବୋଲି କୁହଯାଇଥାଏ। ଇରାନରେ ନିକଟ ଭବିଷ୍ୟତରେ ଏପରି ଦିନ ଆସିବ ଯେଉଁଦିନ ନାଗରିକଙ୍କ ପାଇଁ ପାଣି ରହିବ ନାହିଁ। ଦକ୍ଷିଣ ଆଫ୍ରିକା ରାଜଧାନୀ କେପ୍ ଟାଉନ ଓ ଚେନ୍ନଇ ମଧ୍ୟ ପୂର୍ବରୁ ଏହି ସ୍ଥିତିରେ ପହଞ୍ଚି ସାରିଛନ୍ତି।

ଜାତିସଙ୍ଘ ବିଶ୍ୱବିଦ୍ୟାଳୟ ଜଳ, ପରିବେଶ ଏବଂ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକ କାଭେ ମଦାନୀ କହିଛନ୍ତି ଯେ, ଆମକୁ ଏକ ନୂତନ ଓ ସୀମିତ ବାସ୍ତବତା ସହ ବଞ୍ଚିବା ଶିଖିବାକୁ ପଡ଼ିବ। ୧୯୯୦ ପରଠାରୁ ବିଶ୍ୱର ଅଧା ପ୍ରମୁଖ ହ୍ରଦର ▶ପୃଷ୍ଠା-୭

### ଟି-୨୦ ବିଶ୍ୱକପ୍: ଆଇସିସିର ଚୂଡ଼ାନ୍ତ ନିଷ୍ପତ୍ତି

## ବାଂଲାଦେଶ ବିଦା, ସ୍କଟ୍‌ଲାଣ୍ଡ ସାମିଲ୍




■ କରାଚି, ୨୪।୧ (ଏଜେନ୍ସି): ଭାରତରେ ଟି-୨୦ ବିଶ୍ୱକପ୍ ମ୍ୟାଚ୍ ଖେଳିବାକୁ ଶେଷ ମୁହୂର୍ତ୍ତରେ ମନା କରିବାରୁ ବାଂଲାଦେଶକୁ ବାଦ୍ ଦିଆଯାଇଛି। ଭାରତରେ ଜୀବନପ୍ରତି ବିପଦ ଥିବା ଦର୍ଶାଇ ବାଂଲଦେଶ କ୍ରିକେଟ ବୋର୍ଡ ଯେଉଁ ସମୟରେ ଭେନ୍ୟୁ ପରିବର୍ତ୍ତନ କରିବାକୁ ଦାବି କରିଥିଲା ତାହା ଆଇସିସି ଦ୍ୱାରା ଗ୍ରହଣୀୟ ହୋଇନାହିଁ। ଯାହା ଫଳରେ ଆଇସିସିର ଶକ୍ତିଶାଳୀ କାର୍ଯ୍ୟନିର୍ବାହୀ ବୋର୍ଡ ବାଂଲାଦେଶ ସ୍ଥାନରେ ସ୍କଟଲାଣ୍ଡକୁ ବିଶ୍ୱକପ୍‌ରେ ଭାଗନେବାକୁ ଆମନ୍ତ୍ରଣ କରିଛନ୍ତି। ଆଇସିସି କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକରେ ବାଂଲାଦେଶର ଦାବିକୁ ଶେଷ ମୁହୂର୍ତ୍ତରେ ସମର୍ଥନ ଜଣାଇଥିବା ପାକିସ୍ତାନ ଆଇସିସିର ଏହି ନିଷ୍ପତ୍ତି ପରେ ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ମାର୍ଚ୍ଚ ୮ ମଧ୍ୟରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ରୁ ଓହରିଯିବାକୁ ଧମକ ଦେଇଛି। ପାକିସ୍ତାନର ଗୃହମନ୍ତ୍ରୀ ଥିବା ମୋହସିନ ନକ୍‌ଭୀ ଏବେ ପାକିସ୍ତାନ କ୍ରିକେଟ ବୋର୍ଡର ସଭାପତି ଅଛନ୍ତି। ବାଂଲାଦେଶକୁ ଆଇସିସି ବିଦା କରିବା ଘଟଣା ସମ୍ପର୍କରେ ପାକିସ୍ତାନ ସରକାରଙ୍କୁ ନକ୍‌ଭୀ ଅବଗତ କରାଇଛନ୍ତି। ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ଉପରେ ପାକିସ୍ତାନ ବିଶ୍ୱକପ୍‌ରୁ ଓହରିବ କି ନାହିଁ ତାହାର ନିଷ୍ପତ୍ତି ନେବାକୁ ଅନୁରୋଧ କରାଯାଇଛି। ସରିଫ ଏବେ ଦେଶ ବାହାରେ ଅଛନ୍ତି। ସେ ସ୍ୱଦେଶ ଫେରିବା ପରେ ସରକାର ଯେଉଁ ନିଷ୍ପତ୍ତି ନେବେ ତାହାକୁ ଆମେ ମାନିନେବୁ ବୋଲି ନକ୍‌ଭୀ କହିଛନ୍ତି। ପୂର୍ବରୁ ବାଂଲାଦେଶକୁ ସମର୍ଥନ କରିବ, କିନ୍ତୁ ବିଶ୍ୱକପ୍‌ରୁ ଓହରିବ ନାହିଁ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ କହିଥିଲା। ଏବେ କିନ୍ତୁ ▶ପୃଷ୍ଠା-୭

**ଟୁର୍ଣ୍ଣାମେଣ୍ଟରୁ ଓହରିଯିବାକୁ ପାକିସ୍ତାନର ଧମକ**

### ବଡ଼ବିଲ ବ୍ୟାଙ୍କ ଡକାୟତି ଘଟଣା

## ଧାନବାଦ୍‌ରୁ ୨ ଗିରଫ

### ଅଭିଯୁକ୍ତଙ୍କୁ ରାସ୍ତାରେ ଚଲାଇ ଚଲାଇ ନେଲା ପୁଲିସ

■ ବଡ଼ବିଲ, ୨୪।୧ (ସମିସ): ବଡ଼ବିଲସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଶାଖାରୁ ଡକାୟତି ଘଟଣାରେ ପୁଲିସକୁ ସଫଳତା ମିଳିଛି। ଘଟଣାର ୫ଦିନ ପରେ ବଡ଼ବିଲ ପୁଲିସ ଝାଡ଼ଖଣ୍ଡ ଧାନବାଦରୁ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, କୁନାଲ ରାଜ ବର୍ମା ଏବଂ ରାଜକୁମାର ସିଂ। ସହରର ନିଲସା ଏବଂ ସିନ୍ଦ୍ରୀ ଅଞ୍ଚଳରେ ଚଢ଼ଉ କରି ଏମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଦୁଇଟି ସ୍କର୍ପିଓ, ଚାରିଟି ମୋବାଇଲ୍, ୨୨୮ ଗ୍ରାମ୍ ସୁନା ଜବତ ହୋଇଛି। ଅପରପକ୍ଷେ, ସେମାନଙ୍କୁ ବଡ଼ବିଲ ଅଣାଯିବା ପରେ ସ୍ଥାନୀୟ ଏସ୍‌ଡିପିଓ କାର୍ଯ୍ୟାଳୟ ନିକଟରୁ ବ୍ୟାଙ୍କ୍ ଅଫ ମହାରାଷ୍ଟ୍ର ପର୍ଯ୍ୟନ୍ତ ଚଲାଇ ଚଲାଇ ନିଆଯାଇଥିଲା।



ସୂଚନାନୁସାରେ, ଗତ ୧୯ ତାରିଖ ଦିନ ପ୍ରାୟ ୨ଟାରେ ୬ ଜଣ ମୁଖା ଓ ହେଲମେଟ୍‌ପିନ୍ଧା ଡକାୟତ ବଡ଼ବିଲ-କଳିଙ୍ଗ ରାସ୍ତାରେ ଥିବା ବ୍ୟାଙ୍କ୍ ଅଫ୍ ମହାରାଷ୍ଟ୍ରରେ ଧସେଇ ପଶିଥିଲେ। ସେମାନେ ବନ୍ଧୁକ ଦେଖାଇ ୬କେଜି ୪୦୦ ଗ୍ରାମ୍ ଓଜନର ସୁନା ଏବଂ ନଗଦ ୪ଲକ୍ଷ ୩୫ହଜାର ଟଙ୍କା ଲୁଟି ନେଇଥିଲେ। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ କେନ୍ଦୁଝର ଏସ୍‌ପିଙ୍କ ନିର୍ଦ୍ଦେଶରେ ୬ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ତଦନ୍ତ ବେଳେ ଜଣାପଡ଼ିଥିଲା ଯେ ବ୍ୟାଙ୍କରୁ ସୁନା ଓ ଟଙ୍କା ଲୁଟ୍ କରିବା ପରେ ଅପରାଧୀମାନେ ଝାଡ଼ଖଣ୍ଡ ପଳାଇ ଯାଇଛନ୍ତି। ପୁଲିସର ୬ଟିଯାକ ଟିମ୍ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରେ ଖାନତଲାସି ▶ପୃଷ୍ଠା-୭

**ବନ୍ଧୁକ ଦେଖାଇ ଲୁଟିଥିଲେ ୫ କୋଟିର ଅଳଙ୍କାର**

### ୨୮ରେ ବଜେଟ ଅଧିବେଶନ

## ୨୭ରେ ସର୍ବଦଳୀୟ ବୈଠକ

■ ନୂଆଦିଲ୍ଲୀ, ୨୪।୧ (ଏଜେନ୍ସି): ଆସନ୍ତା ୨୮ ତାରିଖରୁ ସଂସଦର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ସୁରୁଖୁରୁରେ ଗୃହ ଚଳାଇବା ପାଇଁ ସରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ବଜେଟ ଦିନକ ପୂର୍ବରୁ ୨୭ ତାରିଖରେ ସରକାର ସର୍ବଦଳୀୟ ବୈଠକ ଡକାଇଛନ୍ତି। କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁ ଡକାଇଥିବା ଏହି ବୈଠକ ୨୭ ତାରିଖ ସକାଳ ୧୧ଟାରେ ସଂସଦ ଭବନର ଆନେକ୍ସି ମୁଖ୍ୟ କମିଟି କକ୍ଷରେ ଅନୁଷ୍ଠିତ ହେବ। ଏଥିରେ ବିରୋଧୀ ଏବଂ ସରକାର ଅଧିବେଶନର ଏଜେଣ୍ଡା ଉପରେ ନିଜ ନିଜ ରାୟ ରଖିବେ। ସଂସଦର କାର୍ଯ୍ୟସୂଚୀ ଏବଂ ଅଧିବେଶନରେ ଉତ୍ଥାପନ ହେବାକୁ ଥିବା ବିଭିନ୍ନ ପ୍ରସଙ୍ଗ ଉପରେ ମଧ୍ୟ ଚର୍ଚ୍ଚା କରାଯିବ। ସବୁ ଦଳର ରାୟ ଜାଣିବା ଏବଂ ହଙ୍ଗାମା ବିନା ଗୃହ ଚଳାଇବା ଏହି ବୈଠକର ଉଦ୍ଦେଶ୍ୟ।



ମନରେଗା ବଦଳରେ ସରକାର ଆଣିଥିବା ବିକଶିତ ଭାରତ-ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜିବୀକା ମିଶନ (ଭିବି ଜି-ରାମ-ଜି)କୁ ନେଇ ବିରୋଧୀ କଂଗ୍ରେସ ସାରା ଦେଶରେ ଅଭିଯାନ ଚଳାଉଥିବା ବେଳେ ଏହି ▶ପୃଷ୍ଠା-୭

### ବଳ ଗୋଟାଉଛନ୍ତି ସଭାପତି; ଦଳ ଛାଡୁଛନ୍ତି ନେତା

## କଂଗ୍ରେସ ଛାଡ଼ିଲେ ୪୧ ମୋକିମ୍ ସମର୍ଥକ

■ ଭୁବନେଶ୍ୱର, ୨୪।୧ (ସମିସ): କଂଗ୍ରେସରୁ ବରିଷ୍ଠ ନେତା ମହମ୍ମଦ ମୋକିମ ବହିଷ୍କୃତ ହେବା ପରେ ରାଜ୍ୟରେ ନୂଆ ଦଳ ଗଠନ ନେଇ ପ୍ରଚେଷ୍ଟା ଜାରି ରଖିଛନ୍ତି। ଅପରପକ୍ଷେ ମୋକିମଙ୍କ ବହିଷ୍କାର ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ପିସିସି ପକ୍ଷରୁ ବାରମ୍ବାର ଦୃଢ଼ୋକ୍ତି ପ୍ରକାଶ କରାଯାଉଛି। ଇତିମଧ୍ୟରେ ରାଜ୍ୟରେ କଂଗ୍ରେସ ଦଳ ଦୁର୍ବଳ ନାହିଁ, ରାଜ୍ୟସଭା ନିର୍ବାଚନରେ ଦଳ କାହା ସହ ସାଲିସ୍ ନ କରି ନିଜର ପ୍ରାର୍ଥୀ ଦେବ ବୋଲି କହି ପିସିସି ସଭାପତି ଭକ୍ତଚରଣ ଦାସ ଦଳରେ ବଳ ଗୋଟାଇବାକୁ ପ୍ରୟାସ କରୁଛନ୍ତି। ଏହାରି ମଧ୍ୟରେ ଶନିବାର କଂଗ୍ରେସରୁ ମହମ୍ମଦ ମୋକିମ୍‌ଙ୍କ ୪୧ ଜଣ ଅନୁଗତ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ସାମୂହିକ ଇସ୍ତଫା ଦେଇଛନ୍ତି। ଇସ୍ତଫା ଦେଇଥିବା ଛାମୁଆ ନେତାଙ୍କ ମଧ୍ୟରେ ବର୍ତ୍ତମାନର ପିସିସି ମୁଖପାତ୍ର, ପୂର୍ବତନ ମୁଖପାତ୍ର ଓ ଛାତ୍ର କଂଗ୍ରେସ ସାଧାରଣ ସଂପାଦକ, ପୂର୍ବତନ ପିସିସ ସଂପାଦକଙ୍କ ସମେତ ବିଭିନ୍ନ ଜିଲ୍ଲାର ପୂର୍ବତନ କର୍ପୋରେଟର, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି, ମହିଳା କଂଗ୍ରେସ ସଂପାଦକ, ପୂର୍ବତନ ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ସଭାପତିମାନେ ରହିଛନ୍ତି। ଦଳୀୟ ସଭାପତିଙ୍କ ନେତୃତ୍ୱକୁ ସେମାନେ କଡ଼ା ସମାଲୋଚନା କରିବା ସହ ଦଳ ମୂଳ ଆଦର୍ଶରୁ ବିଚ୍ୟୁତି, ମୂଳ କର୍ମୀଙ୍କୁ ଅଣଦେଖା, ବିପର୍ଯ୍ୟସ୍ତ ସାଂଗଠନିକ ସ୍ଥିତିକୁ ନିଜ ଇସ୍ତଫାର କାରଣ ରୂପେ ଦର୍ଶାଇଛନ୍ତି।

ଦଳ ଛାଡ଼ିଥିବା ମୋକିମ୍ ଅନୁଗତଙ୍କ ଅଭିଯୋଗ ହେଲା ଯେ ବର୍ତ୍ତମାନର ସଭାପତି ଭକ୍ତ ଚରଣ ଦାସ ଦାୟିତ୍ୱ ଗ୍ରହଣ କରିବାର ବର୍ଷେରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଦଳକୁ ସୁଦୃଢ଼ କରିବା ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ବରଂ ତାଙ୍କ ନେତୃତ୍ୱରେ ଦଳ ଦିନକୁ ଦିନ ସାଂଗଠନିକ ଭାବେ ଦୁର୍ବଳ ହେବାରେ ଲାଗିଛି। ସଭାପତି ନିଜେ ଜନତା ଦଳରୁ ଆସିଥିବାରୁ ସେ କଂଗ୍ରେସର ମୂଳ ଆଦର୍ଶ ପରିବର୍ତ୍ତେ ଜନତା ଦଳର ଚିନ୍ତାଧାରାରେ କାର୍ଯ୍ୟ କରୁଛନ୍ତି। ଏହାଫଳରେ ବର୍ଷ ବର୍ଷର ମୂଳ କଂଗ୍ରେସ କର୍ମୀ ଓ ▶ପୃଷ୍ଠା-୭

**ଇସ୍ତଫା ପାଇଁ ଦର୍ଶାଇଲେ ଏକାଧିକ କାରଣ**

**ସଭାପତିଙ୍କ ନେତୃତ୍ୱକୁ କଡ଼ା ସମାଲୋଚନା**

# ବାଘ ସହ ୧୦ ମିନିଟ୍ ଲଢ଼େଇ

### ଆଖିବୁଜିଲା ବାଘ; ଗୁରୁତର ଯୁବକ ଏସ୍‌ସିବିରେ ଭର୍ତ୍ତି

■ ନରସିଂହପୁର, ୨୪।୧ (ସମିସ): ବାଘକୁ ସାମ୍ନାରେ ଦେଖିଲେ ମଣିଷର ଅଧାରକ୍ତ ଶୁଖିଯାଏ। ମୁକାବିଲା କରିବା ତ ଦୂରର କଥା, ଜୀବନ ବିକଳରେ ଠାକୁରଙ୍କୁ ପ୍ରାର୍ଥନା କରି ଜୀବନ ଭିକ୍ଷା କରିଥାଏ। କିନ୍ତୁ କଟକ ଜିଲ୍ଲା ନରସିଂହପୁର ଅଞ୍ଚଳର ଜଣେ ଯୁବକ ଏହି ଚିନ୍ତାଧାରାକୁ ଭୁଲ୍ ପ୍ରମାଣିତ କରି ଦେଖାଇଛନ୍ତି। ବାଘ ସହ ପାଖାପାଖି ୧୦ ମିନିଟ୍ ଧରି ସାହସିକତାର ସହ ଲଢ଼େଇ କରି ନିଜ ଜୀବନ ବଞ୍ଚାଇଛନ୍ତି। ସେ ହେଲେ, ଜୟପୁର ଗ୍ରାମର ଶୁଭ୍ରାଂଶୁ ଭୋଳ (୨୬)। ଏହି ଲଢ଼େଇରେ ବାଘକୁ ନିଜ ଜୀବନ ହାରିବାକୁ ପଡ଼ିଛି। ଏହି ଘଟଣା ଆଜି




ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ବାଘ ଆକ୍ରମଣରେ ଗୁରୁତର ଶୁଭ୍ରାଂଶୁଙ୍କୁ ଚିକିତ୍ସା ଲାଗି କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ଶୁଭ୍ରାଂଶୁଙ୍କୁ ସେଠାରେ ଭେଟିବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ପଚାରି ବୁଝିଥିଲେ। ଏହାସହ ଡାକ୍ତରଙ୍କ ସହ ତାଙ୍କ ଚିକିତ୍ସା ବାବଦରେ ଆଲୋଚନା କରିଥିଲେ।

ସୂଚନାନୁଯାୟୀ, ନରସିଂହପୁର ପଶ୍ଚିମ ବନାଞ୍ଚଳ ଅନନ୍ତପ୍ରସାଦ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ କଲରାପତରିଆ ବାଘ ହାବୁଡ଼ରେ ପଡ଼ିଥିଲେ ଶୁଭ୍ରାଂଶୁ। ସେ ନରସିଂହପୁର ଅନନ୍ତପ୍ରସାଦ ଗ୍ରାମରେ ଥିବା ତାଙ୍କର ଫାର୍ମରେ ରାତିରେ ରୁହନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ବାଘଟି ବାହାରେ ବୁଲୁଥିବା ତାଙ୍କ କୁକୁରକୁ ଆକ୍ରମଣ କରିଥିଲା। କୁକୁରର ବିକଳ ରଡ଼ି ଶୁଣି ଶୁଭ୍ରାଂଶୁ କବାଟ ଖୋଲି ବାହାରକୁ ଆସିବା ମାତ୍ରେ ବାଘଟି ତାଙ୍କ ଉପରକୁ ଝାମ୍ପ ମାରିଥିଲା। ଶୁଭ୍ରାଂଶୁ ଜୀବନ ବିକଳରେ ଘର ଭିତରକୁ ପଶି ଯାଇଥିଲେ ହେଁ ▶ପୃଷ୍ଠା-୭









# ଆକ୍ରମଣ ଭୀଷଣ ହେବ: ଟ୍ରମ୍ପ


ଦ୍ରୁତଗତିରେ ଇରାନ ଆଡ଼କୁ ମାଡ଼ି ଆସୁଛି ଯୁଦ୍ଧ ଜାହାଜ

ୱାସିଂଟନ, ୨୪ା୧(ଏଜେନ୍ସି): ଆମେରିକା ଓ ଇରାନ୍ ମଧ୍ୟରେ କ୍ରମାଗତ ଭାବେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ବିରୋଧରେ ସାମାରିକ କାର୍ଯ୍ୟାନୁଷ୍ଠାନ ବିକଳ୍ପ ବିଷୟରେ ବିଚାର କରୁଛନ୍ତି ବୋଲି ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ ତା'ର ସଦ୍ୟତମ ରିପୋର୍ଟରେ ଉଲ୍ଲେଖ କରିଛି। ଟ୍ରମ୍ପ ଏଭଳି ଏକ ସାମରିକ କାର୍ଯ୍ୟାନୁଷ୍ଠାନ ଚାହୁଁଛନ୍ତି, ଯାହା ନିର୍ଣ୍ଣାୟକ ହେବ ଓ ଇରାନ ଏହାକୁ ସବୁଦିନେ ମନେ ରଖିବ ବୋଲି କୁହାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ପେଣ୍ଟାଗନ ଓ ହ୍ୱାଇଟ୍ ହାଉସ୍ ଏ ନେଇ କାର୍ଯ୍ୟ କରିବା ଆରମ୍ଭ କରିଛନ୍ତି। ଏହା ମାଧ୍ୟମରେ ଇରାନରେ ଶାସନାଧୀନ ସରକାରଙ୍କୁ ମୂଳୋତ୍ପାଟନ କରିବା ଲକ୍ଷ୍ୟ ରହିଛି। ଇତିମଧ୍ୟରେ ଆମେରିକୀୟ ଯୁଦ୍ଧଜାହାଜ ୟୁଏସ୍ଏସ୍ ଆବ୍ରାହାମ ଲିଙ୍କନ ଶନିବାର ସୁଦ୍ଧା ମଧ୍ୟପ୍ରାଚ୍ୟ ପହଞ୍ଚିବାର ସମ୍ଭାବନା ରହିଛି। ଫଳରେ ଇରାନ ଉପରେ ଆମେରିକା ଅତର୍କିତ ଆକ୍ରମଣ କରିବାର ଆଶଙ୍କା ସୃଷ୍ଟି ହୋଇଛି। ଆକ୍ରମଣ ଭୀଷଣ ହେବ ବୋଲି ଟ୍ରମ୍ପ ଧମକ ମଧ୍ୟ ଦେଇଛନ୍ତି।

ଇରାନ ମଧ୍ୟ ଆମେରିକା ଆକ୍ରମଣ କଡ଼ା ଜବାବ ଦେବାକୁ ପ୍ରସ୍ତୁତି ଆରମ୍ଭ କରିଛି ବୋଲି କହିଛି। ଇରାନ ସୁପ୍ରିମକୋର୍ଟ ପରିଷଦର ଜାଭଦ ଆକବରୀ କହିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ଥିବା ସମସ୍ତ ଆମେରିକୀୟ ସାମରିକ ଘାଟି ଇରାନ ଟାର୍ଗେଟରେ ରହିଛି। ପାଲଟା ଆକ୍ରମଣ କରିବାକୁ ଆମ କ୍ଷେପଣାସ୍ତ୍ର ପ୍ରସ୍ତୁତ ରହିଛି। ଅନ୍ୟପଟେ ଇରାନର ଏକାଧିକ ସହର ୟୁଏସ୍ଏସ୍ ଆବ୍ରହାମ ଲିଙ୍କନ ଆକ୍ରମଣର ପରିସରରେ ଅଛି। ରିପୋର୍ଟ ଅନୁଯାୟୀ, ଆମେରିକାର ଏହି ଜାହାଜ ଆରବ ସାଗରରେ ଆମେରିକାର କେନ୍ଦ୍ରୀୟ କମାଣ୍ଡ (ସିଇଏନ୍ସିଓଏମ୍) ଜୋନରେ ପ୍ରବେଶ କରିଛି। ଏଥିସହ ଏକ ଆମେରିକୀୟ ସି-୩୭ବି ବିମାନ ମଧ୍ୟ ଇରାନର ଉତ୍ତରରେ ତୁର୍କମେନିସ୍ତାନର ଆଶଗାବାତ ଘାଟିରେ ପହଞ୍ଚିଛି। ଏହି ଜାହାଜ ପୂର୍ବରୁ ଦକ୍ଷିଣ ଚୀନ ସାଗରରେ ନିୟୋଜିତ ଥିଲା। ଜାନୁଆରୀ ୧୮ ରେ, ଏହା ମଲାକ୍କା ପ୍ରଣାଳୀ ପାର କରି ଭାରତ ମହାସାଗରରେ ପ୍ରବେଶ କରିଥିଲା। ଏବେ ଏକ ବଡ଼ ଯୁଦ୍ଧର ଆଶଙ୍କା ସୃଷ୍ଟି ହୋଇଛି।

# ଆମେରିକାରେ ପତ୍ନୀ ସମେତ ୪ଜଣ ସମ୍ପର୍କୀୟଙ୍କୁ ହତ୍ୟା କଲେ ଭାରତୀୟ ବଂଶୋଦ୍ଭବ

ଆଟଲାଣ୍ଟା, ୨୪ା୧(ଏଜେନ୍ସି): ଆମେରିକାର ଜର୍ଜିଆ ରାଜ୍ୟରେ ଜଣେ ଭାରତୀୟ ବଂଶୋଦ୍ଭବ ବ୍ୟକ୍ତି ଏକ ଅଭାବନୀୟ କାଣ୍ଡ ଘଟାଇଛନ୍ତି। ଏକ ସାମାନ୍ୟ ଝଗଡ଼ା ପରେ ସେ ତାଙ୍କ ସ୍ତ୍ରୀଙ୍କ ସମେତ ଅନ୍ୟ ୩ ଜଣ ସମ୍ପର୍କୀୟଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ପୁଲିସ କହିଛି ଯେ, ଘରୋଇ ବିବାଦରୁ ଏହି ଘଟଣା ଘଟିଥିଲା। ଏହି ବ୍ୟକ୍ତି ହେଉଛନ୍ତି ୫୧ ବର୍ଷୀୟ ବିଜୟ କୁମାର। ବିଜୟଙ୍କୁ ପୁଲିସ ଗିରଫ କରିଛି। ପୁଲିସ ଅଧିକାରୀ କହିଛନ୍ତି ଯେ, ଗୁଳିକାଣ୍ଡ ସମୟରେ ୩ ଜଣ ପିଲା ଘର ଭିତରେ ଥିଲେ। ସେମାନେ ନିଜକୁ ରକ୍ଷା କରିବାକୁ ଏକ ଆଲମାରୀରେ ଲୁଚି ରହିଥିଲେ। ସେମାନେ ହିଁ ପୁଲିସକୁ ଫୋନ୍ କରି ଘଟଣା ସମ୍ପର୍କରେ ସୂଚନା



ଦେଇଥିଲେ। ଅଟଲାଣ୍ଟାରେ ଥିବା ଭାରତୀୟ ଦୂତାବାସ କହିଛି ଯେ, ପୀଡିତଙ୍କ ପରିବାରକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଉଛି। ଦୂତାବାସ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛି ଯେ, ପାରିବାରିକ ବିବାଦ ସହିତ ଜଡ଼ିତ ଏହି ଗୁଳିକାଣ୍ଡ ଘଟଣାରେ ଆମେ ଗଭୀର ଭାବେ ଦୁଃଖିତ। ଶୁକ୍ରବାର ପୁଲିସକୁ ଘଟଣା ସମ୍ପର୍କରେ ସୂଚନା ଦିଆଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଘରେ ଥିବା ୪ଜଣଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ମୃତକମାନେ ହେଲେ ବିଜୟ କୁମାରଙ୍କ ପତ୍ନୀ ୪୩ ବର୍ଷୀୟା ମିମୁ ଡୋଗରା, ୩୩ ବର୍ଷୀୟ ଗୌରବ କୁମାର, ୩୭ ବର୍ଷୀୟା ନିଧି ଚନ୍ଦର ଓ ୩୮ ବର୍ଷୀୟା ହରିଶ ଚନ୍ଦର। ପୁଲିସ ଏହି ଘଟଣାକୁ ଗମ୍ଭୀରତାର ସହ ଗ୍ରହଣ କରି ତଦନ୍ତ କରୁଛି ବୋଲି କହିଛି।

## ପ୍ରଶାନ୍ତ ମହାସାଗରରେ ନୌକା ଉପରେ ଆମେରିକା ଆକ୍ରମଣ, ଦୁଇ ମୃତ

ୱାସିଂଟନ, ୨୪ା୧(ଏଜେନ୍ସି): ଆମେରିକା ପ୍ରାଶନ୍ତ ମହାସାଗରରେ ଡ୍ରଗ୍ସ ତଥା ନିଶାଦ୍ରବ୍ୟ ପରିବହନ କରିବା ଅଭିଯୋଗରେ ଏକ ନୌକା ଉପରେ ଆକ୍ରମଣ କରିଛି। ଏଥିରେ ଦୁଇ ନର୍କୋ- ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଛି ବୋଲି କୁହାଯାଇଛି। ତେବେ ଜଣେ ଏହି ଆକ୍ରମଣରୁ ବଞ୍ଚି ଯାଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ପିସ୍ ବୋର୍ଡ' ଚାର୍ଟରରେ ସ୍ୱାକ୍ଷର କରିବାର ମାତ୍ର ଦୁଇଦିନ ପରେ ଏହି ପଦକ୍ଷେପ ନିଆଯାଇଛି। ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ବନ୍ଦୀ କରିବା ପରେ ଆମେରିକୀୟ ସେନା ପ୍ରଥମଥର ପାଇଁ ଏ ଭଳି ସରକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏଥିସହ ଗତ ୫ ମାସ ମଧ୍ୟରେ ଦକ୍ଷିଣ ଆମେରିକୀୟ ଜଳ ସୀମାରେ ତଥାକଥିତ ଡ୍ରଗ୍ସ ବାହକଙ୍କ ଉପରେ ଆମେରିକାର ଏହା ୩୬ତମ ଆକ୍ରମଣ ଘଟଣା। ଏଭଳି ଆକ୍ରମଣରେ ଏପର୍ଯ୍ୟନ୍ତ ୧୧୬ ଜଣଙ୍କର ମୃତ୍ୟୁ ହୋଇଛି। କାରିବିୟାନ ସାଗରରେ ଅଧିକାଂଶ ଥର ଏଭଳି ଆକ୍ରମଣ କରାଯାଇଛି। ଗତ ଡିସେମ୍ବରରେ ମଧ୍ୟ ଆମେରିକା ସେନା ଦ୍ୱାରା ସମାନ ଆକ୍ରମଣର ରିପୋର୍ଟ ହସ୍ତଗତ ହୋଇଥିଲା।

## ବିଜେପିକୁ ଜରିମାନା କଲା ବିଜେପିର ନଗର ନିଗମ

ତିରୁଅନନ୍ତପୁରମ, ୨୪ା୧(ଏଜେନ୍ସି): ବିଜେପି ଅଧିନରେ ଥିବା କେରଳର ତିରୁଅନନ୍ତପୁରମ ନଗର ନିଗମ ବିଜେପି ଉପରେ ହିଁ ଜରିମାନା ଲାଗୁ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତ ସମୟରେ ସହରର ଫୁଟପାଥରେ ଫ୍ଲେକ୍ସ ବୋର୍ଡ ଲଗାଇବା କାରଣରୁ ନଗର ନିଗମ ବିଜେପି ଉପରେ ୧୯.୭ ଲକ୍ଷ ଟଙ୍କାର ଜରିମାନା ଲାଗୁ କରିଛି। ନଗର ନିଗମ ସଚିବଙ୍କ ଅଭିଯୋଗ ପରେ କ୍ୟାଣ୍ଟନମେଣ୍ଟ ପୁଲିସ ଶୁକ୍ରବାର ବିଳମ୍ବିତ ରାତିରେ ବିଜେପି ଜିଲ୍ଲା ସଭାପତି କରମଣା ଜୟନଙ୍କ ବିରୋଧରେ ମାମଲା ରୁଜୁ କରିଛି। ଗତ ଡିସେମ୍ବରରେ ଅନୁଷ୍ଠିତ ତିରୁଅନନ୍ତପୁରମ ନଗର ପାଳିକା ନିର୍ବାଚନରେ ବିଜେପି ସର୍ବାଧିକ ୫୦ଟି ଆସନ ଜିତିଥିଲା। ଏହାପରେ ଡିସେମ୍ବର ୨୬ରେ ବିଜେପି ଭିଭି ରାଜେଶଙ୍କୁ ମେୟର ନିଯୁକ୍ତ କରିଥିଲା। ଏଥିସହ ବିଜେପି କେରଳ ଇତିହାସରେ ପ୍ରଥମଥର ପାଇଁ ତିରୁଅନନ୍ତପୁରମର ମେୟର ନିଯୁକ୍ତ କରିଥିଲା। ଜଣେ ସ୍ୱାଧୀନ କାଉନସିଲରଙ୍କ ସମର୍ଥନରେ ମୋଟ୍ ୫୧ ଆସନ ସହ ବିଜେପି ଏହି ସଫଳତା ପାଇଥିଲା। ଦୀର୍ଘ ୪୫ ବର୍ଷ ଧରି ତିରୁଅନନ୍ତପୁରମ ନଗର ନିଗମ ବାମ ଲୋକତାନ୍ତ୍ରିକ ମୋର୍ଚ୍ଚା ଏଲ୍ଡିଏଫ୍ କବ୍ଜାରେ ଥିଲା। ଏଫ୍ଆଇଆର୍ରେ କେରଳ ହାଇକୋର୍ଟଙ୍କ ଅନେକ ନିର୍ଦ୍ଦେଶ, ସ୍ଥାନୀୟ ସ୍ୱାୟତ୍ତ ଶାସନ ବିଭାଗ ଦ୍ୱାରା ଜାରି ନିର୍ଦ୍ଦେଶର ଉଲ୍ଲଂଘନ ହୋଇଥିବା ଉଲ୍ଲେଖ କରାଯାଉଛି।

## ଗୋଟିଏ ବର୍ଷରେ ଚୀନ୍ କାନାଡ଼ାକୁ ଗିଳି ଯିବ: ଟ୍ରମ୍ପ

ୱାସିଂଟନ, ୨୪ା୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ପଡୋଶୀ କାନାଡ଼ା ଓ ତ'ର ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ଉପରେ ଅସନ୍ତୋଷ ଜାରି କରିଛନ୍ତି। ଚୀନ୍ ଗୋଟିଏ ବର୍ଷ ମଧ୍ୟରେ କାନାଡ଼ାକୁ ଗିଳି ଦେବ ବୋଲି ସେ ସତର୍କ କରାଇଦେଇଛନ୍ତି। ଏବେ କାନାଡ଼ା ଆମେରିକା ସହିତ ନୁହେଁ ବରଂ ଚୀନ ସହ ମିତ୍ରତା କରୁଛି। ଏହାର ପରିଣାମ କାନାଡ଼ା ହିଁ ଭୋଗିବ। କାନାଡ଼ର ଭୁଲ ନୀତି କରାଣରୁ ସମଗ୍ର ଉତ୍ତର ଆମେରିକା ପାଇଁ ବିପଦ ସୃଷ୍ଟି ହୋଇଛି। ପୁଣି ଚୀନ ସହ ବାଣିଜ୍ୟ ଚୁକ୍ତିନାମାରେ ସ୍ୱାକ୍ଷର କରି କାନାଡ଼ା ଟ୍ରମ୍ପଙ୍କୁ କ୍ଷୁବ୍ଧ କରିଛି। ଗୋଟିଏ ବର୍ଷ ପୂର୍ବରୁ କାର୍ଣ୍ଣି ଚୀନକୁ ଏକ ବଡ଼ ବିପଦ ଭାବେ ବର୍ଣ୍ଣନା କରୁଥିଲେ। କିନ୍ତୁ ଏବେ ସ୍ଥିତି ବଦଳି ଯାଇଛି। ଯଦି କାନାଡ଼ା ସତର୍କ ନ ରହେ, ତେବେ ଚୀନ୍ କାନାଡ଼ା ପାଇଁ ବିପଦ ସୃଷ୍ଟି କରିବ ବୋଲି ଟ୍ରମ୍ପ ସତର୍କ କରାଇ କହିଛନ୍ତି।

# ଆମେରିକାର ୧୫ଟି ରାଜ୍ୟରେ ତୁଷାର ଝଡ଼

ୱାସିଂଟନ, ୨୪ା୧(ଏଜେନ୍ସି): ଆମେରିକାରେ ତୁଷାର ଝଡ଼ ଆରମ୍ଭ ହୋଇଯାଇଛି। ପରିସ୍ଥିତି ଆହୁରି ଭୟଙ୍କର ହେବ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ୧୫ଟି ରାଜ୍ୟରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ଦୁଇ ଦିନ ମଧ୍ୟରେ ୭ ହଜାରରୁ ଅଧିକ

- **ଜରୁରୀକାଳୀନ ସ୍ଥିତି ଘୋଷଣା**
- **ସଙ୍କଟରେ ୨୦ କୋଟି ଲୋକ**
- **୭, ୦୦୦ ବିମାନ ବାତିଲ୍**



ବିମାନ ବାତିଲ କରାଯାଇଛି। ଜାତୀୟ ପାଣିପାଗ ସେବା (ଏନ୍ଡବ୍ଲୁଏସ୍) ଅନୁଯାୟୀ, ୨୦ କୋଟି ଲୋକ ଅର୍ଥାତ ଦୁଇ- ତୃତୀୟାଂଶ ଆମେରିକୀୟ ଏହି ତୁଷାର ଝଡ଼ ଦ୍ୱାରା ପ୍ରଭାବିତ ହୋଇପାରିନ୍ତି।

ଝଡ଼ ଭୟରେ ଲୋକ ଜିନିଷପତ୍ର କିଣିବାକୁ ବଜାରକୁ ଯାଉଛନ୍ତି। ଅନେକ ଦୋକାନରେ ପାଣି, ଅଣ୍ଡା, ବଟର ଓ ମାଂସ ସରି ଆସୁଛି। ପାଣିପାଗ ସେବା ସତର୍କ କରାଇଛି ଯେ, ଝଡ଼ ପ୍ରବଳ ତୁଷାରପାତ, ବର୍ଷା ଓ ଥଣ୍ଡା ଆଣିବ। ଏହା ସ୍ଥିତିକୁ ଅତ୍ୟନ୍ତ ବିପଜ୍ଜନକ କରିଦେବ। ପରିବହନ ଅଧିକାରୀମାନେ ସପ୍ତାହ ଶେଷରେ ଯାତ୍ରା ବିଳମ୍ବ ଓ ବାତିଲ ବିଷୟରେ ଚେତାବନୀ ଦେଇଛନ୍ତି। ଅନେକ ପ୍ରମୁଖ ସହରରେ ବିମାନ ବନ୍ଦର ପ୍ରଭାବିତ ହୋଇଛି। ଫ୍ଲାଇଟ୍ ଟ୍ରାକିଂ ଓ ୱେବସାଇଟ୍ ଫ୍ଲାଇଟଆୱାର ଅନୁଯାୟୀ, ଶନିବାର ଆମେରିକାରେ ୩୨୦୦ରୁ ଅଧିକ ଓ ରବିବାର ୪୮୦୦ ବିମାନ ଉଡ଼ାଣ ବାତିଲ କରାଯାଇଥିଲା। ପାଣିପାଗ ବିଭାଗ ଅନୁଯାୟୀ ଏହି ଝଡ଼ ଆମେରିକା ଉଚ୍ଚ ସମତଳ ଅଞ୍ଚଳରୁ ଆରମ୍ଭ ହେବ ଓ ଧିରେ ଧିରେ ପୂର୍ବ ଦିଗକୁ ଗତି କରିବ। ଫଳରେ ମେମ୍ଫିସ, ନାଶଭିଲ, ୱାସିଂଟନ ଡିସି, ବାଲ୍ଟିମୋର, ଫିଲାଡେଲଫିଆ ଓ ନ୍ୟୁୟର୍କ ଭଳି ସହରଗୁଡ଼ିକରେ ପ୍ରବଳ ତୁଷାରପାତ ହେବ। ଆମେରିକାର ଅନେକ ଅଞ୍ଚଳରେ ୧୦ରୁ ୧୪ ଇଞ୍ଚ୍ ତୁଷାରପାତ ହେବାର ସମ୍ଭାବନା ରହିଛି। ଏୟାର ଇଣ୍ଡିଆ ନ୍ୟୁୟର୍କ ଯିବାକୁ ଥିବା ବିମାନକୁ ବାତିଲ କରିବାକୁ ଘୋଷଣା କରିଛି। ତେବେ ସବୁ ପ୍ରକାର ସ୍ଥିତିକୁ ସାମ୍ନା କରିବାକୁ ପ୍ରସ୍ତୁତ ଅଛୁ ବୋଲି ଆମେରିକା ସରକାର ଘୋଷଣା କରିଛନ୍ତି।

# ରାଜସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀ କମିଲା

ନୂଆଦିଲ୍ଲୀ, ୨୪ା୧(ଏଜେନ୍ସି): ଦେଶର ଉତ୍ତର ଭାଗରେ ଥିବା ୩ଟି ରାଜ୍ୟ ଯଥା ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶରେ ଗୁରୁବାର ଓ ଶୁକ୍ରବାର ତୁଷାରପାତ ଆରମ୍ଭ ହୋଇଥିଲା ଓ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହା ଜାରି ରହିଥିଲା। ଏବେ ସିମଲା, ମନାଲି, ମସୁରୀ ଓ କଟରା ସମସ୍ତ ବରଫରେ ଆଚ୍ଛାଦିତ ହୋଇଛି। ସେପଟେ ଉତ୍ତରାଖଣ୍ଡର ଉତ୍ତରକାଶୀ, ଚାମୋଲି ଓ ଡୋଡ଼ାରେ ୨୪ ଘଣ୍ଟା ଧରି ରହି ରହିକରି ତୁଷାରପାତ ହେଉଛି। ଫଳରେ ସମତଳ ଅଞ୍ଚଳରେ ଏକ ଫୁଟ ଓ ଉଚ୍ଚ ପାହାଡ଼ରେ ୨ରୁ ୩ ଫୁଟର ବରଫ ଜମି ରହିଛି। ତୁଷାରପାତ ଓ ବରଫ ଜମିବା କାରଣରୁ ଶୁକ୍ରବାର ଶ୍ରୀନଗର ବିମାନ ବନ୍ଦର ବନ୍ଦ ରହିଥିଲା। ତେବେ ଶନିବାର ସକାଳେ ପାଗ ସୁଧରିବା ପରେ ଶ୍ରୀନଗର ବିମାନ ବନ୍ଦରରେ ବିମାନ ଚଳାଚଳ ପୁଣି ଆରମ୍ଭ ହୋଇଛି। ବିମାନ ବନ୍ଦର

**ମାଉଣ୍ଟ ଆବୁରେ ବିୟୁକ୍ତ ୭ ଡିଗ୍ରୀ**

କର୍ତ୍ତୃପକ୍ଷ, ବିଆରଓ ସହିତ ମିଳିତ ଭାବରେ, ରନୱେକୁ କାର୍ଯ୍ୟକ୍ଷମ କରିବା ପାଇଁ ଆପ୍ରନ ଓ ଟ୍ୟାକ୍ସିୱେ ସଫା କରିଛି। ୪୪ ନମ୍ବର ଜାତୀୟ ରାଜପଥ କ୍ରମାଗତ ଦ୍ୱିତୀୟ ଦିନ ପାଇଁ ବନ୍ଦ ରହିଛି। ପାଣିପାଗ ବିଭାଗ ସମସ୍ତ ୩ଟି ରାଜ୍ୟ ଉଚ୍ଚ ଅଞ୍ଚଳଗୁଡ଼ିକରେ ହିମସ୍ଖଳନର ଚେତାବନୀ ଦେଇଛି। ଅନପଟେ ପଶ୍ଚିମା ଝଡ଼ ପ୍ରଭାବରେ କୁଆପଥର ବର୍ଷା ଓ ବର୍ଷା ପରେ ରାଜସ୍ଥାନରେ ତାପାମାତ୍ରା ୧୦ ଡିଗ୍ରୀ ହ୍ରାସ ପାଇଛି। ରାଜ୍ୟର ଏକମାତ୍ର ପାହାଡ଼ି ସ୍ଥାନ ବା ଶୈଳନିବାସ ମାଉଣ୍ଟ ଆବୁରେ ପାରଦ ବିୟୁକ୍ତ ୭ ଡିଗ୍ରୀରେ ପହଞ୍ଚିଛି। ସିକରରେ କାକର ଜମାଟ ବାନ୍ଧିଛି। ସେହିପରି ଉତ୍ତର ପ୍ରଦେଶ, ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼ ଓ ମଧ୍ୟପ୍ରଦେଶର ଅନେକ ଜିଲ୍ଲାରେ ମଧ୍ୟ ହାଲୁକା ବର୍ଷା ହୋଇଛି। ବର୍ଷା ପରେ ରାଜଧାନୀ ଦିଲ୍ଲୀରେ କୁହୁଡ଼ି ଓ ଧୂଆଁ ହଟିଛି। କିନ୍ତୁ ତାପମାତ୍ରା ୧୧ ଡିଗ୍ରୀରେ ପହଞ୍ଚିଛି। ପାହାଡ଼ରୁ ଆସୁଥିବା ତଣ୍ଡା ପବନ ଦିଲ୍ଲୀରେ ଶୀତ ବଢ଼ାଉଛି।

# ଏସ୍ଆଇଆର୍ ପାଇଁ ଦିନକୁ ୪ ଆତ୍ମହତ୍ୟା !

କୋଲକାତା, ୨୪ା୧(ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପୁଣିଥରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍)କୁ ସମାଲୋଚନା କରିଛନ୍ତି। ଏସ୍ଆଇଆର ଚିନ୍ତା ଯୋଗୁଁ ପ୍ରତିଦିନ ୩ରୁ ୪ ଜଣ ଆତ୍ମହତ୍ୟା କରୁଛନ୍ତି। ଏପର୍ଯ୍ୟନ୍ତ ୧୧୦ରୁ ଅଧିକ ଲୋକ ମୃତ୍ୟୁବରଣ କରିସାରିଛନ୍ତି। ହସ୍ପିଟାଲରେ ୪୦ରୁ ୪୫ ଜଣ ଲୋକ ଜୀବନ ପାଇଁ ସଂଘର୍ଷ କରୁଛନ୍ତି।

- **ଅଭିଯୋଗ ଆଣିଲେ ମମତା**
- **୧୧୦ ମୃତ୍ୟୁବରଣ କଲେଣି**
- **କେନ୍ଦ୍ର, ନିର୍ବାଚନ କମିସନଙ୍କୁ ଦାୟୀ କଲେ**



ଏତେ ବର୍ଷ ପରେ, ଆମକୁ କ'ଣ ପ୍ରମାଣ କରିବାକୁ ପଡ଼ିବ ଯେ, ଆମେ ଏହି ଦେଶର ନାଗରିକ? କୋଲକାତାର ରେଡ ରୋଡ଼ରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମବାର୍ଷିକୀରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏହି ମନ୍ତବ୍ୟ ଦେଇଛନ୍ତି। ଡିସେମ୍ବରରେ ପ୍ରକାଶିତ ହୋଇଥିବା ଡ୍ରାଫ୍ଟ ଭୋଟର ତାଲିକାରୁ ୮୫ ଲକ୍ଷରୁ ଅଧିକ ଭୋଟରଙ୍କ ନାମ ବାଦ୍ ଦିଆଯାଇଛି ବୋଲି ସେ କହିଛନ୍ତି। ରାଜ୍ୟରେ ମୋଟ ୭.୬ କୋଟି ଭୋଟରଙ୍କ ମଧ୍ୟରୁ ୧.୬୬ କୋଟି ଭୋଟରଙ୍କ ନାଗରିକତା ଉପରେ ପ୍ରଶ୍ନ ଉଠିଛି। ସେମାନଙ୍କୁ ସେମାନଙ୍କ କାଗଜପତ୍ରର ପୁନଃ ଯାଞ୍ଚ କରିବା ପାଇଁ ଶୁଣାଣି ନୋଟିସ ପଠାଯାଇଛି। ବୟସ୍କ ଲୋକ, ଏପରିକି ପ୍ରସିଦ୍ଧ ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନଙ୍କୁ ମଧ୍ୟ ନୋଟିସ ପଠାଯାଇଛି। କେବଳ ସେତିକି ନୁହେଁ, ଠିକ୍ ଭାବେ ନିର୍ଦ୍ଦେଶ ପାଳନ ନକଲେ ବିଏଲ୍ଓମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରକ୍ରିୟା ଅବଲମ୍ବନ କରାଯାଉଛି ବୋଲି ସେ କହିଛନ୍ତି।

ଇତିମଧ୍ୟରେ ଲୋକସଭାରେ ବିରୋଧୀ ଦଳ ନେତା ତଥା ବିରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପୁଣିଥରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍)କୁ ନେଇ ନିଜର ପୁରୁଣା ମନ୍ତବ୍ୟକୁ ଦୋହରାଇଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ସେ ଏସ୍ଆଇଆର୍କୁ ଭୋଟ ଚୋରିର ଏକ ମାଧ୍ୟମ ବୋଲି ଦର୍ଶାଇବାକୁ ଚେଷ୍ଟା କରିଛନ୍ତି। ସେ ଅଭିଯୋଗ କରି କହିଛନ୍ତି ଯେ, ଗୁଜରାଟରେ ଏସ୍ଆଇଆର୍ ଯାହା କିଛି କରାଯାଉଛି, ତାହା କୌଣସି ପ୍ରଶାସନିକ ପ୍ରକ୍ରିୟା ନୁହେଁ। ଏହା ଏକ ସୁନିୟୋଜିତ, ସଂଗଠିତ ଓ ରଣନୈତିକ ଭୋଟ ଚୋରି। ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ, ଗୋଟିଏ ନାମରେ ହଜାର ହଜାର ଆପତ୍ତି ଦାଖଲ କରାଯାଇଛି। ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ଓ କଂଗ୍ରେସର ସମର୍ଥିତ ବୁଥ୍ରୁ ବାଛି ବାଛି ଭୋଟ୍ କଟାଯାଉଛି। ଯେଉଁଠାରେ ବିଜେପି ହାରିବାର ଆଶଙ୍କା ରହିଛି, ସେଠାରେ ଭୋଟରଙ୍କୁ ସମ୍ପୂର୍ଣ୍ଣ ପ୍ରଣାଳୀରୁ ହଟାଇ ଦିଆଯାଉଛି। ଦେଶର ବିଭିନ୍ନ ରାଜ୍ୟରେ ଏହା ଦେଖିବାକୁ ମିଳିଛି। ଏଥିପାଇଁ ସେ ନିର୍ବାଚନ କମିସନଙ୍କୁ ମଧ୍ୟ ଦୋଷାରପ କରିଛନ୍ତି। ନିର୍ବାଚନ କମିସନ ଆଉ ଗଣତନ୍ତ୍ରର ରକ୍ଷକ ହୋଇ ରହିନାହିଁ, ବରଂ ଏହା ଭୋଟ ଚୋରି ଷଡ଼ଯନ୍ତ୍ରରେ ପ୍ରମୁଖ ସହଯୋଗୀ ପାଲଟିଛି ବୋଲି ରାହୁଲ ଗାନ୍ଧୀ କହିଛନ୍ତି।

## ଯୁଦ୍ଧବିରତି ଆଲୋଚନା ମଧ୍ୟରେ ୟୁକ୍ରେନ ଉପରେ ବଡ଼ ଧରଣର ଆକ୍ରମଣ



କିଭ୍, ୨୪ା୧(ଏଜେନ୍ସି): ଆମେକରିକାର ମଧ୍ୟସ୍ଥତାରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ର ରାଜଧାନୀ ଦୋହାରେ ରୁଷିଆ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧବିରତି ନେଇ ଆଲୋଚନା ଚାଲି ଥିବା ବେଳେ ରୁଷିଆ ୟୁକ୍ରେନ ଉପରେ ପୁଣି ଏକ ବଡ଼ଧରଣର ଆକ୍ରମଣ କରିଛି। ୟୁକ୍ରେନ ରାଜଧାନୀ କିଭ୍ ଉପରେ ରୁଷିଆ ଆକାଶମାର୍ଗରୁ ଶହ ଶହ ସଂଖ୍ୟାରେ ଡ୍ରୋନ ଓ ମିସାଇଲ ଦ୍ୱାରା ଆକ୍ରମଣ କରିଛି। ଏଥିରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଥିବା ବେଳେ ୧୮ ଜଣ ଆହତ ହୋଇଛନ୍ତି। ୟୁକ୍ରେନର ଦ୍ୱିତୀୟ ବୃହତ୍ତମ ସହର ଖାରକିଭ୍ରେ ଉପରେ ମଧ୍ୟ ଆକ୍ରମଣ କରିଛି ଓ ଏଥିରେ ୧୪ ଜଣ ଆହତ ହୋଇଛନ୍ତି। ଏହି ଆକ୍ରମଣ ଫଳରେ ଯୁଦ୍ଧବିରତି ନେଇ ଚାଲିଥିବା ଆଲୋଚନା ବିଫଳ ହେବା ନିଶ୍ଚିତ ମନେ ହେଉଛି। ଦ୍ୱିତୀୟ ଦିନର ଆଲୋଚନା ପୂର୍ବରୁ ହିଁ ଏହି ଆକ୍ରମଣ ହୋଇଛି। ରୁଷିଆର ଆକ୍ରମଣ ପାଇଁ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କୁ ୟୁକ୍ରେନ ସମାଲୋଚନା କରିଛି। ଶନିବାର ଆଲୋଚନା ଶେଷ ହେବାର କାର୍ଯ୍ୟକ୍ରମ ଥିଲା। ଶାନ୍ତି ପ୍ରତିଷ୍ଠା ପ୍ରତି ପୁତିନଙ୍କ ସ୍ପୃହା ନାହିଁ ବୋଲି ଏଥିରୁ ସ୍ପଷ୍ଟ ହେଉଛି ବୋଲି କୁହାଯାଇଛି। ୨୦୨୨ ଫେବୃଆରୀରୁ ରୁଷିଆ ୟୁକ୍ରେନ ଉପରେ ବଡ଼ ଧରଣର ଆକ୍ରମଣ ଆରମ୍ଭ କରିଥିଲା। ଏହି ଯୁଦ୍ଧକୁ ରୋକିବା ପାଇଁ ଆମେରିକା ଉଭୟ ରୁଷିଆ ଓ ୟୁକ୍ରେନ ଉପରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ଚାପ ପକାଇଆସୁଛି। କିନ୍ତୁ ଏପର୍ଯ୍ୟନ୍ତ କୌଣସି ନିଷ୍କର୍ସ ବାହାରିପାରିନାହିଁ।

# କଂଗ୍ରେସ ସହ ଅପରେସନ ସିନ୍ଦୂର ନେଇ ଅସହମତି: ଥରୁର


ତିରୁଅନନ୍ତପୁରମ, ୨୪ା୧(ଏଜେନ୍ସି): କଂଗ୍ରେସ ବରିଷ୍ଠ ନେତା ତଥା ସାଂସଦ ଶଶି ଥରୁର ଶନିବାର ପୁଣି ଥରେ ଦଳ ସହ ଥିବା ତାଙ୍କ ସମ୍ପର୍କକୁ ନେଇ ସ୍ପଷ୍ଟୀକରଣ ଦେଇଛନ୍ତି। କଂଗ୍ରେସ ସହ ମୋର କୌଣସି ମତଭେଦ ନାହିଁ। ସଂସଦରେ କଂଗ୍ରେସର କୌଣସି ମତକୁ ବିରୋଧ କରିନାହିଁ। ଏକମାତ୍ର ପ୍ରସଙ୍ଗ ଥିଲା 'ଅପରେସନ ସିନ୍ଦୂର'। ଏହା ଉପରେ ନୀତିଗତ ଭାବେ ଭିନ୍ନ୍ ମତ ରଖିଥିଲି ବୋଲି ସେ କହିଛନ୍ତି। ଥରୁର କହିଛନ୍ତି ଯେ, ଏହି ପ୍ରସଙ୍ଗରେ ଏକ ଦୃଢ଼ ମତାମତ ଦେଇଥିଲି। କିନ୍ତୁ ଏଥିପାଇଁ କ୍ଷମା ମାଗିବି ନାହିଁ। ପହଲଗାମ ଘଟଣା ପରେ, ମୁଁ ନିଜେ ଇଣ୍ଡିଆନ ଏକ୍ସପ୍ରେସରେ ସ୍ତମ୍ଭ ଲେଖିଥିଲି। ସେଥିରେ ମୁଁ କହିବାକୁ ପ୍ରୟାସ କରିଥିଲି ଯେ, ଏପରି ଘଟଣାକୁ ବିନା ଦଣ୍ଡରେ ଛଡ଼ା ଯାଇପାରିବ ନାହିଁ ଓ ଏହାର କଡ଼ା ଜବାବ ଦେବା ନିହାତି ଆବଶ୍ୟକ। ତିରୁଅନନ୍ତପୁରମର ସାଂସଦ ଥିବା ଥରୁର ଶନିବାର କୋଝିକୋଡ଼ରେ କେରଳ ସାହିତ୍ୟ ମହୋତ୍ସବ ସମୟରେ ଏହି ମନ୍ତବ୍ୟ ଦେଇଥିଲେ। ଅପରେସନ ସିନ୍ଦୂର ସମ୍ପର୍କରେ ଦୃଢ଼ ମତ ପୋଷଣ କରିଥିଲେ ମଧ୍ୟ ମୋର କୌଣସି ଅନୁତାପ ନାହିଁ। ଭାରତ ବିକାଶ ଉପରେ ଧ୍ୟାନ ଦେବା ଉଚିତ ଓ ପାକିସ୍ତାନ ସହ ଦୀର୍ଘକାଳୀନ ସଂଘର୍ଷରେ ଫସି ରହିବା ଉଚିତ ନୁହେଁ। ଯେଉଁ ପରାମର୍ଶ ଦେଇଥିଲେ ଭାରତ ସରକାର ଠିକ ତାହା କରିଥିଲେ। ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ମତଭେଦ ଥାଇପାରେ, କିନ୍ତୁ ଜାତୀୟ ସ୍ୱାର୍ଥରେ କେବଳ ଭାରତ ଜିତିବା ଉଚିତ। କଂଗ୍ରେସର ଦଳୀୟ ନେତୃତ୍ୱକୁ ଯାହା କହିବାକୁ ଚାହୁଁଥିଲି ତାହା କହିସାରିଛି। ଏହାକୁ ନେଇ ସାର୍ବଜନୀନ ଭାବେ ଆଲୋଚନା କରିବା ମୋ ପାଇଁ ଠିକ୍ ନୁହେଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ବିଧାନକୁ ପବିତ୍ର ବୋଲି ବିବେଚନା କରନ୍ତି। ସମ୍ବିଧାନକୁ ବିରୋଧ କରୁଥିବା ଆରଏସ୍ଏସ୍ ଭଳି ସଂଗଠନ ଏବେ ଏହାକୁ ଆପଣାଇଛନ୍ତି। ତେଣୁ ସମ୍ବିଧାନ ସମୟର କଷଟି ପଥରରେ ନିଜକୁ ପ୍ରମାଣିତ କରି ଆହୁରି ଦୃଢ଼ ହୋଇପାରିଛି ବୋଲି ଥରୁର କହିଛନ୍ତି।

## ୟୁପିର ୭୪ଟି ଜିଲ୍ଲା ବ୍ଲାକ୍ଆଉଟ୍, ଯୁଦ୍ଧ ସାଇରନ, ଡମି ମିସାଇଲ



ଲକ୍ଷ୍ନୌ, ୨୪ା୧(ଏଜେନ୍ସି): ଉତ୍ତର ପ୍ରଦେଶର ୭୪ଟି ଜିଲ୍ଲାରେ ଶୁକ୍ରବାର ସନ୍ଧ୍ୟାରେ ବ୍ଲାକ୍ଆଉଟ୍ ଜାରି କରାଯାଇଥିଲା। ସାଇରନ ବାଜିବା ସହିତ ମକ୍ଡ୍ରିଲ୍ରେ ଅନ୍ଧାର ଛାଇ ଯାଇଥିଲା। ଗୋରଖପୁରରେ ଏକ ଡମି ମିସାଇଲ ପଡ଼ିଥିବା ବେଳେ, ବିସ୍ଫୋରଣ ଶବ୍ଦ ଶୁଣି ଲୋକମାନେ ଭୂଇଁ ଉପରେ ଶୋଇ ପଡ଼ିଥିଲେ। ବାରାଣସୀରେ ଏକ କୋଠାରେ ଫସି ରହିଥିବା ଜଣେ ମହିଳାଙ୍କୁ ଦଉଡ଼ି ସାହାଯ୍ୟରେ ଉଦ୍ଧାର କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଅପରେସନ ସିନ୍ଦୂର ସମୟରେ ସମାନ ପ୍ରକାର ମକ୍ ଡ୍ରିଲ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଲକ୍ଷ୍ନୌ ପୁଲିସ ଲାଇନ୍ସରୁ ଏହି ମକ୍ ଡ୍ରିଲର ତଦାରଖ କରିଥିଲେ ଓ ଅଂଶଗ୍ରହଣ କରିଥିବା ସମସ୍ତ ଦଳକୁ ପ୍ରଶଂସା କରିଥିଲେ। ସୁଭାଷ ବୋଷଙ୍କ ଜନ୍ମ ବାର୍ଷିକୀରେ ଉତ୍ତର ପ୍ରଦେଶରେ ୧୦ ମିନିଟ୍ ପାଇଁ ବ୍ଲାକ ଆଉଟ୍ ଜାରି କରାଯାଇଥିଲା। ଶତ୍ରୁଠାରୁ ସ୍ଥାନ ଲୁଚାଇବା ଓ ଯୁଦ୍ଧ ସମୟରେ ବିମାନ ଆକ୍ରମଣ ଭଳି ପରିସ୍ଥିତିରେ ସୁରକ୍ଷା ପ୍ରସ୍ତୁତ କରିବା ନେଇ ଆୟୋଜନ ହେଉଥିବା ଏହି ପ୍ରକ୍ରିୟାକୁ ମକ୍ ଡ୍ରିଲ କୁହାଯାଇଥାଏ। ଏଥିରେ ସିଭିଲ ଡିଫେନ୍ସ, ଏନ୍ଡିଆର୍ଏଫ୍, ହୋମଗାର୍ଡ, ଅଗ୍ନିଶମ ବାହିନୀ, ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟାନ୍ୟ ସୁରକ୍ଷା ଏଜେନ୍ସିଗୁଡ଼ିକ ଏହି ମକ୍ଡ୍ରିଲ୍ରେ ଅଂଶଗ୍ରହଣ କରିଥିଲେ। ପ୍ରଶାସନ ପୂର୍ବରୁ ସମସ୍ତ ଜିଲ୍ଲାରେ ଏଥିପାଇଁ ସ୍ଥାନ ଚିହ୍ନଟ କରିଥିଲେ।

## ପ୍ରେକ୍ଷାଳୟରେ ବର୍ଡର-୨ର ଦମ୍ଦାର ଆରମ୍ଭ



ନୂଆଦିଲ୍ଲୀ, ୨୪ା୧(ଏଜେନ୍ସି): ସନ୍ନି ଦେଓଲଙ୍କ ବହୁ ଚର୍ଚ୍ଚିତ ଫିଲ୍ମ 'ବର୍ଡର-୨' ଶୁକ୍ରବାର ମୁକ୍ତିଲାଭ କରିବା ମାତ୍ରେ ହିଁ ଦମ୍ଦାର ଆରମ୍ଭ କରିଛି। ପାଖାପାଖି ୩୦ ବର୍ଷ ତଳେ ଅର୍ଥାତ ୧୯୯୭ରେ ଜେପି ଦତ୍ତାଙ୍କ ନିର୍ଦ୍ଦେଶନାରେ 'ବର୍ଡର' ଫିଲ୍ମ ମୁକ୍ତିଲାଭ କରି ବେଶ ଆଦୃତ ହେବା ସହ ସୁପର ହିଟ୍ ସାବ୍ୟସ୍ତ ହୋଇଥିଲା। ଲୋକେ ଯୁଦ୍ଧକୁ ନେଇ ନିର୍ମିତ ହୋଇଥିବା ଏହି ସିନେମାକୁ ବହୁତ ପସନ୍ଦ କରିଥିଲେ। ଏବେ ଏହାର ସିକ୍ୱେଲ ବର୍ଡର-୨ ମୁକ୍ତି ଲାଭ କରିଛି। ଏହାକୁ ଲୋକେ ପସନ୍ଦ କରିବେ କି ନା ସେ ନେଇ ଆଶଙ୍କା ପ୍ରକାଶ ପାଇଥିଲା। କିନ୍ତୁ ଏହି ଆଶଙ୍କା ଦୂର ହୋଇଛି। ବର୍ଡର-୨ ଭଲ ବ୍ୟବସାୟ ଆରମ୍ଭ କରିଛି। ପ୍ରଥମ ଦିନରେ ହିଁ ଏହି ସିନେମା ୩୨.୧୦ କୋଟି ଟଙ୍କା ଆୟ କରିଛି ବୋଲି ଏହି ସିନେମାର ନିର୍ମାତାମାନେ ପ୍ରେସ ବିଜ୍ଞପ୍ତି ଜାରି କରି ସୂଚନା ଦେଇଛନ୍ତି। ଏହିଭଳି ବ୍ୟବସାୟ ବଜାୟ ରଖିଲେ ବର୍ଡର-୨ ସୁପର ହିଟ୍ ହେବ ବୋଲି କୁହାଯାଇପାରେ। ଏଥିରେ ସନି ଦେଓଲଙ୍କ ସହ ବରୁଣ ଧାୱନ, ଦିଲଜିତ ଦୋସାଞ୍ଜ, ଆହାନ ସେଟ୍ଟୀ, ମୋନା ସିଂ, ସୋନମ ବାଜେଜା, ଅନ୍ୟା ସିଂ ଓ ମେଧା ରାଣା ପ୍ରମୁଖ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଅନୁରାଗ ସିଂ ଏହାର ନିର୍ଦ୍ଦେଶନା ଦେଇଛନ୍ତି।



ସାଧାରଣତନ୍ତ୍ର ଦିବସ ପାଇଁ ରାଜଧାନୀର ଗାନ୍ଧୀମାର୍ଗରେ ପରେଡ୍ ଅଭ୍ୟାସ

# ଋଣ କରାଇଦେବାକୁ କହି ୩ କୋଟି ଠକେଇ

କପ୍ତିପଦା, ୨୪।୧(ସମିସ): ଋଣ କରାଇଦେବା ନାଁରେ ଗ୍ରାମାଞ୍ଚଳ ମହିଳାଙ୍କଠାରୁ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଜଣେ ଧୂର୍ତ୍ତ ମହିଳାଙ୍କୁ କପ୍ତିପଦା ପୁଲିସ ଭୁବନେଶ୍ୱରରୁ ଗିରଫ କରିଛି। ସେ ହେଲେ, କେନ୍ଦୁଝର ଜିଲ୍ଲା ବଲାଣି ଥାନା ଅଞ୍ଚଳର ବିନୋଦିନୀ ନାୟକ। ଗିରଫଦାରୀରୁ ବର୍ତ୍ତିବା ପାଇଁ ସେ ବାରମ୍ବାର ସ୍ଥାନ ଓ ମୋବାଇଲ ନମ୍ବର ବଦଳାଇ ଚାଲିଥିଲେ। ତେବେ ସେ ଭୁବେନଶ୍ୱର ହଂସପାଳ ଅଞ୍ଚଳରେ ଥିବା ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ପୁଲିସ ତାଙ୍କୁ ସେଠାରୁ ଗିରଫ କରିଛି। ତାଙ୍କୁ ସ୍ୱଧାର ଗୃହକୁ ପଠାଇ ଦିଆଯାଇଛି।



ପୁଲିସ୍ ସୂଚନାନୁଯାୟୀ, ବିନୋଦିନୀ ନିଜକୁ ଶ୍ରମ ବିଭାଗର ଜଣେ ଉଚ୍ଚପଦସ୍ଥ ଅଧିକାରୀ ବୋଲି ପରିଚୟ ଦେଉଥିଲେ। ସେ ବିଶେଷକରି ଗ୍ରାମାଞ୍ଚଳର ମହିଳାଙ୍କୁ ଟାର୍ଗେଟ୍ କରୁଥିଲେ। କମ୍ ସୁଧରେ ଋଣ କରାଇଦେବାର ପ୍ରତିଶ୍ରୁତି ଦେଇ ସେ ସେମାନଙ୍କୁ ଚୂନ ମାରୁଥିଲେ। ଋଣ ପାଇଁ ସେ ମହିଳାଙ୍କଠାରୁ ଅଗ୍ରିମ ଆକାରରେ କିଛି ଟଙ୍କା ନେବା ପରେ ଆଉ ଧରାଛୁଆଁ ଦେଉନଥିଲେ। ଏମିତି ଉପାୟରେ ସେ କେବଳ କପ୍ତିପଦା ଥାନା ପରାସୀବାଡ଼ି ଅଞ୍ଚଳରୁ ୩୦ଲକ୍ଷରୁ ଉର୍ଦ୍ଧ ଟଙ୍କା ନେଇ ଯାଇଥିଲେ। କିନ୍ତୁ ନା ମହିଳାଙ୍କୁ ଋଣ ଟଙ୍କା ମିଳିଥିଲା ନା ସେମାନେ ବିନୋଦିନୀଙ୍କୁ ଦେଇଥିବା ଟଙ୍କା ଫେରିପାଇଥିଲେ। ଠକାମିର ଶିକାର ହୋଇଥିବା ଜାଣିବା ପରେ ସେମାନେ କପ୍ତିପଦା ଥାନାରେ ଅଭିଯୋଗ କରିଥିଲେ। ଘଟଣାକୁ ଗୁରୁତ୍ୱର ସହ ନେଇ ପୁଲିସ୍ ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ ବିନୋଦିନୀ ବାରମ୍ବାର ନିଜର ଠିକଣା ଓ ମୋବାଇଲ୍ ନମ୍ବର ବଦଳାଉଥିବାରୁ ପୁଲିସ୍ ତାଙ୍କର ଟେର୍ ପାଇପାରିନଥିଲା। ତେବେ ବିନୋଦିନୀ ଭୁବନେଶ୍ୱର ହଂସପାଳ ଅଞ୍ଚଳରେ ଆତ୍ମଗୋପନ

## ହଂସପାଳରୁ ମହିଳାଙ୍କୁ ଟେକିନେଲା କପ୍ତିପଦା ପୁଲିସ

କରିଥିବା ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିବା ପରେ ପୁଲିସ ସେଠାରେ ଚଢ଼ଉ କରି ତାଙ୍କୁ ଗିରଫ କରିଥିଲା। ତଦନ୍ତ ବେଳେ ପୁଲିସ ବିନୋଦିନୀଙ୍କ କାରନାମା ଦେଖି ତାଜୁବ୍ ହୋଇଯାଇଥିଲା। ଏପରି ଉପାୟରେ ବିନୋଦିନୀ ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରାୟ ୩କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଜଣାପଡ଼ିଛି। କପ୍ତିପଦା ସମେତ ଉଦଳା, ଭଂଜପୁର ଏବଂ ଭୁବନେଶ୍ୱରର ଖାରବେଳନଗର ଓ ବାଲିପାଟଣା ଥାନାରେ ତାଙ୍କ ନାଁରେ ଅଭିଯୋଗ ରହିଛି।

ଗାଁରୁ ସହର ଯାଏଁ ସବୁଠି ରାଜ୍ୟସଭା ନିର୍ବାଚନ ଚର୍ଚ୍ଚା

# କ୍ରସ୍ ଭୋଟିଂକୁ ନେଇ ବଢ଼ିଲାଣି ଆଶଙ୍କା

ଭୁବନେଶ୍ୱର,୨୪।୧(ସମିସ): ଓଡ଼ିଶାରେ ଆସନ୍ତା ଏପ୍ରିଲ ମାସରେ ୪ଟି ରାଜ୍ୟସଭା ଆସନ ଖାଲି ହେବାକୁ ଯାଉଛି। ଏହି ୪ଟି ଆସନରେ ସମ୍ଭାବ୍ୟ ପ୍ରାର୍ଥୀତ୍ୱ ଏବଂ କାହା ପାଖକୁ କେତେ ଆସନ ଯିବ, ସେନେଇ ସାଧାରଣରେ ଆଲୋଚନା ଜୋର୍ ଧରିଲାଣି। ଗାଁ ଛକରୁ ରାଜଧାନୀ ଖଟି ଯାଏଁ ରାଜ୍ୟସଭା ନିର୍ବାଚନକୁ ନେଇ ସମସ୍ତେ

- ହ୍ୱିପ୍ ଅମାନ୍ୟ କଲେ ମଧ ନାକଚ ହେବନି ଭୋଟ
- ସଂଶୟ ଦୂର କଲେ ବିଶେଷଜ୍ଞ, ରାଜ୍ୟସଭା ନିର୍ବାଚନ ସ୍ୱତନ୍ତ୍ର ପ୍ରକ୍ରିୟା
- ଅନୁଶାସନ କାର୍ଯ୍ୟାନୁଷ୍ଠାନ ନେଇପାରିବ ଦଳ; ମାତ୍ର ରଦ୍ଦ ହେବନି ସଦସ୍ୟତା

ନିଜ ନିଜ ସ୍ତରରେ ଅଙ୍କ କଷିବାରେ ଲାଗିଛନ୍ତି। ତେବେ ରାଜ୍ୟସଭା ନିର୍ବାଚଚନରେ ଦଳୀୟ ହ୍ୱିପ୍, ହ୍ୱିପ୍ ଅମାନ୍ୟ ଏବଂ ବିଧାୟକ ଭାବେ ସଦସ୍ୟ ପଦକୁ ନେଇ ସାଧାରଣରେ ଭିନ୍ନ ଭିନ୍ନ ମତପ୍ରକାଶ ପାଉଛି। ଏହି ସଂଶୟକୁ ନେଇ ସ୍ୱଷ୍ଟୋକ୍ତି ରଖିଛନ୍ତି ସମ୍ବିଧାନ ବିଶେଷଜ୍ଞ। ରାଜ୍ୟସଭା ନିର୍ବାଚନରେ ଯଦିଓ ଦଳ ପକ୍ଷରୁ ହ୍ୱିପ୍ ଜାରି କରାଯାଏ, ମାତ୍ର ହ୍ୱିପ୍ ବିରୋଧରେ ଭୋଟ ଦେଲେ ତାହା ନାକଚ ହେବ ନାହିଁ। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ଯଦି ଜଣେ ବିଧାୟକ ନିଜ ଦଳର ହ୍ୱିପ୍ ଅମାନ୍ୟ କରି 'କ୍ରସ-ଭୋଟିଂ' କରନ୍ତି, ତଥାପି ତାଙ୍କ ଭୋଟକୁ ଅବୈଧ ବା ନାକଚ କରାଯାଇପାରିବ ନାହିଁ। ସେହି ଭୋଟ୍ ଗଣତିରେ ସାମିଲ ହେବ ବୋଲି ବିଶେଷଜ୍ଞ ମହଲ ମତପ୍ରକାଶ କରିଛି। ଅପରପକ୍ଷେ ଦଳୀୟ ନିର୍ଦ୍ଦେଶ ଅମାନ୍ୟ ବିରୋଧରେ ଦଳ ଉକ୍ତ ବିଧାୟକଙ୍କୁ ନିଲମ୍ବନ କିମ୍ବା ବହିଷ୍କାର କରିପାରିବ। ମାତ୍ର ସେମାନଙ୍କ ସଦସ୍ୟତା ରଦ୍ଦ ହେବ ନାହିଁ ବୋଲି ସେମାନେ ସ୍ୱଷ୍ଟ କରିଛନ୍ତି।

ସେମାନଙ୍କ ଅନୁଯାୟୀ ରାଜ୍ୟସଭା ନିର୍ବାଚନରେ ଦଳ ବିରୋଧରେ ଭୋଟ୍ ଦେଲେ ସମ୍ବିଧାନର 'ଦଶମ ଅନୁସୂଚୀ' ଅନୁସାରେ ବିଧାୟକ ପଦ ସିଧାସଳଖ ରଦ୍ଦ ହୁଏନାହିଁ। ସେହି ବିଧାୟକ ନିଜ ପଦରେ ରହିପାରିବେ। ତେବେ ହ୍ୱିପ୍ ଅମାନ୍ୟ କରିଥିବା ବିଧାୟକଙ୍କୁ ଦଳ ଚାହିଁଲେ ନିଲମ୍ବିତ କିମ୍ବା ବହିଷ୍କାର କରିପାରିବ। ବହିଷ୍କାର ପରେ ମଧ ସେ ଜଣେ 'ସ୍ୱାଧୀନ' ବା 'ଦଳବିହୀନ' ସଦସ୍ୟ ଭାବେ ବିଧାନସଭାରେ ରହିପାରିବେ। ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ସଂଖ୍ୟା ୫୬/ ସିଏ-ଆଇ/୨୦୧୭ରେ ଏଥିରେ ସ୍ୱଷ୍ଟ ଭାବରେ ଉଲ୍ଲେଖ ରହିଛି। ତେବେ ଏହି ନିୟମ ଅନୁଯାୟୀ ବିଧାୟକମାନେ ନିଜ ଦଳର ଏଜେଣ୍ଟଙ୍କୁ ବାଲଟ୍ ପେପର ଦେଖାଇବାକୁ ବାଧ। ଯଦି ସେ ଏଜେଣ୍ଟଙ୍କୁ ବାଲଟ୍ ନଦେଖାନ୍ତି, ତେବେ ଭୋଟ୍ ନାକଚ ହେବାର ବ୍ୟବସ୍ଥା ମଧ ରହିଛି। ଏନେଇ ୨୦୦୬ ମସିହାରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଥିଲେ। କୁଲଦୀପ ନାୟାର ବନାମ ଭାରତ ସରକାର (୨୦୦୬) ମାମଲାରେ ସୁପ୍ରିମକୋର୍ଟ ସ୍ୱଷ୍ଟ କରିଥିଲେ ଯେ ରାଜ୍ୟସଭା ନିର୍ବାଚନରେ 'ଖୋଲା ବାଲଟ୍' ବ୍ୟବସ୍ଥା ରହିଛି। ଜଣେ ବିଧାୟକ କାହାକୁ ଭୋଟ୍ ଦେଉଛନ୍ତି, ତାହା ତାଙ୍କ ଦଳର ଅଧିକୃତ ଏଜେଣ୍ଟଙ୍କୁ ଦେଖାଇବା ବାଧତାମୂଳକ। ଯଦି ଜଣେ ବିଧାୟକ ଦଳର ନିର୍ଦ୍ଦେଶ ବିରୋଧରେ ଭୋଟ୍ ଦିଅନ୍ତି, ତେବେ ତାହା ଦଳ ପ୍ରତି ବିଶ୍ୱାସଘାତକତା ଭାବେ ଗଣାଯିବ ଏବଂ ଦଳ ତାଙ୍କ ବିରୋଧରେ ଅନୁଶାସନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ବୋଲି ସୁପ୍ରିମକୋର୍ଟ କହିଥିଲେ। ଅପରପକ୍ଷେ ରବି ଏସ୍. ନାଏକ ବନାମ ୟୁନିୟନ ଅଫ୍ ଇଣ୍ଡିଆ ମାମଲାରେ ସୁପ୍ରିମକୋର୍ଟ କହିଥିଲେ ଯେ ଯଦି ଜଣେ ସଦସ୍ୟ ଦଳର ହ୍ୱିପ୍ ଅମାନ୍ୟ କରନ୍ତି, ତେବେ ଏହାକୁ 'ସ୍ୱେଚ୍ଛାକୃତ ଭାବେ ଦଳର ସଦସ୍ୟତା ତ୍ୟାଗ କରିବା' ବୋଲି ଧରାଯାଇପାରେ।

ତେବେ ଆଗକୁ ରାଜ୍ୟର ୪ଟି ଆସନ ଖାଲି ହେବାକୁଥିବାବେଳେ ଏବେଠାରୁ ହ୍ୱିପ୍ ଅମାନ୍ୟ ଏବଂ କ୍ରସ୍ ଭୋଟିଂକୁ ନେଇ ଆଶଙ୍କା ଦେଖାଦେଲାଣି। ଅପରପକ୍ଷେ ସଦ୍ୟ ବିଜେଡିରୁ ନିଲମ୍ବନ ହୋଇଥିବା ୨ ବିଧାୟକ କାହାକୁ ଭୋଟ୍ ଦେଉଛନ୍ତି, ତାହାକୁ ନେଇ ମଧ ସାଧାରଣର ନଜର ରହିଛି।

# ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ବିଷମକଟକ,୨୪।୧(ସମିସ): ବିଷମକଟକ ଥାନା ଚାଟିକୋଣା ମାଲିସାହିରେ ସଂଘଟିତ ଏକ ହତ୍ୟା ମାମଲାର ଶୁଣାଣି କରି ବିଷମ କଟକ ଅତିରିକ୍ତ ଜିଲ୍ଲାଜଜ୍ ଶନିବାର ଅଭିଯୁକ୍ତ ଲକିନାଥ ପ୍ରାସ୍କାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଆଉ ଏକ ବର୍ଷ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।



ଗତ ୨୦୨୪ ମସିହା ଅକ୍ଟୋବର ୧ ତାରିଖରେ ଏହି ହତ୍ୟାକାଣ୍ଡ ଘଟିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଲକିରାମ ଉକ୍ତ ରାତିରେ ଘାସିରାମ ଜିଲ୍ଲାକାରାଙ୍କୁ ଗୋଡ଼େଇ ଗୋଡ଼େଇ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଏନେଇ ଅଭିଯୋଗ ହେବା ପରେ ପୁଲିସ ଲକିରାମକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଘଟଣାର ଦେଢ଼ବର୍ଷ ପରେ ସମସ୍ତ ସାକ୍ଷ୍ୟ, ପ୍ରମାଣକୁ ଭିତ୍ତି କରି ଆଜି ବିଷମକଟକ ଅତିରିକ୍ତ ଜିଲ୍ଲା ଜଜ୍ ତାକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରୀ ଓକିଲ ପ୍ରଶାନ୍ତ କୁମାର ରଥ ଏହି ମାମଲା ପରିଚାଳନା କରୁଥିଲେ।

ଅଢ଼େଇ ମାସ ବିତିଲା

# ପ୍ରକାଶ ପାଉନି ଆର୍‌ଆଇ, ଅମିନ ପରୀକ୍ଷା ଫଳ

ଭୁବନେଶ୍ୱର, ୨୪।୧(ସମିସ): ପ୍ରାୟ ଅଢ଼େଇ ମାସ ହେଲା ଆର୍‌ଆଇ, ଏଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର୍ ଆଦି ପଦରେ ନିଯୁକ୍ତି ପାଇଁ ପ୍ରିଲିମିନାରୀ ପରୀକ୍ଷା ଶେଷ ହେଲାଣି। ଏହାରି ମଧ୍ୟରେ ଏସବୁ ପଦରେ ନିଯୁକ୍ତି ପାଇଁ ଆଉ ଏକ ବିଜ୍ଞପ୍ତି ପ୍ରକାଶ ପାଇଲାଣି। ମାତ୍ର ଫଳ ପ୍ରକାଶ କରିବାରେ ଅସମର୍ଥ ହୋଇଛି ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ବା ଓଏସ୍‌ଏସ୍‌ଏସ୍‌ସି। କେବେ ସୁଦ୍ଧା ଫଳ ପ୍ରକାଶ ପାଇବ ଓ ମୁଖ୍ୟ ପରୀକ୍ଷା ହୋଇ ନିଯୁକ୍ତି ଦିଆଯିବ ବୋଲି ଆଶାୟୀମାନେ ପ୍ରଶ୍ନ କରିଛନ୍ତି।

**ବିଳମ୍ବିତ ପ୍ରକ୍ରିୟା ପାଇଁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ**

ସୂଚନା ଅନୁଯାୟୀ, ପୂର୍ବରୁ ହୋଇଥିବା ପ୍ରିଲିମିନାରୀ ପରୀକ୍ଷାକୁ ଉଚ୍ଚ ନ୍ୟାୟାଳୟ ରଦ୍ଦ କରିବା ପରେ ଅକ୍ଟୋବର ୮ ତାରିଖରୁ ସାରା ରାଜ୍ୟରେ ପୁନଃ ପ୍ରିଲିମିନାରୀ ପରୀକ୍ଷା ହୋଇ ନଭେମ୍ବର ୧୩ ତାରିଖରେ ଶେଷ ହୋଇଛି। ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ପ୍ରାଥମିକ 'ଆନ୍‌ସାର୍ କୀ' ପ୍ରକାଶ ପାଇଥିଲେ ମଧ ଚୂଡ଼ାନ୍ତ 'ଆନ୍‌ସାର୍ କୀ' ପ୍ରକାଶ ପାଇନାହିଁ। ପରୀକ୍ଷା ସରିବାକୁ ପ୍ରାୟ ଅଢ଼େଇ ମାସ ବିତିଥିଲେ ମଧ ଚୂଡ଼ାନ୍ତ ଆନ୍‌ସାର୍ କି ଏବଂ ମେଧା ତାଲିକା କେବେ ପ୍ରକାଶ ପାଇବ, ସେନେଇ ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ କୌଣସି ସୂଚନା ଦିଆଯାଉ ନାହିଁ।

ଅପରପକ୍ଷରେ ନିଯୁକ୍ତି ପ୍ରକ୍ରିୟାକୁ ନିର୍ଭୁଲ୍ ଓ ତ୍ୱରାନ୍ୱିତ କରିବା ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ପରୀକ୍ଷା କରାଯାଇଛି। ହେଲେ କେଉଁ କାରଣରୁ ଫଳ ପ୍ରକାଶନରେ ବ୍ୟାପକ ବିଳମ୍ବ ହେଉଛି, ସେନେଇ ଅଧିକାରୀମାନେ ମଧ ମୁହଁ ଖୋଲୁ ନାହାନ୍ତି। ଏହି ପରୀକ୍ଷା ପାଇଁ ୨୦୨୩ ଡିସେମ୍ବରରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତିକୁ ୨ ବର୍ଷରୁ ଅଧିକ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ ତ୍ୱରିତ ନିଯୁକ୍ତି ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ତୁରନ୍ତ ଚୂଡ଼ାନ୍ତ ଆନସାର୍ ପ୍ରକାଶ କରିବା ସହ ମେଧା ତାଲିକା ପ୍ରକାଶ କରିବାକୁ ଆଶାୟୀମାନେ ଦାବି କରିଛନ୍ତି।

ବାଂଲାଦେଶୀ ସନ୍ଦେହ

# ପ.ବଙ୍ଗ ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼

ବାଲେଶ୍ୱର(ଉତ୍ତର),୨୪।୧(ସମିସ): ବାଂଲାଦେଶୀ ସନ୍ଦେହରେ ପଶ୍ଚିମବଙ୍ଗର ଜଣେ ଯୁବକଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ଚନ୍ଦନେଶ୍ୱର ଅଞ୍ଚଳରେ ଆଜି ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବାଜିତପୁର ମହାନ୍ତି ଛକଠାରେ ଏହି ଅଘଟଣ ଘଟିଛି। ଯୁବକଜଣଙ୍କ ଜୀବନ ବିକଳରେ ବାରମ୍ବାର କାକୁତିମିନତି ହୋଇଥିଲେ ହେଁ କେହି ତାଙ୍କ କଥା ଶୁଣିନଥିଲେ। ଆକ୍ରମଣରେ ଯୁବକଜଣଙ୍କ ଗୁରୁତର ଆହତ ହୋଇଛନ୍ତି। ଅପରପକ୍ଷେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।



ସୂଚନାନୁଯାୟୀ, ଯୁବକଜଣଙ୍କ ଆଜି କୌଣସି କାମରେ ଚନ୍ଦନେଶ୍ୱର ଅଞ୍ଚଳକୁ ଆସିଥିଲେ। ସେ ବଙ୍ଗଳାରେ କଥାବର୍ତ୍ତା କରୁଥିବାରୁ ସ୍ଥାନୀୟ କିଛି ଲୋକ ତାଙ୍କ ଉପରେ ସନ୍ଦେହ କରିଥିଲେ। ପରେ ସେମାନେ ଏକାଠି ହୋଇ ଯୁବକଙ୍କୁ ପଚରାଉଚରା କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହେବାରୁ ଯୁବକମାନେ ତାଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ପକାଇ ନିସ୍ତୁକ ପିଟି ଚାଲିଥିଲେ। ଯୁବକଜଣଙ୍କ ଯେତେ କାକୁତିମିନତି ହୋଇଥିଲେ ହେଁ ସେମାନେ କିଛି ଶୁଣିନଥିଲେ। ନିର୍ଘାତ ମାଡ଼ ମାରି ଚାଲିଥିଲେ। ତେବେ ଯୁବକଜଣଙ୍କ ଗୁରୁତର ହୋଇପଡ଼ିବା ପରେ ସେମାନେ ତାଙ୍କୁ ଛାଡ଼ି ପଳାଇଥିଲେ। ଏହି ଘଟଣାକୁ ସ୍ଥାନୀୟ ବୁଦ୍ଧିଜୀବୀ ତୀବ୍ର ନିନ୍ଦା କରିଛନ୍ତି। ସେମାନେ କହିଛନ୍ତି ଯେ ପଶ୍ଚିମବଙ୍ଗର ଉକ୍ତ ଯୁବକକୁ ଯଦି ବାଂଲାଦେଶୀ ବୋଲି ସ୍ଥାନୀୟ ଯୁବକମାନଙ୍କ ସନ୍ଦେହ ହେଲା, ତେବେ ନିକଟସ୍ଥ ମେରାଇନ ଥାନା କିମ୍ବା ଚନ୍ଦନେଶ୍ୱର ଫାଣ୍ଡିର ପୁଲିସକୁ ଡାକି ତାର ପ୍ରକୃତ ପରିଚୟ ପରୀକ୍ଷା କରାଯାଇପାରିଥା'ନ୍ତା। ମାତ୍ର ତାହା ନ କରି ଆଇନ ନିଜ ହାତକୁ ନେଇ ଏଭଳି ନୃଶଂସ ଭାବେ ମାଡ଼ ମରାଯିବା ଦୁଇ ରାଜ୍ୟ (ଓଡ଼ିଶା-ପଶ୍ଚିମବଙ୍ଗ) ସଂପର୍କକୁ ତିକ୍ତ କରିବ। ଆଗକୁ ଏହା ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳରେ ହିଂସାକୁ ପ୍ରୋତ୍ସାହିତ କରିପାରେ ବୋଲି ସେମାନେ ଚିନ୍ତା ପ୍ରକଟ କରିଛନ୍ତି।

# ନୂଆ ବଜେଟ ପାଇଁ ପାଗ ଭିଡୁଛନ୍ତି ସରକାର

ଭୁବନେଶ୍ୱର,୨୪।୧(ସମିସ): ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ବଜେଟ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ କରି ସାରିଛନ୍ତି। ଏହିକ୍ରମରେ ଆସନ୍ତା ୨୧ ତାରିଖ ଯାଏଁ ଅର୍ଥ ବିଭାଗ ସାଧାରଣ ଲୋକ ତଥା ନାଗରିକ ସମାଜ ଓ ବିଶେଷଜ୍ଞଙ୍କଠାରୁ ମତାମତ ଲୋଡ଼ିଛି। ତେବେ ଆସନ୍ତା ଆର୍ଥିକ ବର୍ଷ ପାଇଁ ଅର୍ଥ ବିଭାଗ ଅଣ୍ଟା ଭିଡୁଥିବା ବେଳେ ଚଳିତ ବର୍ଷର ବଜେଟ ଖର୍ଚ୍ଚ କିନ୍ତୁ ଆଖିଦୃଶିଆ ହୋଇପାରି ନାହିଁ। କେବଳ ସାମଗ୍ରିକ ବଜେଟ ଅର୍ଥ ବ୍ୟୟ ନୁହେଁ, ପୁଞ୍ଜି ବ୍ୟୟ ମଧ ଗତବର୍ଷ ତୁଳନାରେ ୧୫ ପ୍ରତିଶତ କମ୍ ହୋଇଥିବା ଜଣାପଡ଼ିଛି। ତୃଣମୂଳସ୍ତରରେ ଉନ୍ନୟନ ମୂଳକ କାମ୍ ସଠିକ୍ ଢଙ୍ଗରେ କାର୍ଯ୍ୟାନ୍ୱୟନ ନହେବା, ବିଳମ୍ବରେ ଅନୁମୋଦନ ଲାଭ କରିବା ଏହାର ପ୍ରମୁଖ କାରଣ ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟ ସରକାର ମୋଟ ବଜେଟ ଆବଣ୍ଟିତ ଅର୍ଥର ୪୯ ପ୍ରତିଶତ ଅର୍ଥାତ୍ ୧ ଲକ୍ଷ ୪୨ ହଜାର ୨୨୬ କୋଟି ଟଙ୍କା ଖର୍ଚ୍ଚ ହୋଇପାରିଛି। ସୂଚନାଯୋଗ୍ୟ ଯେ ୨୦୨୪-୨୫ ଆର୍ଥିକ ବର୍ଷରେ ସମାନ ଅବଧି ସମୟରେ ରାଜ୍ୟ ସରକାର ମୋଟ ବଜେଟର ୫୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଥିଲେ। ମୋଟ ବଜେଟ ବ୍ୟୟ ସାଙ୍ଗକୁ ପୁଞ୍ଜି ବ୍ୟୟ ହ୍ରାସ ସରକାରଙ୍କ ଆର୍ଥିକ ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ବରୁ ଗତ ଡିସେମ୍ବର ଶେଷ ସୁଦ୍ଧା ବଜେଟ ଅର୍ଥର

- ଚଳିତ ବର୍ଷର ଆର୍ଥିକ ପରିଚାଳନା ଚିନ୍ତାଜନକ କହିଲେ ବିଶେଷଜ୍ଞ
- ଡିସେମ୍ବର ଶେଷ ସୁଦ୍ଧା ପୁଞ୍ଜି ବ୍ୟୟ ହ୍ରାସ, ଗତବର୍ଷ ତୁଳନାରେ ୧୫ % କମ୍
- ଡିସେମ୍ବର ସୁଦ୍ଧା ୬୦ ପ୍ରତିଶତ ମୋଟ ବଜେଟ ଖର୍ଚ୍ଚ ଲକ୍ଷ୍ୟପ୍ରାପ୍ତି ନୋହିଲା
- ତୃଣମୂଳସ୍ତରରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ବିଳମ୍ବକୁ ଦାୟୀ କଲେ ବିଶେଷଜ୍ଞ

୬୦ ପ୍ରତିଶତ ଖର୍ଚ୍ଚ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ଏ କ୍ଷେତ୍ରରେ ସରକାର ପ୍ରାୟ ୧୧ ପ୍ରତିଶତ ପଛରେ ରହିଛନ୍ତି। ତେବେ ରାଜ୍ୟ ସରକାର କାର୍ଯ୍ୟକ୍ରମ ବ୍ୟୟକ୍ଷେତ୍ରରେ ବିଗତ ଆର୍ଥିକ ବର୍ଷ ତୁଳନାରେ ଭଲ ପ୍ରଦର୍ଶନ କରିଛନ୍ତି। ଗତ ଆର୍ଥିକ ବର୍ଷ ଡିସେମ୍ବରରେ ୪୪ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଥିବା ବେଳେ ଚଳିତ ବର୍ଷ ୪୬ ପ୍ରତିଶତ ହୋଇଥିବା ଜଣାପଡ଼ିଛି। ତେବେ ପୁଞ୍ଜି ବ୍ୟୟ ହ୍ରାସ ସରକାରଙ୍କ ପାଇଁ ନିଶ୍ଚିତ ଭାବେ ଚିନ୍ତାଜନକ ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଡିସେମ୍ବର ଶେଷ ସୁଦ୍ଧା ପୁଞ୍ଜି ବ୍ୟୟ ମାତ୍ର ୨୨୨୮୩୫ କୋଟି ଟଙ୍କା ହୋଇଛି। ଯାହା ମୋଟ ରାଜ୍ୟ ଘରୋଇ ଉତ୍ପାଦ(ଜିଏସଡିପି)ର ମାତ୍ର ୨.୯ ପ୍ରତିଶତ ଅଟେ। ସୂଚନାଯୋଗ୍ୟ ଯେ ପୁଞ୍ଜି ବ୍ୟୟକୁ ଜିଏସଡିପିର ୬.୧ ପ୍ରତିଶତ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହା ସରକାରଙ୍କ ପାଇଁ ନିଶ୍ଚିତ ଭାବରେ ଚିନ୍ତାର ବିଷୟ ହୋଇଥିବା ବେଳେ ସରକାର ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ଖର୍ଚ୍ଚ କରୁଥିବା ପ୍ରମୁଖ ବିଭାଗ ଯଥା ପଞ୍ଚାୟତିରାଜ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଖଣି ଓ ଇସ୍ପାତ, ଶିଳ୍ପ, କୃଷି, ସମବାୟ ପରି ବିଭାଗ ଗୁଡ଼ିକ ଅଧିକ ବଜେଟ ଅର୍ଥ ଖର୍ଚ୍ଚ ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ଅର୍ଥନୀତି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।



# ପ୍ରଶାସନର ଆଢୁଆଳରେ ରହିଯାଇଛି ସରକାରୀ ଯୋଜନା

ଆନନ୍ଦପୁର,୨୪।୧(ସମିସ)



କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ପ୍ରଶାସନର ଆଢୁଆଳରେ ରହିଯାଉଥିବା ମନୋହରପୁର ଅଞ୍ଚଳ ଏବେବି ଲୋକଙ୍କ ପାଇଁ ଅଜଣା ଥିଲା। ୨୭ ବର୍ଷ ତଳେ ୧୯୯୯ ଜାନୁଆରୀ ୨୨ରେ ଏଠାରେ ଘଟିଥିବା ଏକ ଅମାନବୀୟ ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା। ଖ୍ରୀଷ୍ଟଧର୍ମ ପ୍ରଚାରକ ଅଷ୍ଟ୍ରେଲିଆର ନାଗରିକ ଗ୍ରାହାମ୍ ଷ୍ଟେନ୍ସ ଓ ତାଙ୍କର ଦୁଇ ଶିଶୁପୁତ୍ର ଫିଲିପ ଓ ଟିମୋଥିଙ୍କୁ ଜିଅନ୍ତା ଜାଳି ହତ୍ୟା କରାଯାଇଥିଲା। ଏହାପରେ ମନୋହରପୁର ଲୋକଲୋଚନକୁ ଆସିଥିଲା। ଇତିମଧ୍ୟରେ ମନୋହରପୁରରେ ଅନେକ ବିକାଶମୂଳକ କାମ ହୋଇଛି। ତଥାପି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନ କ୍ଷେତ୍ରରେ ସମସ୍ୟା ରହିଛି। ମନୋହରପୁରଗ୍ରାମର ଜରାସାହିରେ ଜଙ୍ଗଲ କ୍ୟାମ୍ପରେ ଯୋଗଦେବାକୁ ଆସିଥିବା ଅଷ୍ଟ୍ରେଲିଆର ଧର୍ମଯାଜକ ଗ୍ରାହମ୍ ଷ୍ଟେନ୍ସ ଓ ତାଙ୍କର ଦୁଇ ନାବାଳକ ପୁଅ ଫିଲିପ ଓ ଟିମୋଥିଙ୍କୁ ଗାଡ଼ି ଭିତରେ ଶୋଇଥିବା ଅବସ୍ଥାରେ ଜାଳି ଦିଆଯାଇଥିଲା। ଏହି ବର୍ବରକାଣ୍ଡ ଆଲୋଡ଼ନ ସୃଷ୍ଟି କରିବା ଦେଶବିଦେଶରୁ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ସୁଅ ଛୁଟିଥିଲା ମନୋହରପୁରକୁ। ଆନନ୍ଦପୁର ସଦର ମହକୁମାଠାରୁ ମନୋହରପୁରର ଦୂରତା ପ୍ରାୟ ୫୦କିମି। ଟିଆଁବେଡ଼ା ଛକରୁ ଏହି ଗ୍ରାମର ଦୂରତା ୨୦କିମି। ପୂର୍ବରୁ ନିର୍ମିତ ହୋଇଥିବା ପିଚୁରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିଲା। ପୂର୍ବତନ ବିଧାୟକ ଭାଗୀରଥି ସେଠୀଙ୍କ ଉଦ୍ୟମରେ ଟିଆଁବେଡ଼ାରୁ ମନୋହରପୁର ପର୍ଯ୍ୟନ୍ତ ୨୦କିମି ରାସ୍ତା ରାସ୍ତା ଓ ଗୃହ ବିଭାଗ ପକ୍ଷରୁ ୨୪କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି। ମନୋହରପୁରରେ ନୂତନ ଥାନା ନିର୍ମାଣ ହୋଇଥିବା ବେଳେ ଖୁବଶୀଘ୍ର ଏହାର ଉଦ୍‌ଘାଟନ ହେବାକୁ ଯାଉଛି। କ୍ରୀଡ଼ାର ବିକାଶ ପାଇଁ ୫୦ଲକ୍ଷ ଟଙ୍କା ବ୍ୟୟରେ ଷ୍ଟାଡିୟମ ନିର୍ମାଣ ଚାଲିଛି। କିଛିବର୍ଷ ତଳେ ଲୋକଲୋଚନକୁ ଆସିଥିବା ସୁନାମୁନି ଜଙ୍ଗଲ ବିଚ୍ ଓ କଣ୍ଢାମୂଳି ଜଳପ୍ରପାତ ଏବେ ଚର୍ଚ୍ଚାରେ ରହିଛି। ଏହି ଦୁଇ ସ୍ଥାନରେ ପର୍ଯ୍ୟଟକଙ୍କ ଭିଡ଼ଜମୁଛି। ଅନ୍ୟପକ୍ଷରେ ୧୯୯୪ରେ ଏଠାରେ ଏକ ହାଇସ୍କୁଲ ପ୍ରତିଷ୍ଠା ହୋଇଥିଲା। ଶିକ୍ଷକ ସମସ୍ୟା ଓ ଉପରିସ୍ଥ ଅଧିକାରୀଙ୍କ ଅଣଦେଖା ଯୋଗୁଁ ତାହା ବନ୍ଦ ହୋଇଯାଇଛି। ଏଠାରେ ଆଜି ପର୍ଯ୍ୟନ୍ତ ଡାକ୍ତରଖାନା ପ୍ରତିଷ୍ଠା ହୋଇପାରିନି। ନିକଟସ୍ଥ ପଣସଡିହା ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ନ ଥିବାରୁ ଲୋକେ ଠାକୁରମୁଣ୍ଡା ନଚେତ ଆନନ୍ଦପୁର ଡାକ୍ତରଖାନା ଯାଉଛନ୍ତି। ପଞ୍ଚାୟତର ଅନେକ ଗ୍ରାମରେ ଏବେ ବି ଲୋକେ ଜଳକଷ୍ଟର ସମ୍ମୁଖୀନ ହେଉଛନ୍ତି। ଦୁଇଟି ଗ୍ରାମକୁ ରାସ୍ତା ନାହିଁ।

● ମଦ ପ୍ରସ୍ତୁତି ସମୟରେ ପୁଲିସ ଚଢ଼ଉ

# ଲକ୍ଷାଧିକ ଟଙ୍କାର ପୋଚ ନଷ୍ଟ



ତୁରୁମୁଙ୍ଗା,୨୪।୧(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଦାଶପଥପୁର ପତଳା ସାହିରେ ବେଆଇନ ଦେଶୀ ମହୁଲି ମଦ ପ୍ରସ୍ତୁତ ସମୟରେ ଶନିବାର ସକାଳୁ ତୁରୁମୁଙ୍ଗା ପୁଲିସ ଚଢ଼ଉ କରି ଲକ୍ଷାଧିକ ଟଙ୍କାର ମହୁଲି ପଚ ନଷ୍ଟ କରିବା ସହ ମଦ ରନ୍ଧା ସାମଗ୍ରୀକୁ ନଷ୍ଟ କରିଛି। ଚଢ଼ାଉ ଦେଖି ମାଫିଆ ଛତ୍ରଭଙ୍ଗ ଦେଇ ଫେରାର ହୋଇ ଯାଇଥିବା ବେଳେ ମାଟିତଳେ ଗାତ କରି ମହୁଲ ପଚକୁ ରଖିବା ସହ କୁଟା ଗଦା ଭିତରେ ଲୁଚାଇ ରଖିଥିଲେ ମାଫିଆ। ଏଠାରେ ଦେଶୀ ମହୁଲି ମଦ ପ୍ରସ୍ତୁତ କରି ମାଫିଆ ମାନେ କେନ୍ଦୁଝର ତଥା ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଚାଲାଣ କରୁଥିଲେ। ଚଢ଼ଉରେ ଏକ ପ୍ଲାଟୁନ ପୁଲିସ ଫୋର୍ସ ସହ ତୁରୁମୁଙ୍ଗା ପୁଲିସ ସାମିଲ ହୋଇ ମହୁଲ ପଚକୁ ନଷ୍ଟ କରିଥିବାବେଳେ ମାଫିଆଙ୍କୁ ଗିରଫ କରିପାରିନି।

ଅପରେସନ ଗୋ-ରକ୍ଷକ

# ବିଭିନ୍ନ ସ୍ଥାନରେ ଚଢ଼ଉ କଲା ଟାଉନ ପୁଲିସ



କେନ୍ଦୁଝର,୨୪।୧(ସମିସ): କେନ୍ଦୁଝର ପୁଲିସ ପକ୍ଷରୁ ଚାଲିଥିବା ଅପରେସନ ଗୋ-ରକ୍ଷକରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରିଛି। ଏନେଇ ଆଜି କେନ୍ଦୁଝର ଟାଉନ ଥାନା ରାଙ୍କି ଗ୍ରାମରେ ତପନ କୁମାର ବାରିକ ଓରଫ ଟିଟୁ ବାରିକଙ୍କ ଘରେ ଚଢ଼ଉ କରିଛି କେନ୍ଦୁଝର ଟାଉନ ପୁଲିସ। ପୁଲିସ ଚଢ଼ଉବେଳେ ତପନ ବାରିକ ଘରେ ନ ଥିବାବେଳେ ତାଙ୍କ ପରିବାର ଲୋକଙ୍କ ଉପସ୍ଥିତରେ ଏହି ଚଢ଼ଉ ଜାରି ରହିଛି। ତାଙ୍କ ଘରେ ଛାନଭିନ କରୁଛି ପୁଲିସ। ବେଆଇନ ଗୋ-ବ୍ୟବସାୟ କରି ଶ୍ରୀ ବାରିକ କେତେ ରୋଜଗାର କରିଛନ୍ତି ତାର ସୂରାକ ଖୋଜିଛି ପୁଲିସ। ରାଙ୍କୀର ଘର ଚଢ଼ଉ ପରେ ପରେ ପୁରୁଣାବଜାର ସ୍ଥିତ ଝରାସାହିରେ ତପନ ବାରିକଙ୍କ କିଣିଥିବା ଘର ଉପରେ ମଧ୍ୟ ଚଢ଼ଉ କରି ତଦନ୍ତ ଚଳାଉଛି କେନ୍ଦୁଝର ପୁଲିସ। ତପନ ବାରିକଙ୍କ ଲିଙ୍କରେ ଗୋ ଚାଲାଣରେ ସମ୍ପୃକ୍ତ ନେଇ ଅନେକ ଦିନରୁ ଅଭିଯୋଗ ହୋଇ ଆସୁଥିଲା। ଏଥିସହିତ କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଦୁଃଖୀଆ ଛକରେ ଥିବା ସେଖ ନାଶିରଙ୍କ ଘରେ ମଧ୍ୟ ବେଆଇନ ଗୋଚାଲାଣ ନେଇ ଚଢ଼ଉ କରିଛି କେନ୍ଦୁଝର ପୁଲିସ। ଏହାସହ ଗୋଚାଲାଣରୁ ରୋଜଗାର କରି ସେମାନଙ୍କ କେଉଁ କେଉଁ ସ୍ଥାନରେ ବ୍ୟବସାୟ ପ୍ରତିଷ୍ଠାନ କରି ଏହି ସାମ୍ରାଜ୍ୟକୁ ବିସ୍ତାର କରିଛନ୍ତି ସେନେଇ ପୁଲିସ ତଦନ୍ତ କରୁଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଚଢ଼ଉ ଜାରି ରହିଥିବାରୁ ସବିଶେଷ ତଥ୍ୟ ହସ୍ତଗତ ହୋଇନାହିଁ।

# ଧର୍ମପରାୟଣ ମହିଳାଙ୍କ ପରଲୋକ




ଆନନ୍ଦପୁର,୨୪।୧(ସମିସ): ଆନନ୍ଦପୁର ୬ ନମ୍ବର ୱାର୍ଡ ନିବାସୀ ଧର୍ମ ପରାୟଣା ମହିଳା ସୁଲୋଚନା ପାଢ଼ୀଙ୍କ ୮୭ବର୍ଷ ପରଲୋକ ଘଟିଛି। ମୃତ୍ୟୁ ଖବରପାଇ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେ ଶ୍ରୀ ଦଧିବାମନ ଜିଉ ମନ୍ଦିରର ଜଣେ ସମର୍ପିତ ଭାବନାର ସେବାଧାରୀ ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଜ୍ୟେଷ୍ଠ ପୁତ୍ର ତଥା ସେବାନିବୃତ୍ତ ବ୍ୟାଙ୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଓ ଝିଅ, ବୋହୂ ଓ ଅନ୍ୟ ବନ୍ଧୁବାନ୍ଧବ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତେଷ୍ଟିକ୍ରିୟା ସମାପନ କରାଯାଇଛି। କନିଷ୍ଠ ପୁତ୍ର ଜଗନ୍ନାଥ ପାଢ଼ୀ ମୁଖାଗ୍ନି ଦେଇଛନ୍ତି।

# ବନାଗ୍ନି ନିରାକରଣ ସଚେତନତା ଶିବିର



ତୁରୁମୁଙ୍ଗା,୨୪।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ କାର୍ଯ୍ୟାଳୟ ପରିସରରେ ଶନିବାର ବନାଞ୍ଚଳସ୍ଥରୀୟ ବନସୁରକ୍ଷା ସମିତି ସମନ୍ୱୟ ବୈଠକ ଓ ବନାଗ୍ନି ନିରାକରଣ ସଚେତନତା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପାଟଣାବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇ କିପରି ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରି ହେବ ସେନେଇ ନିଜର ବକ୍ତବ୍ୟ ରଖିବା ସହ ଲୋକଙ୍କୁ ସଚେତନତା କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ବୀଣାପାଣି ନାଇକ, ପାଟଣା ଅଗ୍ନିଶମ ଅଧିକାରୀ ଗୌର ମୋହନ ହେମ୍ବ୍ରମ ଏ.ସି.ଏଫ ସୁଦୀପ୍ତ ପଣ୍ଡା, ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ପାର୍ଥ ସାରଥୀ ଦାଶ, ପାଟଣା ରେଞ୍ଜର ବନବିଭାଗ ସର୍ଭିସ, ବରିଷ୍ଠ ସାମ୍ବାଦିକ ନୃସିଂହ ନାଥ ସିଂହ, ପ୍ରେସ୍‌କ୍ଲବ ସଭାପତି କିଶୋର ଚନ୍ଦ୍ର ମହାନ୍ତ, ବ୍ଲକ କୃଷି ଅଧି ଦର୍ଶକ ଅଭୟ କୁମାର ରାଉତ, ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଉପସ୍ଥିତ ରହି ଜଙ୍ଗଲକୁ କିପରି ନିଆଁଦାଉରୁ ରକ୍ଷା କରିହେବ ସେ ନେଇ ସଚେତନତା କରିଥିଲେ। ଟେଣ୍ଡ ବିଟ୍‌ର ବନରକ୍ଷୀ ଦୀପକ ସ୍ୱାଇଁ ସଭା ପରିଚାଳନା କରିଥିବାବେଳେ ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଧନ୍ୟବାଦ ଦେଇଥିଲେ। ପାଟଣା ବନପାଳ ନିରଞ୍ଜନ ସେଠୀ, ସାହାରପଡା ବନପାଳ ଶ୍ରୀମନ୍ତ ବେହେରା, ବନରକ୍ଷୀ ହୃଦାନନ୍ଦ ମହାନ୍ତି, ଦୀପକ ରଣା, ରାଜେଶ କୁମାର ଜେନା, ଡଳିରାଣୀ ସାହୁ, ରୁପଶ୍ରୀ ଖୁଣ୍ଟିଆ, ସୁଜାତା ସାହୁ, ଅନନ୍ୟା ପ୍ରିୟଦର୍ଶିନୀ ନାଏକ, ରଞ୍ଜିତା ମହାନ୍ତ, ଝରଣା ସାହୁଙ୍କ ସମେତ ବନବିଭାଗର ପାରାଷ୍ଟାଫ୍ ସହଯୋଗ କରିଥିଲେ।

# ପଞ୍ଚମୁଖୀ ସିଦ୍ଧ ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ



ଆନନ୍ଦପୁର,୨୪।୧(ସମିସ): ଆନନ୍ଦପୁରର ମୁକ୍ତିତୀର୍ଥ ଆନନ୍ଦଧାମ ରିଙ୍ଗରୋଡ୍ ଛକ ସ୍ଥିତ ପଞ୍ଚମୁଖୀ ସିଦ୍ଧ ହନୁମାନ ମନ୍ଦିରର ଚତୁର୍ଥ ବାର୍ଷିକ ପ୍ରତିଷ୍ଠା ଉତ୍ସବ ୪ ଦିନ ଧରି ପାଳିତ ହେବ। ୨୭ରେ ହନୁମାନଙ୍କ ସହସ୍ରାହୁତୀ ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ରହିଥିବା ପଞ୍ଚମୁଖୀସିଦ୍ଧହନୁମାନଙ୍କ ପରିବାରବର୍ଗଙ୍କ ପକ୍ଷରୁ ଦେବରଞ୍ଜନ ସାହୁ ଅଭୀନ ସାହୁ ସୂଚନା ଦେଇଛନ୍ତି। ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରତିଦିନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବାବେଳେ ମାହୋଲକୁ ଦ୍ୱିଗୁଣିତ କରିବା ପାଇଁ ଶ୍ରଦ୍ଧାଳୁଙ୍କପାଇଁ ପ୍ରତିଦିନ ସନ୍ଧ୍ୟାରେ ପ୍ରବଚନ ଓ ଭକ୍ତି ସଂଗୀତ ପରିବେଷଣ ଉତ୍ସବର ବ୍ୟବସ୍ଥା କରାଯାଇଥିଲା।

# ଜଗନ୍ନାଥ ଡିଗ୍ରୀ କଲେଜରେ ଜାତୀୟ ଭୋଟର ଦିବସ



ଆନନ୍ଦପୁର,୨୪।୧(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଜଳସୁଆଁ ପଞ୍ଚାୟତ ନୟାଗଡ଼ସ୍ଥିତ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ଅଧକ୍ଷ ସରୋଜକାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ରାଷ୍ଟ୍ର ନିର୍ମାଣରେ ନାଗରିକଙ୍କ ଭୂମିକା ତଥା ଜଣେ ସଚେତନ ନାଗରିକର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. ଚିତ୍ତରଞ୍ଜନ ନାୟକ ଗଣତନ୍ତ୍ରରେ ଜନତା ଜନାର୍ଦ୍ଦନ ଏବଂ ଜନମତ ସର୍ବୋପରି ବୋଲି ମତବ୍ୟକ୍ତ କରିଥିଲେ। ପରିଚାଳନାରେ ଅନୁଷ୍ଠାନର ଅଧ୍ୟାପକ ଜୟନ୍ତ କୁମାର ମହାନ୍ତି, ସୌରୀପ୍ରସାଦ ମହାନ୍ତି, ବିନୟକୁମାର ସ୍ୱାଇଁ, ଅଧ୍ୟାପିକା ସୁରୀ ଚକ୍ର, ଦେବସ୍ମିତା ଜେନା, ସନ୍ଧ୍ୟାରାଣୀ ରାଉତ, ତପସ୍ୱିନୀ ପାତ୍ର, କ୍ରୀଡ଼ାଶିକ୍ଷକ କୈଳାସ ଚନ୍ଦ୍ର ନାୟକ, ସନାତନସାହୁ, କମ୍ପ୍ୟୁଟରସହାୟକ ଲକ୍ଷ୍ମୀଧର ରାଉତ, ପାଠାଗାର ସହାୟକ ପ୍ରଭାକର ପାଣି ଏବଂ କର୍ମଚାରୀ ସୌଦାମିନୀ ପାଢ଼ି ସହଯୋଗ କରିଥିଲେ।

# କେନ୍ଦୁଝରଗଡରେ ସରସ୍ୱତୀ ପୂଜା ଓ ମାତୃ ସମ୍ମିଳନୀ




କେନ୍ଦୁଝର,୨୪।୧(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଜେଲରୋଡ, କେନ୍ଦୁଝରଗଡ଼ଠାରେ ସରସ୍ୱତୀ ପୂଜା ଓ ଶିଶୁବାଟିକା ବିଭାଗର ବିଦ୍ୟାରମ୍ଭ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞ ପ୍ରାରମ୍ଭରେ ଶିଶୁବାଟିକାର ଉଦୟ ବିଭାଗ ଶିକ୍ଷକ ଦ୍ୱାରା ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ସହ ଖଡିଛୁଆଁ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ପୂଜା ଅବସରରେ ଅପରାହ୍ନରେ ସାମୂହିକ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଥିଲା। ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବରେ ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତଥା ବିଜେପି ରାଷ୍ଟ୍ରୀୟ ପରିଷଦର ସଦସ୍ୟା ମମିତା ନାଏକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷା କଲ୍ୟାଣୀ ମାଝୀ ଯୋଗଦେଇ ଶିଶୁ ଶିକ୍ଷାରେ ଭାରତୀୟତା ଓ ଉତ୍ତମ ଚରିତ୍ର ଗଠନରେ ମାଆମାନଙ୍କର ଭୂମିକା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ପରିଚାଳନା ସମିତିର ସଦସ୍ୟା ଦୁଲାରୀ କିସ୍କୁ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଅତିଥି ପରିଚୟ କରିବା ସହ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା ଯୋଗଦାନ କରି ଶିଶୁଙ୍କ ପାଇଁ ମାଆମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ୭୦୦ରୁ ଊର୍ଦ୍ଧ୍ୱ ମାଆ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଆଚାର୍ଯ୍ୟା ମଞ୍ଜୁଶ୍ରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟା ପରିଚାଳନାରେ ସହଯୋଗ କରିଥିଲେ।

# ବାଲ୍ୟବିବାହ ନିରାକରଣ ସଚେତନତା ଶିବିର




ଆନନ୍ଦପୁର,୨୪।୧(ସମିସ): ଆନନ୍ଦପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଆନନ୍ଦପୁରର ଛାତ୍ରୀମାନଙ୍କ ମଧ୍ୟରେ ଆଇନ ସଚେତନତା ତଥା ବାଲ୍ୟବିବାହ ନିରାକରଣ ନିମନ୍ତେ ଶନିବାର ଦିନ ଏକ ସଭାର ଆୟୋଜନ କରାଯାଇଥିଲା। ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ତାଲୁକ ଆଇନସେବା ସମିତିର ଅଧ୍ୟକ୍ଷ ଦେବଦତ୍ତ ଦାସ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ସଭାରେ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପାଠକ ସାମ୍ପ୍ରତିକ ପରିସ୍ଥିତିରେ ବାଳିକା ଓ ମହିଳାମାନେ ବିଭିନ୍ନ ସାମାଜିକ ସମସ୍ୟାରେ ଅବହେଳିତ ହେଉଥିବାସୁଦ୍ଧା ସମୟରେ ପିଲାମାନେ ନିଜେ ନିଜର ସୁରକ୍ଷା ନିମନ୍ତେ ପ୍ରତିଟି ମୁହୂର୍ତ୍ତରେଅଧିକ ପ୍ରଜ୍ଞାଶୀଳ ଓ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବରେ ଉପଖଣ୍ଡ ନ୍ୟାୟିକ ବିଚାରପତି ଗୌରିଶଙ୍କର ପଣ୍ଡା ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ଶିକ୍ଷା ସଚେତନତା ସହିତ ସୁରକ୍ଷା ବିଷୟରେ ବିଭିନ୍ନ ଆଇନର ସହଯୋଗ ନିମନ୍ତେ ତାଲୁକ୍ ଆଇନସେବାର ଆଶା କାର୍ଯ୍ୟକାରିତା ଦିଗରେ ବିଶେଷ ଭାବରେ ଆଲୋଚନା କରି ପିଲାମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଦାସ ମହାପାତ୍ର ଗପ ମାଧ୍ୟମରେ ବାଲବିବାହ ଯୋଗୁଁ ସମାଜରେ ଘଟୁଥିବା ବିଭିନ୍ନ ହିଂସାତ୍ମକ କାର୍ଯ୍ୟକଳାପର ଅବତାରଣା କରି ବାଲ୍ୟବିବାହ ରୋକିବା ଦିଗରେ ଆଇନଗତ ପରାମର୍ଶ ସହିତ ଦଣ୍ଡ ପ୍ରାବଧାନ ବିଷୟରେ ଆଲୋକପାତ କରିଥିଲେ। ଓକିଲ ସଂଘର ସଭାପତି ଦୟାନିଧି ଦାଶ ଶିଶୁମାନେ ଏବେଠୁ ସଚେତନ ହେଲେ ଏକ ସୁରକ୍ଷିତ ଉଜ୍ଜ୍ୱଳମୟ ଜୀବନ ଗଢିପାରିବେ ବୋଲି ପ୍ରକାଶ କରିଥିଲେ। ଆଇନଜୀବୀ ତଥା ଶିଶୁ ସୁରକ୍ଷା ସହଯୋଗୀ ଭାଗୀରଥି ଦାଶ ବାଲ୍ୟବିବାହ ର କାରଣ ନିରାକରଣ ଦିଗରେ ଆଲୋଚନା କରି ସୁରକ୍ଷିତ ପରିବେଶରେ ଅବହିତ୍ସୁଚନା ଦେବାପାଇଁ ୧୦୯୮ ଟୋଲଫ୍ରି ଏବଂ ୧୮୧ ଓ ୧୧୨ ର ତତ୍‌କ୍ଷଣାତ ସହଯୋଗ ଲୋଡିପାରିବାର ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ। ନାଲସାର ୧୫୧୦୦ ଟୋଲ୍‌ଫ୍ରିର ସାହାଯ୍ୟରେ ସମସ୍ତ ଆଇନଗତ ପରାମର୍ଶ ପାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ଆଇନଜୀବୀ ବାଇଧର ସେଠୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା କର୍ମଚାରୀ ଦେବାଶିଷ ବେହେରା ଏବଂ ନବକିଶୋର ନାୟକ, ଅଧିକାର ମିତ୍ରମାନେ ସହଯୋଗ କରିଥିଲେ। ଶିକ୍ଷକ ହରେକୃଷ୍ଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଅବସରପ୍ରାପ୍ତ ଜିଲ୍ଲା ସହ କୃଷିଅଧିକାରୀଙ୍କ ପରଲୋକ



ତୁରୁମୁଙ୍ଗା,୨୪।୧(ସମିସ): ପାଟଣା ବ୍ଲକ୍ ମୁଖ୍ୟାଳୟସ୍ଥିତ ବଡ଼ପାଟଣା ଗ୍ରାମ ବାସିନ୍ଦା ତଥା ଅବସରପ୍ରାପ୍ତ ଅତିରିକ୍ତ ଜିଲ୍ଲା ସହ କୃଷି ଅଧିକାରୀ ଗଦାଧର ମହାନ୍ତଙ୍କ ଶୁକ୍ରବାର ରାତିରେ ୮୭ ବର୍ଷ ବୟସରେ ପରଲୋକ ଘଟିଛି। ସେ ଜଣେ ପରୋପକାରୀ ବ୍ୟକ୍ତି ଥିଲେ। ପାଟଣା ମୁଖ୍ୟାଳୟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠାତାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ତାଙ୍କ ମୃତ୍ୟୁରେ ପାଟଣା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଅନ୍ତିମ ଶଯ୍ୟାନିକଟରେ ତାଙ୍କ ବଡ଼ପୁଅ ଡ. ନିର୍ମଳ ମହାନ୍ତ, ସାନପୁଅ ଦେବେନ୍ଦ୍ର ମହାନ୍ତ, ଝିଅ, ବୋହୂ, ନାତି ନାତୁଣୀଙ୍କ ସହିତ ସପରିବାର ଉପସ୍ଥିତ ଥିଲେ। ମୃତ୍ୟୁଖବର ପାଇ ତାଙ୍କ ବାସଭବନରେ ପାଟଣାବିଧାୟକ ଅଖିଳ ଚନ୍ଦ୍ର ନାଏକ, ବିଧାୟକଙ୍କ ପ୍ରତିନିଧି କମଳା କାନ୍ତ ଦାଶ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ସାମାଜିକ କର୍ମୀ ବିଦ୍ୟାଧର ଦାଶ, ସନାତନ ଦାଶ, ବିଦ୍ୟାଧର ମହାନ୍ତ, ପ୍ରମୋଦ କୁମାର ଭଞ୍ଜଦେଓ, ଅଜୟ କୁମାର ଦାସ, ଅରୁଣ କୁମାର ମିଶ୍ର, ବିବେକାନନ୍ଦ ଦାଶ, ଭରତ ଚନ୍ଦ୍ର ସାହୁ, ବିଜୟରତ୍ନ ପତି, ପାଟଣା ବର୍ଣ୍ଣିକ ସଙ୍ଘ ସଭାପତି ବୁଲୁ ଭଞ୍ଜ, ଅରବିନ୍ଦ ଦାଶ, ହଳଧର ମହାନ୍ତ, ପ୍ରଶାନ୍ତ କୁମାର ଭଞ୍ଜଦେଓଙ୍କ ସହିତ ପାଟଣା ଶିଶୁ ମନ୍ଦିରର ସମସ୍ତ ଗୁରୁଜୀଗୁରୁମା ଓ ଛାତ୍ରଛାତ୍ରୀମାନେ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଅନ୍ତିମ ଦର୍ଶନ କରିବା ସହିତ ଶୋକ ବ୍ୟକ୍ତ କରିଛନ୍ତି। ପାଟଣା ବୈତରଣୀ କୂଳ ଶ୍ମଶାନ ଘାଟରେ ତାଙ୍କର ଅନ୍ତିମସଂସ୍କାର କରାଯାଇଥିଲା। ବଡ଼ପୁଅ ଡ. ନିର୍ମଳ ମହାନ୍ତ ମୁଖାଗ୍ନି ଦେଇଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ : ୦୧.୦୧.୧୯୨୦ (ଗୁରୁବାର)
ତିରୋଧାନ : ୧୫.୦୧.୨୦୨୬ (ଗୁରୁବାର)

୰ଗୁରୁବାରି ମହାନ୍ତି (୧୦୬ ବର୍ଷ)
ଗ୍ରାମ: ମମାନିପୁର, ବାମନବିନ୍ଧା, ପିରହାଟ, ଜିଲ୍ଲା- ଭଦ୍ରକ

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, କର୍ତ୍ତବ୍ୟପରାୟଣତା, ଏବଂ ମହାନୁଭବତା ଆମକୁ ସବୁଦିନ ପ୍ରେରଣା ଦେଉଥିବ। ଆପଣଙ୍କର ଅନୁପସ୍ଥିତି ଚିରଦିନ ପାଇଁ ଅପୂରଣୀୟ ହୋଇ ରହିବ। ଆପଣଙ୍କ ଏକାଦଶାହ ଅବସରରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ

Son- Gopal, Kailash, Kartika, Prahallad, Rabindra, Ramachandra, Rabi; Daughter- Laxmi, Kamali; Daughter-In-Law: Sudhapani, Nirupama, Kanchan, Puspa, Manorama, Tilotama; Grandson & Daughters- Mama, Lilu, Lipu, Dipu, Sini, Sonu, Chiku, Lipa, Dipa, Mamuni, Bulu, Tutunu, Ajata, Ranju, Babu, Lucy, Susmita; Nephew- Nila, Shanti; Great Grandson & Daughter - Barun, Shlok, Advik, Adidev, Jaga, Barsha, Chiki, Miku, Friends & Family

### ଗାଡ଼ି ଚାଲାଣ ଆପ୍ଲିକେସନ ଜରିଆରେ ସାଇବର ଠକେଇ

## ବ୍ୟାଙ୍କ ଆକାଉଣ୍ଟରୁ ଠକିନେଲେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା

**ବାରିପଦା, ୨୪ ।୧(ସମିସ):** ମୋବାଇଲ ହ୍ୱାଟ୍ସଆପ ଗ୍ରୁପରେ ଆସିଥିବା ଗାଡ଼ି ଚାଲାଣ ଆପ୍ଲିକେସନ ଜରିଆରେ ସାଇବର ଠକେଇ ହୋଇଛି । ସାଇବର ଅପରାଧୀ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଛନ୍ତି । ଏ ନେଇ ଲାଲ ବଜାର ଅଞ୍ଚଳର ଅଶୋକ ଖଣ୍ଡେଲୱାଲ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ମୋବାଇଲକୁ ଆରଟିଓ ଚାଲାଣ ନାମକ ମୋବାଇଲ ଆପ୍ଲିକେସନ ଆସିଥିଲା । ଯାହାକୁ ସେ କ୍ଲିକ କରିବାରୁ ତାଙ୍କୁ ତଥ୍ୟ ମାଗିଥିଲେ । ଯାହାକୁ ନେଇ ତଥ୍ୟ ପ୍ରଦାନ କରିଥିଲେ । ଏହାର କିଛି ସମୟ ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପର୍ଯ୍ୟାୟକ୍ରମରେ ୪, ୮୪, ୨୯୪ ଟଙ୍କା ଉଠାଣ ହୋଇଥିଲା । ଯାହାକୁ ନେଇ ବ୍ୟାଙ୍କରେ ପଚରାଉଚରା କରିବାରୁ କୌଣସି ଖବର ପାଇ ନ ଥିଲେ । ଏ ନେଇ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ବଜାରର ୭ଟି ଦୋକାନରୁ ଚୋରି ଉଦ୍ୟମ

**ଗୋରୁମହିଷାଣୀ, ୨୪।୧ (ସମିସ):** ଗୋରୁମହିଷାଣୀ ବଜାର ଅଞ୍ଚଳର ଦୋକାନରୁ ବଡ଼ଧରଣର ଚୋରି ଉଦ୍ୟମ ବିଫଳ ହୋଇଛି । ଶୁକ୍ରବାର ବିଳମ୍ବିତ ରାତିରେ ୭ଟି ଦୋକାନରୁ ଚୋରି କରିବାକୁ ଦୁର୍ବୃତ୍ତମାନେ ଦୋକାନ ତାଲା ଭାଙ୍ଗିଥିଲେ ସୁଦ୍ଧା ଚୋରି କରିବାରେ ବିଫଳ ହୋଇଛନ୍ତି । ଶନିବାର ସକାଳୁ ବଜାରରେ ଥିବା ଦୋକାନ କମ୍ପ୍ଲେକ୍ସର ୭ଟି ଦୋକାନ ଖୋଲିବା ବେଳକୁ ସମ୍ମୁଖ ତାଲା ଭଙ୍ଗାଥିବା ଦେଖିଥିଲେ । ଯାହାକୁ ନେଇ ମାଲିକମାନେ ଭୟଭୀତ ହୋଇ ଦୋକାନ ଯାଞ୍ଚ କରିବାରୁ ଚୋରି ହୋଇ ନ ଥିବା ଜାଣିବାକୁ ପାଇଥିଲେ । ଏ ନେଇ ଗୋରୁମହିଷାଣୀ ଥାନାକୁ ଖବର ଦେବାରୁ ଘଟଣାସ୍ଥଳରେ ପୁଲିସ ପହଁଚି ଯାଞ୍ଚ କରିଥିଲେ । ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ତାଲା ଭାଙ୍ଗି ଚୋରି ଉଦ୍ୟମ କରିଥିଲେ । ତେବେ କୌଣସି କାରଣ ପାଇଁ ଚୋରି କରି ନ ପାରି ଚମ୍ପଟ ମାରିଥିଲେ । ପୁଲିସ ସ୍ଥାନୀୟ ଅଞ୍ଚଳର ସିସିଟିଭି ଯାଞ୍ଚ କରି ତଦନ୍ତ ଜାରି ରଖିଛି । ଏହା ମୟୂରଭଞ୍ଜ ଓ ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଅଞ୍ଚଳ ହୋଇଥିବାବେଳେ ଏଥିରେ ଝାଡ଼ଖଣ୍ଡ ଦୁର୍ବୃତ୍ତଙ୍କ ହାତ ଥିବା ସନ୍ଦେହ କରାଯାଉଛି ।

## ପୁଣି ଟ୍ରାନ୍ସଫର୍ମରରୁ ଯନ୍ତ୍ରାଂଶ ଚୋରି

**ରାଇରଙ୍ଗପୁର, ୨୪।୧ (ସମିସ):** ବାଦାମପାହାଡ଼ ଥାନା ଅଞ୍ଚଳରେ ବାରମ୍ବାର ଟ୍ରାନ୍ସଫର୍ମର ଯନ୍ତ୍ରାଂଶ ଚୋରି ହେଉଛି । ପୁଣି ଯନ୍ତ୍ରାଂଶ ଚୋରି ନେଇ ଟିପିଏନଓଡିଏଲ କୁସୁମୀ ବିଦ୍ୟୁତ ସେକ୍ସନ ପରିଚାଳକ ପ୍ରମୋଦ କୁମାର ଦାସ ବାଦାମପାହାଡ଼ ଥାନାରେ ଅଭିଯୋଗ କରିଛନ୍ତି । ବିଦ୍ୟୁତ ଲାଇନମ୍ୟାନ ଓ ଅନ୍ୟ କର୍ମଚାରୀ ବୁଦାଦର ଗ୍ରାମକୁ କାର୍ଯ୍ୟ କରିବାକୁ ଯାଇଥିଲେ । ୨୫ କେଭିର ଟ୍ରାନ୍ସଫର୍ମର କୋର ଓ ଯନ୍ତ୍ରାଂଶ ଚୋରି ନେଇ ଜାଣି ତାଙ୍କୁ ଜଣାଇଥିଲେ । ଫଳରେ ଉକ୍ତ ଅଞ୍ଚଳର ଶହ ଶହ ପରିବାର ବିଦ୍ୟୁତ ସେବାରୁ ବଞ୍ଚିତ ରହିଛନ୍ତି । ଚୋରି ଯନ୍ତ୍ରାଂଶର ଆନୁମାନିକ ମୂଲ୍ୟ ୮୦, ୦୦୦ ଟଙ୍କା ହେବ । ଏ ନେଇ ଅଭିଯୋଗରେ ବାଦାମପାହାଡ଼ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି ।

## ସରସ୍ୱତୀ ଶିଶୁମନ୍ଦିରରେ ମାତୃ ସମ୍ମିଳନୀ



**ମହୁଲଡିହା/ଠାକୁରମୁଣ୍ଡା, ୨୪।୧(ସମିସ):** ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଯୋଜନା ଅନୁସାରେ କେନ୍ଦୁଜିଆଣୀ ଆବାସିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ ଓ ସମର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ପରିଚାଳନା ସମିତିର ସଦସ୍ୟା ଅରୁନ୍ଧତୀ ବିନ୍ଧାଣୀ ଯୋଗଦେଇ ଶିଶୁଙ୍କ ଜୀବନ ଶୈଳୀକୁ ଆଗକୁ ବଢ଼ାଇବାରେ ମାଆଙ୍କ ଭୂମିକା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପର୍ଶୁରାମ ମହାନ୍ତ ମାତୃ ସମ୍ମିଳନୀର ଆଭିମୁଖ୍ୟ ଓ ଆଗାମୀ ଯୋଜନା, ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତିରେ ମାଆଙ୍କ ଭୂମିକା ସହିତ ଜାତୀୟ ଶିକ୍ଷାନୀତିରେ ଶିଶୁର ଭୂମିକାକୁ ସ୍ୱାଗତ ଅଭିଭାଷଣରେ କହି ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ମାତୃ ମଣ୍ଡଳୀ ସଦସ୍ୟା ଅନୁପମା ମହାନ୍ତ ଓ ପ୍ରତିଭା ମଞ୍ଜରୀ ସେଠୀ ଉପସ୍ଥିତ ଥିଲେ । ଆଚାର୍ଯ୍ୟ ଭାଗୀରଥି ପତି ମଞ୍ଚ ପରିଚାଳନା ଓ ଆଚାର୍ଯ୍ୟ କମଳଲୋଚନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଏ ଅବସରରେ ଶିଶୁଙ୍କ ପ୍ରତିଭା ପ୍ରଦର୍ଶନ କ୍ରମରେ ଏକ ସୁନ୍ଦର ଭଜନରେ ନୃତ୍ୟ ପରିବେଷଣ କରାଯାଇଥିଲା । ଏହି ମାତୃ ସମ୍ମିଳନୀରେ ବହୁ ସଂଖ୍ୟକ ଅଭିଭାବକ ଓ ଅଭିଭାବିକା ଉପସ୍ଥିତ ରହି ପ୍ରେରଣାର ଉତ୍ସ ସାଜିଥିବାବେଳେ ମା’ ସରସ୍ୱତୀଙ୍କ ପୟରେ କିଛି କିଛି ସମର୍ପଣ କରିଥିଲେ ।

## ୨୭ରେ ଉଦଳା ମିଳିତ ଜନଅଭିଯୋଗ ଶୁଣାଣି ଶିବିର

**ଉଦଳା, ୨୪।୧(ସମିସ):** ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ମାସ ଚତୁର୍ଥ ସୋମବାର ୨୬ ତାରିଖ ଦିନ ସାଧାରଣତନ୍ତ୍ର ଦିବସ ଛୁଟି ପଡୁଥିବାରୁ ଆସନ୍ତା ୨୭ ତାରିଖ ମଙ୍ଗଳବାର ଦିନ କପ୍ତିପଦା ଉପଖଣ୍ଡ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ । ଉପଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହେବାକୁ ଥିବା ଏହି ଶୁଣାଣି କାର୍ଯ୍ୟ ପୂର୍ବାହ୍ନ ୧୦ ଘଟିକା ସମୟରେ ଅନୁଷ୍ଠିତ ହେବ । ଏହି ଶିବିରରେ ଉପଖଣ୍ଡ ତଥା ବ୍ଲକସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଶୁଣାଣି କରାଯାଇ ଉତ୍ଥାପିତ ଅଭିଯୋଗର ଯଥାସମ୍ଭବ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

### ସାଇବର ଥାନା ପ୍ରତିଷ୍ଠାକୁ ବିତିଲା ୫ ବର୍ଷ

# କେବେ ନିର୍ମାଣ ହେବ ନିଜସ୍ୱ କାର୍ଯ୍ୟାଳୟ

**ବାରିପଦା, ୨୪ ।୧(ସମିସ)**

ମୟୂରଭଞ୍ଜ ଜିଲ୍ଲାରେ ସାଇବର ଥାନା ପ୍ରତିଷ୍ଠା ପାଇଁ ଜିଲ୍ଲାବାସୀଙ୍କ ଦାବିକୁ ଦୃଷ୍ଟିରେ ରଖି ୨୦୨୧ ଡିସେମ୍ବର ୧୪ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ୧୧ଟି ନୂତନ ସାଇବର ଥାନା ପ୍ରତିଷ୍ଠା ସମୟରେ ମୟୂରଭଞ୍ଜ ଜିଲ୍ଲା ସାମିଲ ହୋଇଥିଲା । ଯାହାକୁ ନେଇ ସେବର୍ଷ ଡିସେମ୍ବର ୨୯ ତାରିଖରେ ଜିଲ୍ଲାରେ ପ୍ରଥମ ସ୍ୱତନ୍ତ୍ର ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଶ୍ରୀ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ସେବେଠାରୁ ଏହି ଥାନାଟି ବାରିପଦାସ୍ଥ ଜିଲ୍ଲା ପୁଲିସ ମୁଖ୍ୟାଳୟରେ କାର୍ଯ୍ୟ କରିଆସୁଛି । ସାଇବର ଥାନା ଯୋଗୁଁ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାବାସୀ ବିଶେଷ ଉପକୃତ ହେଉଛନ୍ତି । ଅନଲାଇନ ଠକେଇ, ଇଣ୍ଟରନେଟ୍ ଜରିଆରେ ଠକାମି, ଅର୍ଥନୈତିକ ଅପରାଧ ଆଦିର ତଦନ୍ତକୁ ଗତିଶୀଳ କରାଯାଇ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇପାରୁଛି । ଏଥିସହିତ ଅପରାଧୀଙ୍କୁ ମଧ୍ୟ ସହଜରେ ଠାବ କରାଯିବା ସମ୍ଭବ ହେଉଛି । ୨୦୨୫ ମସିହାକୁ ବିଚାରକୁ ନେଲେ ଏହି ଥାନା ଦ୍ୱାରା ବହୁ ସଫଳତା ମିଳିଛି । ଭୁଲବଶତଃ ଅନ୍ୟ ବ୍ୟାଙ୍କ ଆକାଉଣ୍ଟକୁ ଚାଲିଯାଇଥିବା ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅଭିଯୋଗକାରୀଙ୍କ ନିକଟକୁ ଫେରସ୍ତ ଆସିଲାଣି । ବ୍ୟାଙ୍କ ଆକାଉଣ୍ଟରୁ ଅନ୍ୟଏକ ବ୍ୟାଙ୍କ ଆକାଉଣ୍ଟକୁ ୟୁପିଆଇ ମାଧ୍ୟମରେ ଟଙ୍କା ପଠାଇବା ବେଳେ ଭୁଲବଶତଃ ଅନ୍ୟ ଜଣକ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଚାଲି ଯାଉଥିବାର ଅଭିଯୋଗ ହୋଇଥିଲା । ଏହାକୁ ନେଇ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ ମଧ୍ୟରୁ ୭ଟି ମାମଲାର ସମାଧାନ କରାଯାଇ ଟଙ୍କା ଫେରସ୍ତ ହୋଇଛି ।

ଥାନା ଅଧିକାରୀ ପ୍ରଦୀପ ମାଝୀ ମାମଲା ରୁଜୁ କରି ତ୍ୱରିତ ଯାଞ୍ଚ ପ୍ରକ୍ରିୟା କରିଛନ୍ତି । ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରି ବ୍ୟାଙ୍କ ଆକାଉଣ୍ଟର ଯାଞ୍ଚ ପ୍ରକ୍ରିୟା କରି ଟଙ୍କା ଫେରସ୍ତ କରାଇଛନ୍ତି । ଇତି ମଧ୍ୟରେ ଖଞ୍ଜୁମଣି ବେହେରାଙ୍କ ୫୦, ୦୦୦ ଟଙ୍କା, ରାଜେଶ ମିଶ୍ରଙ୍କ ୫୦, ୦୦୦ ଟଙ୍କା, ରାଧିକାମଣି ଗିରିଙ୍କ ୩୫, ୦୦୦ ଟଙ୍କା, ରାକେଶ ସାହୁଙ୍କ ୪୦, ୦୦୦ ଟଙ୍କା, ମାଣିକ ହେମ୍ବ୍ରମଙ୍କ ୧୦, ୦୦୦ ଟଙ୍କା, ଲକ୍ଷ୍ମୀନାରାୟଣ କିସ୍କୁଙ୍କ ୨୦, ୦୦୦ ଟଙ୍କା ଓ ସୁଶୀଳ ହେମ୍ବ୍ରମଙ୍କ ୧୦, ୦୦୦ ଟଙ୍କା ଫେରସ୍ତ ହୋଇଛି । ବର୍ଷକ ମଧ୍ୟରେ ୨, ୧୫, ୦୦୦ ଟଙ୍କା ଲୋକେ ଫେରସ୍ତ ପାଇବା ସହ ସାଇବର ଥାନା ଜରିଆରେ ଉପକୃତ ହୋଇଛନ୍ତି । ଯଦ୍ୱାରା ବାରିପଦାସ୍ଥ ସାଇବର ଥାନା ପୁଲିସ ସଫଳତା ପୂର୍ବକ କାର୍ଯ୍ୟକୁ ନେଇ ସମସ୍ତେ ଖୁବ ପ୍ରଶଂସା କରିଛନ୍ତି । ଏଥିସହିତ ବିଭିନ୍ନ ସମୟରେ ଯାଞ୍ଚ କରି ଅନେକ ଚୋରି ଓ ଛିନତାଇ ମୋବାଇଲ ଧରିଛନ୍ତି । ଯାହାକି ମୋବାଇଲ ଫେରସ୍ତ ମେଳା ଜରିଆରେ ଅଭିଯୋଗକାରୀଙ୍କୁ ପ୍ରଦାନ କରାଯାଇଛି । ତେବେ ପ୍ରତିଷ୍ଠାକୁ ୫ ବର୍ଷ ବିତିଥଲେ ହେଁ ଥାନାର ନିଜସ୍ୱ ଗୃହ ନିର୍ମାଣ ଦୂରେ ଥାଉ ସ୍ଥାନ ଚିହ୍ନଟ ହୋଇନାହିଁ । ଫଳରେ ଜିଲ୍ଲା ପୁଲିସ କାର୍ଯ୍ୟାଳୟର ଏକ କୋଠରୀରେ କାର୍ଯ୍ୟ ଚାଲିଛି । ତୁରନ୍ତ ନୂତନ ସ୍ଥାନ ଚିହ୍ନଟ ସାଙ୍ଗକୁ ନୂତନ କାର୍ଯ୍ୟାଳୟ କୋଠା ନିର୍ମାଣ ଜରୁରୀ ହୋଇପଡ଼ିଛି ।

## ନାବାଳିକା ଅପହରଣ ଅଭିଯୋଗ

**ରାଇରଙ୍ଗପୁର, ୨୪।୧(ସମିସ):** ସରସ୍ୱତୀ ପୂଜା ଦେଖିବାକୁ ଆସି ଜଣେ ନାବାଳିକା ଅପହରଣ ହୋଇଛନ୍ତି । ଏ ନେଇ ତାଙ୍କ ପରିବାର ଲୋକେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି । ନାବାଳିକା ଜଣକ ମହାବିଦ୍ୟାଳୟରେ ପଢୁଥିବାବେଳେ ସରସ୍ୱତୀ ପୂଜା ଦେଖିବାକୁ ଯାଇଥିଲେ । ସକାଳୁ ଘରୁ ଯାଇଥିଲେ ସୁଦ୍ଧା ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ । ଯାହାକୁ ନେଇ ଅନେକ ସ୍ଥାନରେ ଖୋଜା ଖୋଜି କରିବା ପରେ ମଧ୍ୟ କୌଣସି ଖୋଜ ଖବର ମିଳି ନ ଥିଲା । ଯାହାକୁ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।


# ବଳାଙ୍ଗୀ ମହୋତ୍ସବ ପ୍ରସ୍ତୁତି ବୈଠକ



**ବାରିପଦା, ୨୪ ।୧(ସମିସ):** ମୟୂରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି, ପର୍ଯ୍ୟଟନର ସୁରକ୍ଷା ଓ ବିକାଶ ନିମନ୍ତେ ୨୦୦୩ଠାରୁ ବାରିପଦାର ବାବା ବୁଢ଼ା ରାଉଳ ମଠ ନିକଟ ବୁଢ଼ାବଳଙ୍ଗ, ଚିପଟ ଓ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ପୀଠରେ ଜିଲ୍ଲାର ମହାନ ଗଣପର୍ବ ମୟୂରଭଞ୍ଜ ବାଲି ମେଳା ବଳାଙ୍ଗୀ ମହୋତ୍ସବ ପାଳିତ ହୋଇଆସୁଛି । ଚଳିତ ବର୍ଷ ୨୪ତମ ରାଜ୍ୟସ୍ତରୀୟ ବଳାଙ୍ଗୀ ମହୋତ୍ସବ ମହାବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଳନ ଉପଲକ୍ଷେ ଆସନ୍ତା ଅପ୍ରେଲ ମାସରେ ୭ ଦିନ ଧରି ଅନୁଷ୍ଠିତ ହେବ । ଏ ପରିପ୍ରେକ୍ଷୀରେ ପ୍ରତିବର୍ଷ ଭଳି ଜିଲ୍ଲାରେ ଭାଇଚାରାର ପରମ୍ପରାକୁ ମଜବୁତ କରିବା ପାଇଁ ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଓ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମ ଆଗାମୀ ମାର୍ଚ୍ଚ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଅନୁଷ୍ଠିତ ହେବ । ସେହିପରି ପ୍ରତିଭା ଚୟନ ପାଇଁ ଅନୁଷ୍ଠିତ ହେଉଥିବା ବଳାଙ୍ଗୀ ଟେଲେଣ୍ଟ ହଣ୍ଟ ମେଗା ଅଡିସନ କାର୍ଯ୍ୟକ୍ରମ ଅପ୍ରେଲ ୫ ତାରିଖ ରବିବାର ଦିନ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି । ଏ ଅବସରରେ ଶୁକ୍ରବାର ମହୋତ୍ସବ କମିଟି ପକ୍ଷରୁ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମରେ ମହୋତ୍ସବ କମିଟି ସଭାପତି ତଥା ରାଜ୍ୟ ଗୃହ ନିର୍ମାଣ, ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ବିକଶିତ ବାରିପଦା ତଥା ବିକଶିତ ମୟୂରଭଞ୍ଜ ଗଠନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିବା ସହିତ ଅବଲୁପ୍ତ ପ୍ରାୟ କଳା ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ବଳାଙ୍ଗୀ ମହୋତ୍ସବର ଭୂମିକା ଅତୁଳନୀୟ ବୋଲି କହିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟି ଚେୟାରପର୍ସନ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମେଳା କମିଟି ଅଧ୍ୟକ୍ଷ ଆଇନଜୀବୀ ଅରବିନ୍ଦ ଦାସ, ଉପଦେଷ୍ଟା ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ଡ. ବିଜୟ କୁମାର ଅଗ୍ରୱାଲ, ପଣ୍ଡିତ ଭାଗବତ ପଣ୍ଡା, କମଳେନ୍ଦୁ ଲାଲ ମହାନ୍ତ, ନରେନ୍ଦ୍ର ମୋହନ ସେନାପତି, ପ୍ରଭାତୀ ମହାନ୍ତି, ସଂଯୁକ୍ତା ବସା, ପ୍ରଫେସର ସୁନୀଲ କୁମାର ଜେନା ଓ ସମାଜସେବୀ ଅମର କୁମାର ସେଠୀ ପ୍ରମୁଖ ଯୋଗଦେଇ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିଥିଲେ । କାବେରୀ ମିଶ୍ର, ରାକେଶ ସିଂ, ଇଂ ଶିରିଶ ହେମ୍ବ୍ରମ, ମୂର୍ଚ୍ଛନା ଦାସପଟ୍ଟନାୟକ, ନିରୋଜ କୁମାର ପୋଥାଳ, ଗୋପାଳ ଚନ୍ଦ୍ର ସାଓ, ଲଲାଟେନ୍ଦୁ ବେହେରା ପ୍ରମୁଖ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ମହୋତ୍ସବ କମିଟିର ସଦସ୍ୟ ବହୁ ସଂଖ୍ୟାରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ଡ. ଶଶୀଧର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମାରେସ ନାୟକ ଆଗାମୀ କାର୍ଯ୍ୟପନ୍ଥା ବାବଦରେ ଆଲୋଚନା କରିଥିବାବେଳେ ସଦସ୍ୟ ସନତ ବାରିକ, ଚନ୍ଦ୍ର ପ୍ରକାଶ ଦ୍ୱିବେଦୀ, ଦିଲ୍ଲୀପ କୁମାର ପାତ୍ର, ମିଥୁନ ବାରିକ, ରଞ୍ଜିତ ପଲେଇ, କୁନୁ ସିଂ, ଦେବାଶିଷ ଜିତ ଓ ଇନ୍ଦୁମତି ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ସାଧାରଣତନ୍ତ୍ର ଦିବସ ପାଇଁ ସୌରଭଙ୍କୁ ନିମନ୍ତ୍ରଣ



**ରାଇରଙ୍ଗପୁର, ୨୪।୧(ସମିସ):** ବିଚ୍ଛିନ୍ନାଞ୍ଚଳ ଝାଡ଼ଖଣ୍ଡର ଓଡ଼ିଆ ପୁଅ ସୌରଭ ମିଶ୍ରଙ୍କୁ ଗଣତନ୍ତ୍ର ଦିବସ ସମାରୋହରେ ଯୋଗ ଦେବାକୁ ଦିଲ୍ଲୀରୁ ନିମନ୍ତ୍ରଣ ପତ୍ର ଆସିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମନ୍ତ୍ରଣ କରିଛନ୍ତି । ଜାମସେଦପୁରସ୍ଥ ଡିବିଏମଏସ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ସୌରଭ ମିଶ୍ରଙ୍କୁ ନିମନ୍ତ୍ରଣ କରାଯାଇଛି । ସୌରଭ ବିଚ୍ଛିନ୍ନାଞ୍ଚଳ ଝାଡ଼ଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମ ଜିଲ୍ଲାର କୁଡେଇସିଲା ଗ୍ରାମର ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କ ପୁତ୍ର ଅଟନ୍ତି । ଜାନୁଆରୀ ୨୬ରେ ଦିଲ୍ଲୀରେ ଆୟୋଜନ ହେବାକୁ ଥିବା ୭୭ତମ ସାଧାରଣତନ୍ତ୍ର ଦିବସ ସମାରୋହରେ ସମ୍ମିଳିତ ହେବାକୁ ନିମନ୍ତ୍ରଣ କରାଯାଇଛି । ସୌରଭ ଜଣେ ମେଧାବୀ ଛାତ୍ର ଅଟନ୍ତି । ସେ ଅଟଳ ଟିଙ୍କରୀ ଲ୍ୟାବ ସହ ଜଡିତ ଓ ତାଙ୍କ ଦକ୍ଷତା ପାଇଁ ଅନେକ ସ୍ଥାନରେ ଉଚ୍ଚ ପ୍ରଶଂସିତ ହେଇଛନ୍ତି । ଛାତ୍ରଙ୍କ ସୃଜନଶୀଳତାକୁ ନେଇ ସର୍ବଭାରତୀୟ ସ୍ତରରେ ଝାଡ଼ଖଣ୍ଡ ରାଜ୍ୟରୁ ଦୁଇଜଣ ଛାତ୍ର ଦିଲ୍ଲୀକୁ ଆମନ୍ତ୍ରଣ ହୋଇଥିବାବେଳେ ସେଥିରେ ସୌରଭ ଅଛନ୍ତି । ଜାନୁଆରୀ ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ଗଣତନ୍ତ୍ର ଦିବସ ସମାରୋହ ଆୟୋଜନ ହେବ । ଉକ୍ତ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ, ରାଷ୍ଟ୍ରପତି ଭବନ, ରାଷ୍ଟ୍ରୀୟ ବିଜ୍ଞାନ ଭବନ ଆଦି ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ଏଥିସହିତ ଦିଲ୍ଲୀସ୍ଥ କର୍ତ୍ତବ୍ୟ ଭବନରେ ହେବାକୁ ଥିବା ଗଣତନ୍ତ୍ର ଦିବସ ପ୍ୟାରେଡ଼ରେ ମଧ୍ୟ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେବେ । ପ୍ରଧାନମନ୍ତ୍ରୀଙ୍କ ଏହି ନିମନ୍ତ୍ରଣ ପତ୍ର ପାଇ ସୌରଭଙ୍କ ସମେତ ତାଙ୍କ ପରିବାର ବହୁତ ଖୁସି ଅଛନ୍ତି । ଉକ୍ତ ଆମନ୍ତ୍ରଣ ପତ୍ର ଡାକ ବିଭାଗ କର୍ମଚାରୀ ଘରେ ପହଞ୍ଚି ପ୍ରଦାନ କରିଛନ୍ତି ।

# ଭଞ୍ଜସେନାର ୨୮ତମ ପ୍ରତିଷ୍ଠା ଦିବସ



**ବାରିପଦା, ୨୪ ।୧(ସମିସ):** ମୟୂରଭଞ୍ଜ ଜିଲ୍ଲାର ଏକମାତ୍ର ସଂଗ୍ରାମୀ ଯୁବ ଛାତ୍ର ସଂଗଠନ ଭଞ୍ଜସେନା ପକ୍ଷରୁ ଶୁକ୍ରବାର ମହାନ୍ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ତଥା ଭଞ୍ଜସେନାର ୨୮ତମ ପ୍ରତିଷ୍ଠା ଦିବସ ଅବସରରେ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ତମାମ ମନ୍ଦିର, ଜାହିରା ପୀଠ, ମସଜିଦ୍, ଗୀର୍ଜା ଓ ଅନ୍ୟାନ୍ୟ ଧାର୍ମିକ ପୀଠରେ ପୂଜାର୍ଚ୍ଚନା ସାରି ଜିଲ୍ଲାର ପ୍ରତ୍ୟେକ ଅଞ୍ଚଳରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ ସମେତ ଜିଲ୍ଲାର ସମସ୍ତ ଛୋଟବଡ ହସ୍ପିଟାଲରେ ଫଳ, ବିସ୍କୁଟ, ପାଣି ବଣ୍ଟନ କରାଯାଇଥିଲା । ବାଙ୍ଗରିପୋଷି ଶାଖା ପକ୍ଷରୁ ବାଙ୍ଗରିପୋଷି (ହାଣଦା ମୌଜା) ଠାରେ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା । ପ୍ରତିଷ୍ଠା ଦିବସ ପାଳନ ପୂର୍ବରୁ ହୋଇଥିବା ରିଲ୍ସ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା । ଅତିଥିମାନଙ୍କ ମଧ୍ୟରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଡିଭାଇନର ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ ପ୍ରମୁଖ ଯୋଗ ଦେଇଥିଲେ । ଏ ଅବସରରେ ରିଲ୍ସ ପ୍ରତିଯୋଗିତାର ବ୍ରାଣ୍ଡ ଆମ୍ବାସାଡର ଇଣ୍ଟରନ୍ୟାସନାଲ ୟୁଟ୍ୟୁବର ଲବ ହାଁସଦା, କଳାକାର ତାପସ ପାଢ଼ୀ, ମଞ୍ଚ ଉପସ୍ଥାପକ ଡ. ରଞ୍ଜିତ କୁମାର ସାହୁ, ସଙ୍ଗୀତ ନିର୍ଦ୍ଦେଶକ ବିଭୂତି ଭୂଷଣ ବେହେରା ଓ ଗାୟିକା ପୋଲିନା ସରଘରିୟା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଭିନ୍ନକ୍ଷମ ଭତ୍ତା ପାଇବାରୁ ଜଗତା ସିଂ ବଞ୍ଚିତ



**ଶରତ, ୨୪।୧(ସମିସ):** କପ୍ତିପଦା ବ୍ଲକ ଅନ୍ତର୍ଗତ ପଦ୍ମପୋଖରୀ ପଞ୍ଚାୟତ ଅଧୀନ ଧନାସାହି ଗ୍ରାମର ଜଗତା ସିଂ ମୁଣ୍ଡରୀ(୪) ଦିବ୍ୟାଙ୍ଗ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି । ଜଗତା ସିଂ ମୁଣ୍ଡରୀ ୪ ବର୍ଷର ବାଳକ । ତାଙ୍କ ବାପାମାଆ ଶାଳ ପତ୍ର ସିଲାଇ କରି ଗୁଜୁରାଣ ମେଣ୍ଟାଉଛନ୍ତି । ଏହି ବାଳକ ଜନ୍ମରୁ ହିଁ ଦିବ୍ୟାଙ୍ଗ । ତାଙ୍କୁ ମୟୂରଭଞ୍ଜ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଭିନ୍ନକ୍ଷମ ପ୍ରମାଣ ପତ୍ର ମିଳିବା ପରେ ତାଙ୍କର ଅଭିଭାବକ କପ୍ତିପଦା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଭତ୍ତା ପାଇଁ ଆବେଦନ କରିଥିଲେ । ବର୍ତ୍ତମାନ ସୁଦ୍ଧା ତାଙ୍କୁ ଭତ୍ତା ମିଳିପାରିନାହିଁ । ଗରିବ, ଅସହାୟ, ଦିବ୍ୟାଙ୍ଗ ଓ ଅବହେଳିତ ବର୍ଗ ଲୋକଙ୍କ ନିମନ୍ତେ ସରକାରଙ୍କ ବହୁ ଯୋଜନା ରହିଛି ସତ, କିନ୍ତୁ ଏଠାରେ ଏହା ଫେଲ ମାରି ଥିବା ସ୍ପଷ୍ଟ ପ୍ରମାଣିତ ହୋଇଛି । ଏହି ଦିବ୍ୟାଙ୍ଗ ବାଳକକୁ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯିବା ସହିତ ତାଙ୍କୁ ମୁକ, ବଧିରଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଦ୍ୟାଳୟରେ ପାଠ ପଢ଼ିବା ନିମନ୍ତେ ବ୍ୟବସ୍ଥା କରାଯିବାକୁ ପଦ୍ମପୋଖରୀ ପଞ୍ଚାୟତର ଯୁବ ସମାଜସେବୀ ନବୀନ ମୁଣ୍ଡରୀ ନିବେଦନ କରିଛନ୍ତି । ଏଥିପ୍ରତି ମୟୂରଭଞ୍ଜ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ କପ୍ତିପଦା ବିଡିଓ ଦୃଷ୍ଟି ଦେବାକୁ ଶ୍ରୀ ମୁଣ୍ଡରୀ ଦାବି କରିଛନ୍ତି ।

## ବିଦ୍ୟାଳୟରୁ ଚୋରି

**ରାଇରଙ୍ଗପୁର, ୨୪।୧(ସମିସ):** ସ୍ଥାନୀୟ ୩ନଂ ୱାର୍ଡ ସାକିଲାଡ଼ିହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋରି ହୋଇଛି । ଏ ନେଇ ପ୍ରଧାନଶିକ୍ଷକ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ବିଦ୍ୟାଳୟ ବନ୍ଦ ଥିବାବେଳେ ଦୁର୍ବୃତ୍ତମାନେ ବିଦ୍ୟାଳୟରେ ପ୍ରବେଶ କରି ବିଭିନ୍ନ ସାମଗ୍ରୀ ଚୋରି କରିଛନ୍ତି । ପରଦିନ ବିଦ୍ୟାଳୟ ଖୋଲିବା ବେଳକୁ ଘଟଣା ବାବଦରେ ଜାଣି ଥାନାରେ ଅଭିଯୋଗ କରିଛନ୍ତି ।

# ସାନ୍ତାଳୀ ରାଜଭାଷା ଓ ସାର୍ନା ଧର୍ମ କୋଡ୍ ମାନ୍ୟତା ପାଇଁ ଲଢ଼ିବ ସେଙ୍ଗେଲ

**ବାରିପଦା, ୨୪ ।୧(ସମିସ)**




ଆଦିବାସୀ ସେଙ୍ଗେଲ ଅଭିଯାନର ପ୍ରଦେଶ ପାର୍ଗାନା ସହ ବାରିପଦା ଜୋନାଲ ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ବାଙ୍ଗିରିପୋଷି ପ୍ରାଣୀ ଚିକିତ୍ସାଳୟ ପରିସରରେ ସେଙ୍ଗେଲର ମୁଖ୍ୟ ନେତାଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଲ୍ ଇଣ୍ଡିଆ ମାଝୀ ପାର୍ଗାନା ମାଡୱାର ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ହେମ୍ବ୍ରମ ସଭାପତିତ୍ୱ କରିଥିଲେ । ଶ୍ରୀ ମୁର୍ମୁ କହିଥିଲେ, ଭାରତର ସମସ୍ତ ରାଜ୍ୟ ଭାଷାଭିତ୍ତିକ ରାଜ୍ୟ ଗଠନ କରାଯାଇଛି ଓ ସମସ୍ତ ଧର୍ମାବଲମ୍ବୀଙ୍କୁ ଧାର୍ମିକ ସ୍ୱାଧୀନତା ଦିଆଯାଇଛି । କିନ୍ତୁ ଆଦିବାସୀଙ୍କ ସରକାରୀ ମାନ୍ୟତାପ୍ରାପ୍ତ ସାନ୍ତାଳୀ ଭାଷାକୁ ଆଜି ପର୍ଯ୍ୟନ୍ତ ରାଜଭାଷାର ମାନ୍ୟତା ଓ ସେମାନଙ୍କୁ ଧାର୍ମିକ ସ୍ୱାଧୀନତା ଦିଆ ନ ଯିବା ଆଦିବାସୀଙ୍କ ଅସ୍ତିତ୍ୱ, ବାସ୍ତବିକ ପରିଚୟ ଓ ଭାଗିଦାରୀ ଉପରେ ଘାତକ ହାମଲା ଅଟେ ଓ ଆଦିବାସୀଙ୍କ ସାମ୍ବିଧାନିକ ଅଧିକାରକୁ ଷଡ଼ଯନ୍ତ୍ର କରି ଶୋଷଣ କରାଯାଉଛି । ତେଣୁ ସାନ୍ତାଳୀ ଭାଷାକୁ ଝାଡ଼ଖଣ୍ଡରେ ପ୍ରଥମ ରାଜଭାଷା ଓ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଆସାମ, ବିହାର ଆଦି ରାଜ୍ୟରେ ଦ୍ୱିତୀୟ ରାଜଭାଷା ରୂପେ ମାନ୍ୟତା କରାଇବା ଓ ସାର୍ନା ଧର୍ମ କୋଡର ମାନ୍ୟତା ସହ ମାରାଂବୁରୁକୁ ଜୈନମାନଙ୍କ କବଳରୁ ମୁକ୍ତ କରାଇବା ପାଇଁ ଆଦିବାସୀ ସେଙ୍ଗେଲ ଅଭିଯାନର ନେତାମାନେ ଜୀବନକୁ ବାଜି ଲଗାଇ ଲଢେଇ ଲଢ଼ିବେ ବୋଲି ସ୍ପଷ୍ଟ କରିଛନ୍ତି ।

ସାନ୍ତାଳୀ ଭାଷା ବିଜେତା ତଥା ପୂର୍ବତନ ସାଂସଦ ସାଲଖାନ ମୁର୍ମୁଙ୍କ ମାର୍ଗଦର୍ଶନରେ ଆଗାମୀ ଫେବୃଆରୀ ୨୧ରେ ସାନ୍ତାଳୀକୁ ରାଜଭାଷା ଓ ମାର୍ଚ୍ଚ ୨୧ରେ ସାର୍ନା ଧର୍ମ କୋଡ ମାନ୍ୟତା ଓ ମାରାଂବୁରୁ ଫେରାଇ ଆଣିବାକୁ ରାଷ୍ଟ୍ରୀୟ ସ୍ତରର ସମସ୍ତ ଜିଲ୍ଲା ମୁଖ୍ୟାଳୟରେ ଗଣଧାରଣା ଦିଆଯାଇ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯିବ । ଦାବି ପୂରଣ ନ ହେଲେ ରାଜରାସ୍ତାକୁ ଆଦିବାସୀ ସମାଜ ଓହ୍ଲାଇବାକୁ ବାଧ୍ୟ ହେବ । ଉକ୍ତ ବୈଠକରେ ଜୋନାଲ ସେଙ୍ଗେଲ ପାର୍ଗାନା ମାଧବ ଚନ୍ଦ୍ର ମୁର୍ମୁ, ଜିଲ୍ଲା ଯୁବା ସେଙ୍ଗେଲ ସଭାପତି ଉଦୟନାଥ ହେମ୍ବ୍ରମ, ସୁଦର୍ଶନ ମାର୍ଣ୍ଡି, ଶିବୁ ହେମ୍ବ୍ରମ, ଅନନ୍ତ ଚରଣ ମାର୍ଣ୍ଡି, କରନ ଚନ୍ଦ୍ର ମୁର୍ମୁ, ରଳୟା ସୋରେନ, ମାଝିଆ, ହାଁସଦା, ଶିଙ୍ଗ୍ରାୟ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ ମନ୍ତ୍ରୀ



**ରାସଗୋବିନ୍ଦପୁର, ୨୪।୧(ସମିସ):** ଶନିବାର ରାସଗୋବିନ୍ଦପୁର ବ୍ଲକର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ଼ କୃଷ୍ଣଚନ୍ଦ୍ର ମହାପାତ୍ର । ପ୍ରଥମେ ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ନାକିଚୁଆ ପଞ୍ଚାୟତ ଫରେଷ୍ଟ ଗେଟ ଛକରେ ମା’ ମଙ୍ଗଳା ବାବା ସର୍ବେଶ୍ୱର କମିଟି ପକ୍ଷରୁ ଆୟୋଜିତ ସରସ୍ୱତୀ ପୂଜା ଉପଲକ୍ଷେ ମହୋତ୍ସବରେ ଯୋଗ ଦେଇଥିଲେ । ପରେ କମାରଡିହା ପଞ୍ଚାୟତ ଅନ୍ତର୍ଗତ ପଞ୍ଚମାଣିଆଠାରେ ଆୟୋଜିତ ମହୋତ୍ସବରେ ଯୋଗ ଦେଇଥିଲେ । ଲୋକଙ୍କ ସମସ୍ୟା ପଚାରି ବୁଝିବା ସହ ତତକ୍ଷଣାତ ସମାଧାନ କରାଇବା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମନ୍ତ୍ରୀଙ୍କ ସହ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ ମହାନ୍ତି, ରାଜ୍ୟ ଏସ୍‌ଟି ମୋର୍ଚ୍ଚା ସଭାପତି କାନ୍ଦ୍ରା ସୋରେନ, ବିଜେପି ଜିଲ୍ଲା ସମ୍ପାଦକ (ପୂର୍ବ) ପୁରୁଷୋତ୍ତମ ଦେ, ୪୭ନଂ ଜୋନ ମଣ୍ଡଳ ସଭାପତି ରଣଜିତ ବାରିକ, ଯୁବ ସଭାପତି ଇନ୍ଦ୍ରଜିତ ଦାସ, ସ୍ଥାନୀୟ ସରପଞ୍ଚ ରୁଣ୍ଟୁ ହାଁସଦାଙ୍କ ସମେତ ଆୟୋଜକ କମିଟି ସଦସ୍ୟ ଜଗନ୍ନାଥ ଘୋଷ, ଅବିନାଶ ଚାନ୍ଦ, ଚିନ୍ମୟ ନାୟକ, ଲିକୁ ଚୌଧୁରୀ, ରଜନୀକାନ୍ତ ପାତ୍ର, ଶିବୁ ସାତୁଆ ପ୍ରମୁଖ ଉପସ୍ଥିତ ଥିଲେ ।

# ସୃଜନିକା

ସକାଳ
THE SAKALA
www.sakalaepaper.com



# ରି-ସାଇକ୍ଲିଂ



ମୂଳ ହିନ୍ଦୀ : ଏସ୍. ଭାଗ୍ୟମ ଶର୍ମା

ଅନୁସୃଜନ : ନମିତା ପାଇକରାୟ

ହସ୍ପିଟାଲର ବାରଣ୍ଡାରେ ବସି ମୋହିତ ବଡ଼ ବଡ଼ ଆଖିରେ ଚାହିଁଥିଲା। ସାମ୍ନା ବଗିଚାରେ ସୁନ୍ଦର ସୁନ୍ଦର ଫୁଲ ଫୁଟି ଥିଲା। ଯିବାଆସିବା କରୁଥିବା ମଣିଷମାନେ, ସେବା କରୁଥିବା କର୍ମଚାରୀମାନେ ଥିଲେ । ସେଠାର କାନ୍ଥଗୁଡ଼ିକରେ ଛୋଟ ପିଲାମାନଙ୍କ ଫଟୋ ଟଙ୍ଗା ହୋଇଛି। କିନ୍ତୁ କୌଣସି ଜିନିଷ ତା'ର ଧ୍ୟାନ ଆକର୍ଷଣ କରିପାରୁନି।

ତା'ର ମନ ତ ସୁଗୁଣା...ସୁଗୁଣା ଜପୁଥିଲା। ସେ ସୁଗୁଣା ସହ ବିତାଇଥିବା ଅଠର ବର୍ଷ ଚଳଚ୍ଚିତ୍ର ପରି ଲାଗୁଥିଲା। ଯେମିତି ନେପଥ୍ୟରେ ଚଳଚ୍ଚିତ୍ର ଚାଲୁଥିଲା। ଯେଉଁ ଦିନ ସୁଗୁଣା ଘରକୁ ତାକୁ ଦେଖିବାକୁ ଯାଇଥିଲେ, ସେଦିନଠୁ ସେ ସମସ୍ତଙ୍କୁ ପ୍ରଭାବିତ କରି ରଖିଥିଲା। ମୋହିତର ବାପା ମା', ସୁଗୁଣା ବନେଇଥିବା ପକୁଡ଼ି ଓ ହାଲୁଆର ପ୍ରଶଂସା କରିଥିଲେ। ମୋହିତର ଭଉଣୀ ସୁଗୁଣାର ଘର ସଜାଇବାର କଳାରେ ମୁଗ୍ଧ ହୋଇଥିଲା। ସୁଗୁଣାର ବାପା ନିଜ ଝିଅର ପ୍ରଶଂଶା କରି କହିଲେ – "ସୁଗୁଣା ସବୁ କାମରେ ନିପୁଣା। ବୋହୂ ହେବା ପାଇଁ ଯୋଗ୍ୟା।"

ସମସ୍ତେ ନିଜ ଝିଅର ପ୍ରଶଂସା କରନ୍ତି। ସୁଗୁଣାର ବାପା ଯେମିତି ପ୍ରଶଂଶା କଲେ ପୂରା ନିଆରା। କହିଲେ, "ସୁଗୁଣା ରୋଷେଇ କରୁ କି ଇନ୍‌ଟେରିଅର୍ ଡେକୋରେସନ୍ କରୁ ସବୁ ସୁନ୍ଦର ଓ ନିଖୁଣ। ଶଶୁରଘର ଲୋକ ବି କହୁଥିଲେ ସୁଗୁଣାର ବାପା ଯେତିକି ପ୍ରଶଂଶା କରୁଥିଲେ, ତାହାଠାରୁ ଆମ ବୋହୂ ଆହୁରି ଅଧିକ ପ୍ରଶଂସାର ପାତ୍ର।

ବାହାଘର ପରେ ଯେତେବେଳେ ଉପହାରର ପ୍ୟାକେଟ୍ ସମସ୍ତେ ଖୋଲି ଖୋଲି ଦେଖୁଥିଲେ। ସୁଗୁଣା ଚୁପ୍‌ଚାପ୍ ପ୍ୟାକେଟ୍ ଉପର ଚିକ୍ ମିକ୍ ଜରି କାଗଜଗୁଡ଼ିକ ସାଇତି ରଖୁଥିଲା।

ଶାଶୁ କହିଲେ, "ସୁଗୁଣା ସେଗୁଡ଼ାକ କ'ଣ କରିବୁ? ଫୋପାଡ଼ି ଦେ।"

ସୁଗୁଣା କହିଲା, "ଥାଉ ମା, କେତେବେଳେ ନା କେତେବେଳେ କାମରେ ଆସିବ...।" ତା' କଥା ଶୁଣି ସମସ୍ତେ ହସିଲେ।

ଦାଦା ମଜାରେ କହିଲେ, "ମୋହିତ ତୋତେ ବିଲ୍‌କୁଲ୍ ଠିକ୍ ଝିଅ ମିଳିଛି।" ଭଉଣୀ ହସି ହସି କହିଲା, "ତମେ ତ ଏବେ ହଇରାଣରେ ପଡ଼ିବ, ଫେସନ୍ ବଦଳି ଗଲା କହି ଜୋତା, ଚଷମା ଫୋପାଡ଼ି ଦିଅ, ନୂଆ କିଣି ଆଣ, ଏବେ ତୁମେ କ'ଣ କରିବ?"

ମୋହିତ କେବେ ବି ସୁଗୁଣାର କାମରେ ଦଖଲ ଦିଏନା, ସୁଗୁଣାର କାମ କରିବା ବିଧି ସ୍ୱତନ୍ତ୍ର ଥିଲା। ସେ କୌଣସି ବସ୍ତୁକୁ ବେକାର ଭାବେନା, ଅଦରକାରୀ ବସ୍ତୁକୁ ବି ସେ କୌଣସି କାର୍ଯ୍ୟରେ ଲଗାଇ ଜାଣେ। ଘର ସଜେଇ ଦେବ, କାହାର ଦରକାର ହେଲେ ଦେଇ ଦେବ।

ଘରେ ଯେଉଁ ବଗିଚା ଥିଲା, ସେଥିରେ ବହୁତ ଫୁଲ ଫୁଟୁ ଥିଲା, ଘର ପୂଜା ପାଇଁ ସୁଗୁଣା ଫୁଲ ତୋଳି ରଖେ, ବାକି ଫୁଲ ପ୍ରତିଦିନ ପାଖ ମନ୍ଦିରରେ ଦେଇ ଆସେ। ଘରେ ଫଳ ପନିପରିବାର ଚୋପାକୁ ବଗିଚାରେ ଗାତ ଖୋଳି ସଢ଼ାଇ ଖତ କରେ। ମା'ର ପୁରୁଣା ଶାଢ଼ିରୁ କନ୍ଥା ବନେଇ ଘରେ ସହାୟତା କରୁଥିବା ଲୋକମାନଙ୍କୁ ଦିଏ। ଛୁଆଙ୍କ ଛୋଟ ହୋଇଯାଉଥିବା ପୋଷାକ ଓ ଖେଳଣା କାହାକୁ କାହାକୁ ଦେଇଦିଏ।

ସୁଗୁଣା କେବଳ ଶାଶୁଙ୍କର ଖୁବ୍ ଯତ୍ନ ନିଏ ବୋଲି ନୁହେଁ, ଦରକାର କରୁଥିବା ସବୁ ସଦସ୍ୟଙ୍କୁ ସାହାଯ୍ୟ କରେ। ମୋହିତ ଟୁର୍‌ରେ ଗଲେ, ଛୁଆଙ୍କ ପାଠପଢ଼ା, ଘର ପରିବାର, ବନ୍ଧୁବାନ୍ଧବଙ୍କ କଥା ସବୁ ସୁଗୁଣା ସୁନ୍ଦର ଭାବେ ବୁଝେ।

ହଠାତ୍ ମୋହିତର କାନ୍ଧ କିଏ ଧରିଲା। ଫେରି ଚାହିଁଲା ମୋହିତ ଦେଖିଲା ତା' ମା ଧରି ଥିଲା। ପୁଅକୁ ଚାହିଁ କାନ୍ଦି କାନ୍ଦି କହିଲେ, "ପୁଅରେ ଏ ସବୁ ମୋରି ପାଇଁ ହେଇଛି। ମୁଁ ପଡ଼ି ଯିବି ବୋଲି ସୁଗୁଣା ଦୌଡ଼ି ଆସିଲା ମୋତେ ଧରିବାକୁ।"

ତେର ବର୍ଷର ନାତୁଣୀ ଆଶ୍ୱାସନା ଦେଇ କହିଲା, "ଜେଜେମା କାନ୍ଦ ନାହିଁ, ମା' ଆମକୁ ଛାଡ଼ି କୁଆଡ଼େ ଯିବନି।"

ଗାଧୋଇବା ପରେ ଶାଶୁ ଆସୁଥିଲେ। ହଠାତ୍ ମୁଣ୍ଡ ବୁଲେଇଲା ପଡ଼ି ଯାଇ ଥାଆନ୍ତେ, ସୁଗୁଣା ଦୌଡ଼ି ଯାଇ ଧରି ପକାଇବ କ'ଣ ତା' ହାତରୁ ତେଲ ଗିନାଟା ଖସି ପଡ଼ିଲା। ତେଲ ଉପରେ ତା'ର ପାଦ ଖସି ଗଲା। ସେ ପଡ଼ିଗଲା ମାତ୍ରକେ ବେହୋସ୍ ହୋଇ ଗଲା। ଏହାକୁ ବିଧିର ବିଧାନ ନକହି ଆଉ କ'ଣ କହିବା?

ସୁଗୁଣାକୁ ଦେଖି ସାରି ଡାକ୍ତର ବାହାରକୁ ଆସିଲେ। ମୋହିତ କାନ୍ଧରେ ହାତ ରଖିଲେ। ମୋହିତ ଉଠିବାକୁ ଉଦ୍ୟତ ହେଲା ବେଳକୁ ଡାକ୍ତର ତା' ପାଖରେ ବସିଗଲେ। କହିଲେ- "ମୋହିତ ନିଜ ମନକୁ ଦୃଢ଼ କର। ଆମର ସବୁ ଚେଷ୍ଟା ବିଫଳ ହେଲା, ଭଗବାନଙ୍କ କୃପା ନାହିଁ। ବ୍ରେନ୍ ଡେଡ୍ ହୋଇଗଲା। ଜୀବନ ଅଛି, ନିଶ୍ୱାସ ନେଉଛି, ଯନ୍ତ୍ରଟି କାଢ଼ି ଦେଲେ ନିଶ୍ୱାସ ବନ୍ଦ ହୋଇ ଯିବ।"

ମା' ପୁଅକୁ କୁଣ୍ଢାଇ ଧରି କାନ୍ଦିବାକୁ ଲାଗିଲା। ସେତ ଆଗରୁ ଜଡ଼ ହୋଇ ଯାଇଥିଲା। ଖବର ପାଇ ଜ୍ଞାତି କୁଟୁମ୍ବ, ବନ୍ଧୁ ପରିଜନ ସମସ୍ତେ ଆସିବାକୁ ଲାଗିଲେ। ମୋହିତ ଚୁପ୍‌ଚାପ୍ ବସି ଥିଲା। ତା' କାନରେ ଡାକ୍ତରଙ୍କ କଥା ଗୁଞ୍ଜରିତ ହେଉଥିଲା।

ଡାକ୍ତର କହିଲେ, "କ୍ଷମା କରିବେ ମୋହିତ, ସାନ୍ତ୍ୱନା ଦେବା ପାଇଁ ଶବ୍ଦ ନାହିଁ ମୋ ପାଖରେ। ତଥାପି କହୁଛି ଆପଣ ଯଦି ଚାହିଁବେ, ଆପଣଙ୍କ ସ୍ତ୍ରୀର ଅଙ୍ଗପ୍ରତ୍ୟଙ୍ଗ ଦାନ କରିପାରିବେ। ଦରକାର କରୁଥିବା ବ୍ୟକ୍ତିମାନେ ଉପକୃତ ହେବେ। ଏହା ସମ୍ପୂର୍ଣ୍ଣ ଆପଣଙ୍କ ଇଚ୍ଛା ଉପରେ ନିର୍ଭର କରେ।"

ମୋହିତ ଭାବୁଥିଲା, ଡାକ୍ତରଙ୍କ ନିବେଦନକୁ କେମିତି ଛୁଆଙ୍କୁ ଜଣାଇବ? ଏ କଷ୍ଟ କ'ଣ ସେମାନେ ସହି ପାରିବେ? ସୁଗୁଣାର ମା'ବାପାଙ୍କୁ କେମିତି ସାନ୍ତ୍ୱନା ଦେବ? ହେ ଭଗବାନ!

"ବାପା, ବାପା", ଯେମିତି ଝିଅର ଡାକ ଶୁଣିଲା ମୋହିତ ମୁଣ୍ଡ ଉଠାଇ ଚାହିଁଲା। ଝିଅ ପଚାରିଲା, "ବାପା କ'ଣ ଭାବୁଛ? ଆମ ଆର୍ଥିକ ସ୍ଥିତି ସବୁବେଳେ ଭଲ ରହିଛି। ତଥାପି ମା' କୌଣସିପ୍ରକାର ଜିନିଷକୁ ବେକାର ଫୋପାଡ଼ି ଦିଏନି। କେମିତି ହେଉ ପଛେ ତାକୁ କାମରେ ଲଗେଇ ଦିଏ। ଯାହାର ଯାହା ଦରକାର ଅନ୍ୟମାନଙ୍କୁ ମା' ଖୁସିରେ ଦେଇ ଦିଏ। ମା' ମରିଗଲା ପରେ, ଏ ସ୍ଥିତିରେ, ମା'ର ଅଙ୍ଗପ୍ରତ୍ୟଙ୍ଗ ଯଦି ଅନ୍ୟ କାହାର କାମରେ ଆସିବ, ତାହେଲେ ମା'ର ଆତ୍ମାକୁ ଶାନ୍ତି ମିଳିବ ବାପା।"

ଝିଅର କଥା ଶୁଣି ମୋହିତର ଚିନ୍ତା ଦୂର ହୋଇଗଲା। ମନରେ ଯେଉଁ ଦ୍ୱନ୍ଦ୍ୱ ଥିଲା ତାହା ଦୂର ହୋଇଗଲା। ଝିଅକୁ କୋଳେଇ ଧରି କାନ୍ଦି ପକେଇଲା, ଭିତରେ ଥିବା ସବୁ କୋହ ବାହାରି ଆସିଲା। ବର୍ଷା ପରେ ଆସିଥିବା ଖରା ପରି ଶାନ୍ତ ହୋଇ ଝିଅ ସହ ଡାକ୍ତରଙ୍କ ପାଖକୁ ମୋହିତ ଗଲା। ଝିଅ କହିଲା, "ବାପା ମା' କେତେ ମହାନ ଥିଲା। ସାରା ଜୀବନ ସବୁ ଜିନିଷକୁ ରି-ସାଇକ୍ଲିଂ କରୁଥିଲା। ଗଲା ବେଳକୁ ବି ତା' ନିଜ ଅଙ୍ଗ ପ୍ରତ୍ୟଙ୍ଗକୁ ରି-ସାଇକ୍ଲିଂ ପାଇଁ ଛାଡ଼ି ଗଲା। ସେ ଯେଉଁ ସିଦ୍ଧାନ୍ତରେ ଚାଲୁଥିଲା, ତାହା ତା' ଜୀବନରେ ପ୍ରମାଣିତ ହୋଇ ଗଲା।"

"ହଁ ଝିଅ! ତୋ ମାଆ ମହାନ୍।" ■

ନୀଳାଦ୍ରି ବିହାର, ଭୁବନେଶ୍ୱର
ମୋ: ୯୮୬୧୩୮୫୦୪୬

# ପୁସ୍ତକ ପରିଚୟ

## ବ୍ଲୁ

**ଲୋପାମୁଦ୍ରା ମୈକାପ୍**





ପଶ୍ଚିମା ପବ୍ଲିକେଶନ୍‌ସ
୧୮୮୨, ନୟାପଲ୍ଲୀ, ଭୁବନେଶ୍ୱର
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ: ୧୭୯ ଟଙ୍କା

ମାନବୀୟ ସମ୍ବନ୍ଧର ମାର୍ମିକ ଚିତ୍ରରେ ବର୍ଣ୍ଣିଳ ଲୋପାମୁଦ୍ରା ମୈକାପ୍‌ଙ୍କ 'ବ୍ଲୁ' ପୁସ୍ତକର ଗପଗୁଡ଼ିକ। ଏହି ପୁସ୍ତକରେ ୧୩ଟି ଗପ ସଂକଳିତ ହୋଇଛି। ପ୍ରତିଟି ଗପର ଭାବ, ଆବେଦନ, ଅନ୍ତଃସ୍ୱର ଅଲଗା ଅଲଗା। 'ଏକ ରେଳଯାତ୍ରା: ନିୟୁଦିଲ୍ଲୀରୁ ଭୁବନେଶ୍ୱର', 'ଜନ୍ମ', 'ଦଗ୍ଧ କାଠଯୋଡ଼ି', 'ଅନୁମତି', 'ନିଖୋଜ ଜହ୍ନର ଠିକଣା', 'ନୀଳାଞ୍ଜନା', 'ବାଘୁଣୀ', 'ଭର୍ଜିନ୍ ମୋହିତୋ ଓ ନୟନ ପଣ୍ଡା', 'ମୁଁ, ତୁମେ ଓ ଆମ ପୃଥିବୀ', 'ସରି ଆସୁଥିବା ରାତି', 'ବ୍ଲୁ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ସକାରାତ୍ମକ ବିଚାରଧାରା, ମାନବୀୟ ସମ୍ବେଦନଶୀଳତା, ସାମାଜିକ ପ୍ରତିବଦ୍ଧତାର ଚିତ୍ର ଅନେକ ଗପରେ ପ୍ରତିଫଳିତ ହୋଇଛି। ଆଧୁନିକ ମଣିଷର ଜୀବନଶୈଳୀ ଓ ଚିନ୍ତାଧାରା ଅତି ଚମତ୍କାର ଭାବେ କେତେକ ଗପରେ ଫୁଟି ଉଠିଛି। 'ବ୍ଲୁ' ଗପରେ ଦାମ୍ପତ୍ୟ ଓ କୈଶୋର ପ୍ରେମର ନିଚ୍ଛକ ପ୍ରତିଛବି, ମଧୁର ସ୍ମୃତି ପ୍ରସ୍ଫୁଟିତ ହୋଇଉଠିଛି। 'ମେଘା' ଚରିତ୍ରର ଅନ୍ତଃଭାବନାକୁ ଗାଳ୍ପିକା ଅତି ଚମତ୍କାର ଭାବେ ରୂପାୟିତ କରିଛନ୍ତି। ମଣିଷ ମନର ପ୍ରେମ, ଆଶା, ଆନନ୍ଦ, ବେଦନା ଓ ଅବସାଦ ବିଭିନ୍ନ ଭାବରେ ଭିନ୍ନ ଭିନ୍ନ ଗପରେ ଅତି ସରଳ ଭାଷାରେ ପ୍ରକାଶ ପାଇଛି। 'ବ୍ଲୁ' ପୁସ୍ତକର ଗପଗୁଡ଼ିକ ଭଲ ଲାଗିବ ବୋଲି ଆଶା କରାଯାଏ। ■

## ମାଇଁ ହାର୍ଟ ସ୍ପିକ୍ସ

**ନନ୍ଦ କିଶୋର ଦାଶ**




ଜାଲ୍ ପ୍ରିଣ୍ଟିଂ ୱାର୍କସ
ଗୋବିନ୍ଦପାଲି ରୋଡ୍
ବରଗଡ଼-୭୬୮୦୨୮
ପ୍ରଥମ ସଂସ୍କରଣ: ୨୦୨୫

ସାରସ୍ୱତ ସାଧକ ନନ୍ଦ କିଶୋର ଦାଶଙ୍କ ଇଂରାଜୀ ପୁସ୍ତକ 'ମାଇଁ ହାର୍ଟ ସ୍ପିକ୍' ପ୍ରକାଶ ପାଇଛି। ଏହି ପୁସ୍ତକରେ କେତୋଟି ଗଦ୍ୟ ଓ ପଦ୍ୟ ସଂକଳିତ ହୋଇଛି। 'ଟୁ ନୀନା', 'ସୁଇପ୍ ଅଫ୍ ୟୋର୍ ସ୍ମାଇଲ୍', 'ଦ ଫିଅର୍‌ଲେସ୍', 'ଗଡ୍! ଗିଭ୍ ଅସ୍ ମଦର୍', 'ଓ ସାଇଲେଣ୍ଟ ଲଭ୍', 'ରିଟ୍', 'ଲିଡର୍‌ସିପ୍' ଆଦି କବିତା ଓ ସନେଟ୍‌ଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଅନେକ କବିତାରେ ନିଃସ୍ୱାର୍ଥ ପ୍ରେମ ଓ ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି। ନିଃସ୍ୱାର୍ଥପର ପ୍ରେମ ହିଁ ମଣିଷର ସଂପର୍କକୁ ଅଧିକ ପ୍ରଗାଢ଼ କରିଥାଏ, ତାହା ଏହି ପୁସ୍ତକର କେତେକ କବିତାରେ ସ୍ପଷ୍ଟ ଭାବେ ଚିତ୍ରିତ ହୋଇଛି। ସେହିପରି ଏହି ପୁସ୍ତକର 'ରିଲିଜନ୍ ଆଣ୍ଡ ହେରିଟେଜ୍', 'ହିନ୍ଦୁଜିମ୍', 'ସାଇନ୍‌ସ', 'ଫେଥ୍', 'ଡିଭୋସନ୍', 'ଟ୍ରୁ ହେପିନେସ୍', 'ବେସିସ୍ ଅଫ୍ ମ୍ୟାରେଜ୍' ଆଦି ଲେଖାଗୁଡ଼ିକରେ ସାଂପ୍ରତିକ ପ୍ରସଙ୍ଗ ଉପରେ ଲେଖକ ଶ୍ରୀଯୁକ୍ତ ଦାଶ ଆଲୋକପାତ କରିଛନ୍ତି। ମୌଳିକ ଚିନ୍ତନ, ସାମାଜିକ ବାସ୍ତବତାର ଚିତ୍ର ଯୋଗୁଁ 'ମାଇଁ ହାର୍ଟ ସ୍ପିକ୍' ପୁସ୍ତକର ଲେଖାଗୁଡ଼ିକ ମନଛୁଆଁ ହୋଇଛି। ଲେଖକ ନିଜ ହୃଦୟର ଭାବାବେଗକୁ ଅତି ସରଳ ଓ ବୋଧଗମ୍ୟ ଭାଷାରେ ଲିପିବଦ୍ଧ କରିଛନ୍ତି। 'ମାଇଁ ହାର୍ଟ ସ୍ପିକ୍' ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ। ■

# ନିଆଁ



ମୂଳ ହିନ୍ଦୀ : କୌଶଳ କିଶୋର

ଅନୁବାଦ: ଅଞ୍ଜୁମନ ଆରା

ନିଆଁ ପଥରଗୁଡ଼ିକରେ ଥିଲା
ନିଆଁ ଶୁଖିଲା ଗଛସବୁରେ ଥିଲା
ନିଆଁ ପୃଥିବୀର ଭିତରେ ଥିଲା

ଏହି ନିଆଁକୁ
ନିଆଁ ଭାବେ ବୁଝିବାରେ
ଶତାବ୍ଦୀ ବିତିଗଲା

ଏବେ ତ ଚାରିଆଡ଼େ
କେବଳ ନିଆଁ ହିଁ ନିଆଁ
ସେ ଲାଗିଯାଏ
ସେ ଲଗାଯାଏ ମଧ୍ୟ

ଯେପରି ରାଜଧାନୀରେ ଲାଗିଥିଲା
ଦେଖୁ ଦେଖୁ
ଦୁଇ ଶହ ଝୁମ୍ପୁଡ଼ି ଜଳି ପାଉଁଶ ହୋଇଗଲା

ଗ୍ୟାସ୍ ସିଲିଣ୍ଡରରେ ବିସ୍ଫୋରଣ ହେଲା
ଡଜନେ ଲୋକଙ୍କ ଜୀବନ ଗଲା
ସଜେଇଥିବା ସ୍ୱପ୍ନତକ ମାଟି ହୋଇଗଲା

ମହାନଗରର
ମାଉଣ୍ଟେନ ଭ୍ୟୁ ଆପାର୍ଟମେଣ୍ଟରେ
ଖୁସି ପାଳିତ ହେଲା ମିଠା ବଣ୍ଟାଗଲା
ସେମାନେ କହୁଥିବା ଶୁଣାଗଲା
ନିଆଁ କ'ଣ ଲାଗିଲା
ପଛପଟ ମଇଳା ସଫା ହୋଇଗଲା

"ମୋଗାମ୍ବୋ ଖୁସି ହେଲା"
ଚେହେରା ଚମକି ଉଠିଲା
ସବୁଠୁ ବେଶି ଖୁସି
ନଗର ପ୍ରଶାସନ ପାଇଲା
ଯେଉଁ କାମ ବୁଲଡୋଜର କରିଥାନ୍ତା
ତାହା
ନିଆଁ କରି ଦେଖାଇଲା

ଏବେ ନିଆଁ, ନିଆଁ ନ ଥିଲା
ସେ ଖବରକାଗଜର ଏକ ଖବର ହୋଇଗଲା
ପ୍ରଥମ ଦିନ ପଢ଼ା ଗଲା, ଦ୍ୱିତୀୟ ଦିନ ବାସି ହୋଇଗଲା। ■



# କେବଳ ଶୂନ୍ୟ

ନଦୀ ହେଉ କି ପାହାଡ଼
ଜଙ୍ଗଲ ହେଉ କି ଝରଣା

ଯେଉଁମାନେ ତିଆରି କରିନାହାନ୍ତି
ଏମାନଙ୍କୁ ରଚିବା ଓ ଗଢ଼ିବାରେ
ଯାହାଙ୍କର କୌଣସି ହାତ ନାହିଁ
ସେମାନେ ସମ୍ପୂର୍ଣ୍ଣ ନଦୀକୁ ଗିଳି ଯାଉଛନ୍ତି

ସେମାନେ ପାହାଡ଼ର ପେଟ ଭିତରେ
ଏତେ ବିସ୍ଫୋଟକ ଭରିଛନ୍ତି
ଯେ ପାହାଡ଼ ଦେହର
କୌଣସି ବି ଅଂଶ ସମ୍ପୂର୍ଣ୍ଣ ହୋଇ ରହିନାହିଁ

ସେମାନେ ସବୁଜ ଜଙ୍ଗଲକୁ ନୁହେଁ ବରଂ
କଂକ୍ରିଟ୍ ଜଙ୍ଗଲକୁ ଭଲ ପାଆନ୍ତି
ଏବଂ ତାକୁ ହିଁ
ପୃଥିବୀରେ ଚାଷ କରୁଛନ୍ତି

ଯାହାସବୁ ହେଉଛି
ଯେଉଁମାନେ କରୁଛନ୍ତି
ଅନ୍ତତଃ କେଉଁ ଅଧିକାର ବଳରେ!
ଯେତେବେଳେ କି କର୍ତ୍ତବ୍ୟ ଖାତାରେ
ସେମାନଙ୍କ ଭାଗ ଶୂନ୍ୟ
କେବଳ ଶୂନ୍ୟ। ■

ପ୍ରଫେସର, ହିନ୍ଦୀ ବିଭାଗ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
କଟକ-୭୫୩୦୦୩
ମୋ: ୯୪୩୮୭୨୯୭୮୬

# କୋଲେରିଜ୍‌ଙ୍କ ସାହିତ୍ୟର ଅନ୍ତଃସ୍ୱର



ବିଜୟକୁମାର ପାଢୀ

ଇଂରାଜୀ ସାହିତ୍ୟର ରୋମାଣ୍ଟିକ୍ ଯୁଗର କବି, ସମାଲୋଚକ ତଥା ଦାର୍ଶନିକ ସାମୁଏଲ୍ ଟେଲର କୋଲେରିଜ୍‌ଙ୍କ ପ୍ରତିଭା ବିଶ୍ୱବିଦିତ। ଅଷ୍ଟାଦଶ ଶତାବ୍ଦୀର ଉତ୍ତରାର୍ଦ୍ଧ ଏବଂ ଊନବିଂଶ ଶତାବ୍ଦୀର ଅନ୍ୟଭାଗରେ ସେ ଏପରି ଜଣେ ସାହିତ୍ୟିକ ଥିଲେ, ଯିଏ ନିଜର କାଳଜୟୀ ସାହିତ୍ୟକୃତି - କବିତା ଏବଂ ସମାଲୋଚନାଧର୍ମୀ ଗଦ୍ୟ ମାଧ୍ୟମରେ ଇଂରାଜୀ ସାହିତ୍ୟକୁ ଋଦ୍ଧିମନ୍ତ କରିଯାଇଛନ୍ତି। ତାଙ୍କର ସାହିତ୍ୟ ସମ୍ଭାରଗୁଡ଼ିକ ପ୍ରକୃତି, ଅଲୌକିକତା, ଦର୍ଶନ ଏବଂ ମଣିଷ ମନର ଅବଦମିତ ଚିନ୍ତନ ଉପରେ ମୁଖ୍ୟତଃ ପର୍ଯ୍ୟବସିତ। ସମସାମୟିକ କବି ୱାର୍ଡ୍‌ସୱର୍ଥଙ୍କ ସହିତ ମିଶି ଊନବିଂଶ ଶତାବ୍ଦୀରେ ଏକ ରୋମାଣ୍ଟିକ ଧାରାର ପ୍ରଚଳନ କରିଥିଲେ। ସାହିତ୍ୟରେ ତର୍କ, ଯୁକ୍ତି ତଥା ତଥ୍ୟଭିତ୍ତିକ ଜ୍ଞାନ ଅପେକ୍ଷା କଳ୍ପନା ଏବଂ ଆଧ୍ୟାତ୍ମିକତାକୁ ଗୁରୁତ୍ୱ ଆରୋପ କରନ୍ତି କୋଲେରିଜ୍। ସେଥିପାଇଁ ପ୍ରାବନ୍ଧିକ ଚାର୍ଲସ ଲ୍ୟାମ୍ବ ତାଙ୍କୁ ତର୍କନିଷ୍ଠ ଆଧ୍ୟାତ୍ମିକ (Logician, Metaphysician) କବି ଭାବରେ ଅଭିହିତ କରିଛନ୍ତି।

୧୭୯୮ ମସିହାରେ ପ୍ରକାଶିତ 'ପ୍ରିଫେସ୍ ଟୁ ଲିରିକାଲ ବାଲାଡ୍' (Preface to Lyrical Ballad)ରେ ସମୁଦାୟ ୨୩ ଗୋଟି କବିତା ସ୍ଥାନ ପାଇଥିଲା ଏବଂ ତନ୍ମଧ୍ୟରୁ କୋଲେରିଜ୍‌ଙ୍କର କାବ୍ୟ ସଂଖ୍ୟା ଥିଲା ୪ ଗୋଟି। ଉକ୍ତ ସଂକଳନଟି ପ୍ରକୃତି ଓ ତା'ର ଶୁଦ୍ଧତା, କଳ୍ପନାଶକ୍ତି, ଭାବ, ସରଳ ଏବଂ ସାବଲୀଳ ଭାବରେ ମଣିଷର ଅନୁଭୂତି ଭଳି ଗାମ୍ଭୀର୍ଯ୍ୟପୂର୍ଣ୍ଣ ବିଷୟ ଉପରେ ପର୍ଯ୍ୟବସିତ। ତାଙ୍କର କବିତାଗୁଡ଼ିକ ଦାର୍ଶନିକ ପ୍ରଜ୍ଞା, ଗତିଶୀଳ ଆତ୍ମୀୟତାର କଥୋପକଥନ, ଗଭୀର କଳ୍ପନା ଶକ୍ତି ଏବଂ ତା'ର ଅନୁଶୀଳନର ଏକ ଫେଣ୍ଟାଫେଣ୍ଟି ଭାବ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏତଦ୍‌ବ୍ୟତୀତ ରୋମାଣ୍ଟିକ୍ ସାହିତ୍ୟରେ ସୃଷ୍ଟିର ରହସ୍ୟ, କଳ୍ପନାର ଅଭୂତ ଶକ୍ତି, ଦୃଷ୍ଟିକୋଣ ପରିବର୍ତ୍ତନର ସ୍ପଷ୍ଟ ସାକ୍ଷ୍ୟ ବହନ କରିଥାଏ ତାଙ୍କର କାଳଜୟୀ ରଚନାଗୁଡ଼ିକ। ସେହି ୧୭୯୮ ମସିହାରେ ପ୍ରକାଶ ପାଇଥିବା 'ଦ ରାଇମ୍ ଅଫ୍ ଦ ଏନେସେଣ୍ଟ ମାରିଜର' କୋଲେରିଜ୍‌ଙ୍କର ସର୍ବଶ୍ରେଷ୍ଠ କଳାକୃତି 'ରୋମାଣ୍ଟିକ୍ ଧାରା'ରେ କବି କୋଲେରିଜ୍ ହିଁ ପ୍ରଥମେ କବିତାର ଅଲୌକିକତାକୁ (Supernaturalism) ବ୍ୟବହାର କରିଥିଲେ। ୱାଡସ୍‌ୱର୍ଥଙ୍କ କାବ୍ୟଚେତନା ପ୍ରକୃତି ଉପରେ ଗୁରୁତ୍ୱ ଆରୋପ କରୁଥିବା ବେଳେ କୋଲେରିଜ୍ କିନ୍ତୁ ଅଲୌକିକ ଏବଂ ରହସ୍ୟବାଦୀ ଚିନ୍ତାଧାରାର ଉଦ୍‌ଘୋଷକ। ତାହାର ପ୍ରକୃଷ୍ଟ ପ୍ରମାଣ ହେଉଛି ସୁଦୀର୍ଘ କାବ୍ୟ 'ଦ ରାଇମ୍ ଅଫ୍ ଦ ଏନସେଣ୍ଟ ମାରିନରଡ଼'ର କାହାଣୀ। ୱାଡର୍ସୱର୍ଥ ପ୍ରକୃତି ମଧ୍ୟରେ (Pantheism) ଭଗବାନଙ୍କ ସ୍ୱରୂପକୁ ଦେଖୁଥିଲା ବେଳେ କୋଲେରିଜ୍ ଅଲୌକିକ ଦୁନିଆରେ ଅଧିକ ବିଶ୍ୱାସ ରଖିଥିଲେ। 'ଏନ୍‌ସେଣ୍ଟ ମାରିନର' କବିତାଟି ବେଶ୍ ଆଦୃତ ଏହାର ସର୍ବକାଳୀନ ଆବେଦନ ପାଇଁ। ବିନାକାରଣରେ 'ଆଲ୍‌ବୋଟ୍ରସ' ଭଳି ଏକ ନିରୀହ ସାମୁଦ୍ରିକ ପକ୍ଷୀକୁ ହତ୍ୟା ଏହି କାବ୍ୟର ମୁଖ୍ୟ ବିଷୟବସ୍ତୁ। ପାପ, ଦୋଷ ଏବଂ ଦୋଷରୁ ମୁକ୍ତି ବା ପାପ ପ୍ରକ୍ଷାଳନ (sin, guilt and redemption) ହିଁ କବିତାର ସାରାଂଶ। ସୌନ୍ଦର୍ଯ୍ୟବୋଧରୁ ସାହିତ୍ୟର ଜନ୍ମ ଏବଂ ସେହି ସାହିତ୍ୟରେ ହିଁ ମଣିଷର ବହୁବିଧ କାର୍ଯ୍ୟକଳାପ ଓ ଆତ୍ମସଚେତନା ପ୍ରକାଶ ପାଇଥାଏ। ତାଙ୍କର ଅନ୍ୟ ଶ୍ରେଷ୍ଠକୃତି ଗୁଡ଼ିକ ହେଲା – 'କୁବ୍‌ଲାଖାନ୍', 'କ୍ରିଷ୍ଟାବେଲ' ଏବଂ 'ଫ୍ରୋଷ୍ଟ ଏଟ୍ ମିଡ୍‌ନାଇଟ୍'। ୧୮୧୬ ମସିହାରେ ପ୍ରକାଶିତ 'କୁବ୍‌ଲାଖାନ୍' ପଦ୍ୟଟି ଏକ ଭଗ୍ନାଂଶ ମାତ୍ର। ମଣିଷର କଳ୍ପନା, ସୃଜନୀ ଶକ୍ତି ଏବଂ ଅପୂର୍ବ ଅନୁଭୂତି ଉପରେ ପର୍ଯ୍ୟବସିତ। ବ୍ୟକ୍ତି ଜୀବନର କଳ୍ପନା ଶକ୍ତି ତା'ର ଅନ୍ତର୍ନିହିତ ସୃଜନ ଶକ୍ତିକୁ ଅନେକାଂଶରେ ପ୍ରଭାବିତ କରିଥାଏ ବୋଲି କବିଙ୍କର ଦୃଢ଼ ବିଶ୍ୱାସ। 'କ୍ରୀଷ୍ଟାବେଲ୍' କବିତାଟି ସମ୍ପୂର୍ଣ୍ଣ ବର୍ଣ୍ଣନାତ୍ମକ। ସମାଜର ଭଲ, ମନ୍ଦ, ଆନୁଗତ୍ୟ ଏବଂ ସର୍ବୋପରି ଅଲୌକିକ ଦୁନିଆର ଏକ ନିଖୁଣ ଚିତ୍ର ଉପସ୍ଥାନ କରିଛନ୍ତି କୋଲେରିଜ୍ ଏହି କାବ୍ୟଟିରେ। ବାସ୍ତବରେ କବିତାରେ କୁହୁକ ପ୍ରଦର୍ଶନ କରୁଥିବା କାବ୍ୟସ୍ରଷ୍ଟା ହେଉଛନ୍ତି ଊନବିଂଶ ଶତାବ୍ଦୀର ପ୍ରଥିତଯଶା କବି କୋଲେରିଜ୍। ବ୍ୟକ୍ତିର ଅନ୍ତଃସ୍ୱର ମାର୍ମିକ ଭାବରେ ପ୍ରକାଶ କରିବାରେ ସେ ଥିଲେ ଅଦ୍ୱିତୀୟ ଶବ୍ଦଶିଳ୍ପୀ। ତାଙ୍କ କବିତାର ଭାବ, ସ୍ୱର ଏବଂ ଆବେଦନ ସର୍ବକାଳୀନ ଏବଂ ସାର୍ବଜନୀନ -ଏଥିରେ ଦ୍ୱିମତ ପ୍ରକାଶ କରିବାର ନାହିଁ। ୧୭୯୮ ମସିହାରେ ପ୍ରକାଶିତ 'ଫ୍ରଷ୍ଟଏଟ୍ ମିଡ୍‌ନାଇଟ୍' ପ୍ରକୃତି ନିର୍ଜନତା ଏବଂ ଆଶା ଭଳି ବିଷୟବସ୍ତୁ ଉପରେ ସନ୍ନିବେସିତ ଅନ୍ୟ ଏକ ଚିନ୍ତା ଉଦ୍ରେକକାରୀ କାବ୍ୟ। ଏହି କାବ୍ୟରେ କବିଙ୍କର ପ୍ରକୃତି ପ୍ରେମ ଆଧ୍ୟାତ୍ମିକ ଦର୍ଶନ ଏବଂ ସର୍ବୋପରି ନିଜର ପୁତ୍ରର ଶୈଶବସ୍ଥାର ଲାଳନପାଳନକୁ ଦେଇ ନିପୁଣ ଭାବରେ ବର୍ଣ୍ଣନା କରୁଛି। ପ୍ରକୃତିର ଚରିତ୍ର ଚିତ୍ରଣରେ ମଧ୍ୟ ସେ ସମୟରେ ତାଙ୍କର ସମକକ୍ଷ କେହି ନଥିଲେ। ୱାଡର୍ସୱର୍ଥଙ୍କ ଭଳି ପ୍ରକୃତିକୁ ସେ ମଧ୍ୟ ସର୍ବଶ୍ରେଷ୍ଠ ଶିକ୍ଷକ ଭାବରେ ଗ୍ରହଣ କରିଦେଇଛନ୍ତି। ବାଲ୍ୟବସ୍ଥାର ନୀରିହତା, ସ୍ମୃତି ଏବଂ ମନ ଉପରେ ପ୍ରକୃତିର ପ୍ରଭାବକୁ ନିଜସ୍ୱ ଶୈଳୀରେ ବର୍ଣ୍ଣନା କରିଛନ୍ତି। ସେ ରଚନା କରିଥିବା ସମସ୍ତ କାବ୍ୟକବିତାରେ ମଧୁର କଳ୍ପନାଶକ୍ତି, ଭାଷାର ସୁନ୍ଦରତା ଓ ସ୍ୱଷ୍ଟତା ଶୈଳୀର ନବୀନତା ଓ ପରିପୃଷ୍ଟ ଚିତ୍ରଣ ଦେଖିବାକୁ ମିଳେ। ଜୀବନକୁ ନେଇ ସାହିତ୍ୟ – ଜୀବନ ପାଇଁ ସାହିତ୍ୟ ପ୍ରସ୍ତୁତି କରିବାରେ କୋଲେରିଜ୍ ଥିଲେ ଦକ୍ଷ ବିଦ୍ଧାଣୀ। କୋଲେରିଜ୍ ଅନୁଭବ କରିଥିଲେ କବିତା ତାଙ୍କ ଚିନ୍ତା ଓ ଚେତନାର କେବଳ ଅଭିବ୍ୟକ୍ତି ନୁହେଁ - ଏହା ମଣିଷ ଅସ୍ତିତ୍ୱର ଏକ ଅଂଶବିଶେଷ। ଏତଦ୍‌ବ୍ୟତୀତ କୋଲେରିଜ୍‌ଙ୍କ ସାହିତ୍ୟ କେବଳ ମଣିଷ ମନରେ କରୁଣା ଓ ସମବେଦନା ଜାଗ୍ରତ କରିନଥାଏ। ଏହା ମଧ୍ୟ ନିରାଶା ପ୍ରପୀଡ଼ିତ ହୃଦୟରେ ଆଶା ସଞ୍ଚାର କରେ। ଦୋଷ କରିଥିବା ମଣିଷକୁ ଅନୁତାପରେ ଜର୍ଜରିତ କରେ। ଅନ୍ଧକାରରେ ନିମଗ୍ନ ମଣିଷ ସମାଜକୁ ଆଲୋକର ରାସ୍ତା ଦେଖାଇଥାଏ। ମଣିଷର ଆବେଗ ସହ ତା'ର ମନସ୍ତତ୍ତ୍ୱକୁ ମଧ୍ୟ ବିଶ୍ଳେଷଣ କରେ। ବାସ୍ତବିକ କବିତାରେ ବ୍ୟବହୃତ ଶବ୍ଦର ଉଷ୍ମତା ଓ ଭାବ ତାଙ୍କ କବିତାର ଅନ୍ୟ ଏକ ବୈଶିଷ୍ଟ୍ୟ। ତାଙ୍କର ଚିତ୍ରତୁଲ୍ୟ ଶବ୍ଦ ପରିବେଷଣ, ଉପମା, ଅଳଙ୍କାର ତାଙ୍କୁ ଏକ ନିଆରା ଚିତ୍ରଶିଳ୍ପୀ ଭାବରେ ମଧ୍ୟ ପରିଚୟ ପ୍ରଦାନ କରିଛି।

କବିର କଳ୍ପନା ଏବଂ ବିଚାର ଶକ୍ତି ମଧ୍ୟରେ ପ୍ରଭେଦକୁ କୋଲେରିଜ୍ ତାଙ୍କ କାବ୍ୟଗୁଡ଼ିକରେ ପ୍ରତିପାଦନ କରିଛନ୍ତି। ତାଙ୍କ ମତରେ ବାସ୍ତବ କବିତା କଳ୍ପନା ପ୍ରସୂତ ଯାହା କବିଙ୍କର ଆତ୍ମା, ପ୍ରଜ୍ଞା, ବିଚାରଶକ୍ତି, ଭାବକୁ ସଂଯୋଗ କରି କଳ୍ପନା ପ୍ରସୂତ ସତ୍ୟକୁ ଉନ୍ମୋଚନ କରାଏ। ବିଜ୍ଞାନ ତଥ୍ୟ ଗ୍ରହଣରେ ବିଶ୍ୱାସ କରୁଥିବା ବେଳେ କବିତା କିନ୍ତୁ ଜୀବନ୍ତ ସତ୍ୟ - ଯାହା ଆତ୍ମାକୁ ସଚେତନ କରାଏ – ଏହା କବିଙ୍କର ଦୃଢ଼ୋକ୍ତି। ପାଠକମାନଙ୍କର ଆନନ୍ଦ ପ୍ରାପ୍ତି ସହିତ ପାଠକୀୟ ଚେତନାର ଉତ୍ତରଣ ଏବଂ ହୃଦୟକୁ ସମ୍ପୂର୍ଣ୍ଣ ସିକ୍ତ କରାଇବାରେ ତାଙ୍କର ସାହିତ୍ୟ କୃତିଗୁଡ଼ିକ ସକ୍ଷମ। କବିଙ୍କର ମତ ଗଦ୍ୟରେ ଶବ୍ଦଗୁଡ଼ିକ ସର୍ବୋତ୍କୃଷ୍ଟ ଶୃଙ୍ଖଳାରେ ରହୁଥିବାବେଳେ ପଦ୍ୟରେ ସର୍ବୋତ୍କୃଷ୍ଟ ଶବ୍ଦ ସର୍ବୋତ୍କୃଷ୍ଟ ଶୃଙ୍ଖଳାରେ ଥାଏ।

ଜୀବନର ବିବିଧ ରଙ୍ଗ, ଜଟିଳତା ଓ ଅନୁଭୂତିକୁ ପାଥେୟ କରି କବି କୋଲେରିଜ୍ ବାଢ଼ି ଦେଇଛନ୍ତି ଆପଣାର ଅଭିବ୍ୟକ୍ତି ଏବଂ ଦର୍ଶନ କବିତା ମାଧ୍ୟମରେ। ଭାଷାରେ ନମନୀୟତା, ରହସ୍ୟବାଦୀ କାବ୍ୟ ଚେତନାର ପ୍ରବାହ, ପରିପକ୍ୱ ଶବ୍ଦବିନ୍ୟାସ ପାଇଁ ସେ ପ୍ରତ୍ୟେକ ପାଠକଙ୍କ ହୃଦୟକୁ ସ୍ପନ୍ଦିତ କରିଆସୁଛନ୍ତି। ■

ଇଂରାଜୀ ଶିକ୍ଷକ
ଓଡିଏମ୍ ପବ୍ଲିକ୍ ସ୍କୁଲ୍, ଭୁବନେଶ୍ୱର
ମୋ: ୭୮୯୪୧୫୩୫୭୮

# ବିଦଗ୍ଧକବି ଅଭିମନ୍ୟୁ ସାମନ୍ତ ସିଂହାର

## (୨୬୬ତମ ଜୟନ୍ତୀ ଉପଲକ୍ଷେ)

ଈଶ୍ୱର ଚନ୍ଦ୍ର ଜେନା

ପୁରାଣବର୍ଣ୍ଣିତ ପୁଣ୍ୟତୋୟା ବୈତରଣୀ ଯେଉଁ କ୍ଷେତ୍ରକୁ ପାବନ ଭୂମିରେ ପରିଣତ କରିଛି, ତାହା ହେଲା; ଯାଜନଗ୍ର ବା ଯାଜପୁର ବା ବିରଜା କ୍ଷେତ୍ର। ଏହି ମାଟିରେ ବହୁ ଯୋଗଜନ୍ମା ଅବତୀର୍ଣ୍ଣ ହୋଇ ସ୍ୱକୀୟ ମହିମାରେ ଜନ୍ମମାଟିକୁ ମହିମାମଣ୍ଡିତ କରିଛନ୍ତି।



ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର ସେମାନଙ୍କ ମଧ୍ୟରେ ଅନ୍ୟତମ। ବାଲିଆ ଉଆସ ନିରାନନ୍ଦମୟ କ୍ଷାତ୍ରକୁଳ ଚୁଡ଼ାମଣି ଇନ୍ଦ୍ରଜିତ ସାମନ୍ତସିଂହାରଙ୍କର ଆଠଜଣ ପତ୍ନୀ ଥିଲେ ବି ସେ ଥିଲେ ନିଃସନ୍ତାନ। ଆଧ୍ୟାତ୍ମିକ ଗୁରୁ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ପରାମର୍ଶକ୍ରମେ ପୁତ୍ରେଷ୍ଟି ଯଜ୍ଞ କରି ଅଷ୍ଟମା ପତ୍ନୀ ତୁଳସୀ ଦେବୀଙ୍କ ଗର୍ଭରୁ ଭୂମିଷ୍ଠ ହେଲେ ଦେବ ଶିଶୁ। ତୁଳସୀ ଦୁଇପତ୍ରରୁ ବାସିଲା ପରି ନଅବର୍ଷ ବୟସରେ ତାଙ୍କର କବିତ୍ୱର ସ୍ଫୁରଣ ହେଲା। କବି କଣ୍ଠରୁ ଝରି ଆସିଲା।

"କରମ ଯାହାର ସଫଳ ହୋଇବ କୃଷ୍ଣଙ୍କୁ ଲଭିବ ସେହି ଗୋ, ମୋ ହୁଁ ଗୋ"।

ଅଭିମନ୍ୟୁ ସଂସ୍କୃତ, ହିନ୍ଦୀ, ବଙ୍ଗଳା ଓ ପାର୍ସି ଆଦି ଭାଷାରେ ରଚିତ ଶାସ୍ତ୍ର ପୁରାଣ ଓ ବ୍ୟାକରଣ ଇତ୍ୟାଦି ପଠନ ପୂର୍ବକ ଅତିମାନସ ଚେତନାର ଅଧିକାରୀ ହୋଇଥିଲେ। କବିତ୍ୱର ଉତ୍କର୍ଷଣ ଲାଭ କରି ଆମ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିଯାଇଛନ୍ତି, ଯାହାର ତୁଳନା ନାହିଁ। ରୀତିଯୁଗୀୟ ସାହିତ୍ୟର କାବ୍ୟକାର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପଦାଙ୍କ ଅନୁସରଣ କରି ଯୁଗ ଧର୍ମ ଆଧାରରେ ଚଉପଦୀ, ଚଉତିଶା, ଭଜନ, ଜଣାଣ, ଗ୍ରାମ୍ୟଗୀତ ସମେତ କାଳ୍ପନିକ ଓ ପୌରାଣିକ କାବ୍ୟ ଯଥା- 'ରସବତୀ', 'ପ୍ରେମକଳା', 'ସୁଲକ୍ଷଣା', 'ପ୍ରେମ ଚିନ୍ତାମଣି' ଓ 'ବିଦଗ୍ଧ ଚିନ୍ତାମଣି' ଆମ ସାରସ୍ୱତ ଭଣ୍ଡାରକୁ ଭେଟି ଦେଇଛନ୍ତି। ସରଳ, ତରଳ, ଲଳିତ, ମଧୁର ପଦ୍ୟାବଳୀ ସଂଯୋଜନା କରି କାଳ କାଳକୁ ପାଠକବର୍ଗଙ୍କୁ ଅପାର ଆନନ୍ଦ ଦାନ କରୁଛନ୍ତି। ଶିକ୍ଷା ଓ ଦୀକ୍ଷା ଗୁରୁ ପରମ ବୈଷ୍ଣବ ସଦାନନ୍ଦ ବ୍ରହ୍ମାଙ୍କର ଚିନ୍ତା ଓ ଚେତନାରେ ଅନୁପ୍ରାଣିତ ହୋଇ ବୈଷ୍ଣବୀୟ କାବ୍ୟ 'ପ୍ରେମ ଚିନ୍ତାମଣି' ଓ 'ବିଦଗ୍ଧ ଚିନ୍ତାମଣି' ରଚନା କରି ଜନମାନସରେ କାଳଜୟୀ ହୋଇଛନ୍ତି।

ଯୁବା ବୟସରେ ପତ୍ନୀ ବିୟୋଗ ହେବାରୁ ବିରହ ବିଧୁର ପ୍ରାଣରେ ଚିନ୍ମୟ ପୁରୁଷ ରାଧାବଲ୍ଲଭ ଶ୍ରୀକୃଷ୍ଣଙ୍କ ପଦପଂକ୍ତିକୁ ଆଶ୍ରୟ କରି ତହିଁ ଭାବରେ ତଲ୍ଲୀନ ହୋଇ ଅପାର ଆନନ୍ଦ ଉପଲବ୍ଧି କରି କୃଷ୍ଣ କାବ୍ୟ ରଚନା କରିଛନ୍ତି। ଦିଗନ୍ତ ବିସ୍ତୃତ ସେ କବିତ୍ୱ। କବି ସମ୍ରାଟଙ୍କର ଉପମା ଓ ଅର୍ଥଗୌରବ, କବି ଦୀନକୃଷ୍ଣଙ୍କ ଲାଳିତ୍ୟର ସମାହାର ଘଟିଛି ଅଭିମନ୍ୟୁଙ୍କ 'ବିଦଗ୍ଧ ଚିନ୍ତାମଣି' କାବ୍ୟରେ। ସେଥିପାଇଁ ଡଃ ମାୟାଧର ମାନସିଂ ନିଜସ୍ୱ ମତ ବ୍ୟକ୍ତି କରିଛନ୍ତି:- "ଓଡ଼ିଆ ଭାଷାକୁ ସେ ପୃଥିବୀର ଯେକୌଣସି ଭାଷା ସହିତ ତୁଳିତ ହେବା ଭଳି ସରଳ, କୋମଳ ଓ ତରଳ କରି ପାରିଛନ୍ତି। ସାମନ୍ତ ସିଂହାରଙ୍କର ସେହି ଅପୂର୍ବ ଶିଳ୍ପ ପ୍ରତିଭା ପ୍ରତି ଯେକୌଣସି ସମାଲୋଚକ ସଶ୍ରଦ୍ଧ ହୋଇ ଉଠିବେ।"

ଏ ସବୁ ଦୃଷ୍ଟିରୁ ବିଚାର କଲେ କବି ଅଭିମନ୍ୟୁଙ୍କର ସୃଷ୍ଟି ସଂଭାର ଆମ ଭାଷା ସାହିତ୍ୟକୁ ଏକ ଉଚ୍ଚତମ ସୋପାନକୁ ଉନ୍ନତି କରିଛି; ଏଥିରେ ସନ୍ଦେହ ନାହିଁ। କବିଙ୍କ ଜନ୍ମ ଜୟନ୍ତୀରେ ଓଡ଼ିଆ ଜାତି ତାଙ୍କର ଅମଳିନ କବିତ୍ୱ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛି।■

ଜନକ, ଯାଜପୁର
ମୋ: ୯୮୬୧୭୪୫୦୭୯

## ହାଇକୋର୍ଟରେ ପୂର୍ବତଟ ରେଳବାଇର ଆବେଦନ ଖାରଜ

# ଲୋକୋ-ପାଇଲଟ୍‌ଙ୍କ ପରିବାରକୁ ୪୬ ଲକ୍ଷ କ୍ଷତିପୂରଣ ଦିଅ

କଟକ,୨୪।୧(ସମିସ): ରେଳ ଦୁର୍ଘଟଣାରେ ମୃତ ଜଣେ ସହକାରୀ ଲୋକୋ ପାଇଲଟ୍‌ଙ୍କ ପରିବାରକୁ ୪୬ଲକ୍ଷ ଟଙ୍କାରୁ ଅଧିକ କ୍ଷତିପୂରଣ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରେଳବାଇ ପକ୍ଷରୁ ପୂର୍ବରୁ ଦିଆଯାଇଥିବା ଅନୁକମ୍ପାମୂଳକ ସହାୟତା ରାଶିକୁ ଏହି କ୍ଷତିପୂରଣରୁ କଟାଯାଇପାରିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଭୁବନେଶ୍ୱରସ୍ଥିତ କର୍ମଚାରୀ କ୍ଷତିପୂରଣ କମିସନର ତଥା ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ଆଦେଶକୁ ଚ୍ୟାଲେଞ୍ଜ କରି ପୂର୍ବତଟ ରେଳବାଇ ସିନିଅର ଡିଭିଜିନାଲ ପର୍ସୋନେଲଙ୍କ ତରଫରୁ ରୁଜୁ ଆବେଦନକୁ ଖାରଜ କରି ଡ.ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କର୍ମଚାରୀ କ୍ଷତିପୂରଣ କମିଶନରଙ୍କ ନିଷ୍ପତ୍ତିକୁ କାଏମ ରଖିବା ସହ ୪୬,୩୫,୫୨୩ ଟଙ୍କା କ୍ଷତିପୂରଣ ଦେବାକୁ କହିଛନ୍ତି ହାଇକୋର୍ଟ। ରେଳବାଇ ପୂର୍ବରୁ ୧୫,୪୪,୬୨୫ ଟଙ୍କା ଜମା କରିସାରିଥିବାରୁ ବାକି ୩୦,୯୦,୮୯୮ଟଙ୍କାକୁ ବାର୍ଷିକ ୧୨ପ୍ରତିଶତ ସୁଧ ସହ ମୃତ କର୍ମଚାରୀଙ୍କ ପରିବାରକୁ ତୁରନ୍ତ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କମ୍ପାନୀ କିମ୍ବା ରେଳବାଇ ସ୍ୱେଚ୍ଛାକୃତ ଭାବେ ଦେଇଥିବା ଅନୁକମ୍ପାମୂଳକ ସହାୟତା କେବେ ବି ଆଇନଗତ କ୍ଷତିପୂରଣର ବିକଳ୍ପ ହୋଇପାରିବ ନାହିଁ। ଏହା ଏକ ସାମାଜିକ କଲ୍ୟାଣକାରୀ ଆଇନ ହୋଇଥିବାରୁ ଏହାକୁ ଶ୍ରମିକଙ୍କ ସ୍ୱାର୍ଥରକ୍ଷା ପାଇଁ ଉଦାର ଭାବେ ବ୍ୟାଖ୍ୟା କରାଯିବା ଆବଶ୍ୟକ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ, ତାଳଚେରସ୍ଥିତ ପୂର୍ବତଟ ରେଳବାଇର ମୁଖ୍ୟକୁ କଣ୍ଟ୍ରୋଲରଙ୍କ ଅଧୀନରେ ସହକାରୀ ଲୋକୋ-ପାଇଲଟ୍ (ଇଲେକ୍ଟ୍ରିକାଲ୍) ଭାବେ କାର୍ଯ୍ୟରତ ଥିବା ନିଶାନ୍ତ କୁମାରଙ୍କର ୨୦୨୩ ମାର୍ଚ୍ଚ ୬ ତାରିଖରେ ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। କାର୍ଯ୍ୟରତ ସମୟରେ ଟ୍ରେନ୍ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ପରିବାରଲୋକେ କର୍ମଚାରୀ କ୍ଷତିପୂରଣ ଆଇନ ଅନୁଯାୟୀ କ୍ଷତିପୂରଣ ଦାବି କରିଥିଲେ। ଭୁବନେଶ୍ୱରସ୍ଥିତ କର୍ମଚାରୀ କ୍ଷତିପୂରଣ କମିଶନର ମୃତ ନିଶାନ୍ତଙ୍କର ପ୍ରକୃତ ଦରମା (ପାଖାପାଖି ୪୫,୦୧୬ ଟଙ୍କା) ଆଧାରରେ ୪୬,୩୫,୫୨୩ଟଙ୍କା କ୍ଷତିପୂରଣ ଧାର୍ଯ୍ୟ କରିଥିଲେ। କିନ୍ତୁ ରେଳବାଇ ଏହାକୁ ବିରୋଧ କରି ହାଇକୋର୍ଟରେ ଅପିଲ୍ କରିଥିଲା। ରେଳବାଇର ଯୁକ୍ତି ଥିଲା ଯେ କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ କ୍ଷତିପୂରଣ ପାଇଁ ସର୍ବାଧିକ ମାସିକ ଦରମା ସୀମା ୧୫,୦୦୦ ଟଙ୍କା ହେବା ଉଚିତ୍। ଏଥିସହିତ, ରେଳବାଇ ପୂର୍ବରୁ ଦେଇଥିବା ୨୫ ଲକ୍ଷ ଟଙ୍କାର ଅନୁକମ୍ପା ସହାୟତାକୁ ଏହି କ୍ଷତିପୂରଣ ରାଶିରୁ ବାଦ୍ ଦିଆଯିବା ଉଚିତ ବୋଲି ଯୁକ୍ତି ଦର୍ଶାଇଥିଲା।

# ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା

- ■ ୫ ଅଟକ; ଜଣେ ପୁରୀରୁ ଗିରଫ
- ■ ନାଳରୁ ମିଳିଥିଲା ହାତଗୋଡ଼ ବନ୍ଧା ଶବ

ଟିକିରି,୨୪।୧(ସମିସ): କାଶୀପୁର ବ୍ଲକ ହାଡ଼ିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଦୋରାଗୁଡ଼ା ଗ୍ରାମର ଗୋପାଳ ଦୋରାଙ୍କ ନିଖୋଜ ଘଟଣାର ପର୍ଦ୍ଦାଫାସ କରିଛି ଦୋରାଗୁଡ଼ା ଥାନା ପୁଲିସ। ଗୁଣି ସନ୍ଦେହରେ ଗୋପାଳଙ୍କୁ ହତ୍ୟା କରାଯାଇଥିବା ଜଣାଯାଇଛି। ହତ୍ୟା ଅଭିଯୋଗରେ ପୁଲିସ ୫ ଜଣଙ୍କୁ ଥାନାରେ ଅଟକ ରଖିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଈଶ୍ୱର ଦୋରାଙ୍କୁ ପୁରୀରୁ ଗିରଫ କରିଛି।

ମିଳିଥିବା ସୂଚନାନୁଯାୟୀ, ହାଡ଼ିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଦୋରାଗୁଡ଼ା ଗ୍ରାମର ଗୋପାଳ ଦୋରା ନିଖୋଜ ଥିବା ନେଇ ପରିବାରଲୋକେ ଚଳିତ ମାସ ୯ତାରିଖରେ ଦୋରା ଗୁଡ଼ା ଥାନାରେ ଏତଲା ଦେଇଥିଲେ। ଗୁରୁବାର ଗୋପାଳଙ୍କ ହାତଗୋଡ଼ ବନ୍ଧା ଅବସ୍ଥାରେ ଥିବା ମୃତଦେହକୁ ଗାଁ ପାଖ ଏକ ନାଳରୁ ଉଦ୍ଧାର କରାଯାଇଥିଲା। ଶବ ବ୍ୟବଚ୍ଛେଦ ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡ଼ିଥିଲା। ଏହି ଘଟଣାରେ ପୁଲିସ, ଦୋରାଗୁଡ଼ା ଗ୍ରାମର କିଛି ଜଣ ସନ୍ଦିଗ୍ଧଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ଗୁଣି ସନ୍ଦେହରେ ବୃଦ୍ଧ ଗୋପାଳଙ୍କୁ ସେମାନେ ହତ୍ୟା କରିଥିବା ସ୍ୱୀକାର କରିଥିବା ପୁଲିସ କହିଛି। ହତ୍ୟା ଅଭିଯୋଗରେ ପୁଲିସ ୫ଜଣଙ୍କୁ ଥାନାରେ ଅଟକ ରଖିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଈଶ୍ୱର ଦୋରାଙ୍କୁ ପୁରୀରୁ ଗିରଫ କରିଛି। ତୀର୍ଥ ଯିବା ବାହାନାରେ ଅଭିଯୁକ୍ତଜଣଙ୍କ ଖସି ପଳାଇବାକୁ ଉଦ୍ୟମ କରିଥିଲା। ପୁରୀର କୁମ୍ଭାରପଡ଼ା ଥାନା ସହାୟତାରେ ଦୋରାଗୁଡ଼ା ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ପୁଲିସ କହିଛି।

# ଦୁର୍ଘଟଣାରେ ଅବକାରୀ କର୍ମଚାରୀ ସହ ୨ ମୃତ

କୋକସରା, ୨୪।୧(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ସୁନାମାଲ-ଭାଲୁପଡ଼ା ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଦୁଇଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, କେନ୍ଦୁଡଙ୍ଗରୀ ଗ୍ରାମର ଅବକାରୀ କର୍ମଚାରୀ ଅମରେନ୍ଦ୍ର ମାଝି (୨୯) ଓ ସୁବାସ ନାଏକ(୨୫)। ଅମରେନ୍ଦ୍ର ଜଣେ ଅବକାରୀ କର୍ମଚାରୀ ବୋଲି ଜଣାଯାଇଛି।

ସୂଚନାନୁଯାୟୀ, ଶୁକ୍ରବାର ରାତିରେ ଦୁହେଁ ଏକ ବିବାହ କାର୍ଯ୍ୟରେ ଯୋଗଦେଇ ସୁନାମାଲ ଗ୍ରାମରୁ ବାଇକ୍‌ରେ କେନ୍ଦୁଡଙ୍ଗରୀକୁ ଫେରୁଥିଲେ। ଭାଲୁପଡ଼ା ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବାଇକ୍‌ଟି ଭାଙ୍ଗି ରୁଜି ଚୂରମାର୍ ହୋଇଯାଇଥିଲା ଏବଂ ସେମାନେ ନିକଟସ୍ଥ ଏକ ଚାଷଜମିରେ ସେମାନେ ଗୁରୁତର ଅବସ୍ଥାରେ ରାତି ସାରା ପଡ଼ି ରହିଥିଲେ। ବିଳମ୍ବିତ ରାତି ଯୋଗୁଁ ଦୁର୍ଘଟଣା ବାବଦରେ କେହି ସୂଚନା ପାଇନଥିଲେ। ଶନିବାର ସକାଳୁ କିଛି ସ୍ଥାନୀୟ ଲୋକେ ସେମାନଙ୍କୁ ଦେଖି କୋକସରା ପୁଲିସକୁ ଖବର ଦେଇଥିଲେ। କିନ୍ତୁ ସେତେବେଳକୁ ସେମାନଙ୍କ ମୃତ୍ୟୁ ହୋଇସାରିଥିଲା। ପ୍ରାଥମିକ ତଦନ୍ତ ପରେ ପରିବାରଲୋକଙ୍କ ଉପସ୍ଥିତିରେ ପୁଲିସ ଦୁହିଁଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ସେମାନଙ୍କ ଶବକୁ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅମରେନ୍ଦ୍ର ଜଣେ ଅବକାରୀ କର୍ମଚାରୀ ହୋଇଥିବାରୁ ତାଙ୍କ ମୃତ୍ୟୁ ଖବର ପାଇ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ଶେଷ ସମ୍ମାନ ପୂର୍ବକ ଗାର୍ଡ ଅଫ୍-ଅନର୍ ପ୍ରଦାନ କରିଥିଲେ।

# ଆଜିଠାରୁ ଖଣ୍ଡଗିରି ମାଘ ସପ୍ତମୀ କୁମ୍ଭମେଳା

- ■ ଆରମ୍ଭ ହେବ ହୋମ ଯଜ୍ଞ
- ■ ରାଜ୍ୟ ତଥା ରାଜ୍ୟ ବାହାର ସାଧୁସନ୍ଥଙ୍କ ସମାଗମ

ଭୁବନେଶ୍ୱର,୨୪।୧(ସମିସ):ଖଣ୍ଡଗିରିର ପ୍ରସିଦ୍ଧ ମାଘ ସପ୍ତମୀ ମେଳା ଆସନ୍ତା କାଲି ଅର୍ଥାତ୍ ୨୫ତାରିଖ ରବିବାର ଠାରୁ ଆରମ୍ଭ ହେବ। ମନ୍ତ୍ର ଧ୍ୱନିରେ ପ୍ରକମ୍ପିତ ହେବ ସାରା ଅଞ୍ଚଳ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆସନ୍ତାକାଲି ଭୋରୁ ଧୂନି ସ୍ଥାପନ ପରେ ଆରମ୍ଭ ହେବ ମାଘ ମେଳା। ଏଥିପାଇଁ ଖଣ୍ଡଗିରି ଉଦୟଗିରି ପାଦଦେଶରେ ବିଭିନ୍ନ ସ୍ଥାନରୁ ସାଧୁସନ୍ଥମାନେ ଆସି ଯଜ୍ଞ ପାଇଁ ପ୍ରସ୍ତୁତି କରିସାରିଲେଣି। କଳିଙ୍ଗ ସମ୍ରାଟ ମହାମେଘନାଦ ଐର ଖାରବେଳଙ୍କ ସମୟରୁ ଜୈନ ସନ୍ଥମାନେ ଖଣ୍ଡଗିରିକୁ ସାଧନା ପାଇଁ ଆସୁଛନ୍ତି। ସାଧୁସନ୍ଥମାନେ ଏଠାକୁ ଆସି ନିଜର ଧନସମ୍ପତ୍ତିକୁ ଜଳାଞ୍ଜଳି ଦେଇ ସାଧନା କରନ୍ତି। ସାଧୁସନ୍ଥମାନଙ୍କ ହୋମଯଜ୍ଞ ସାଙ୍ଗକୁ ଜମିବ ମୀନାବଜାର ବ୍ୟବସାୟ। ଏଥିପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ବ୍ୟବସାୟୀମାନେ ପ୍ରସ୍ତୁତ ହୋଇସାରିଛନ୍ତି। ତେବେ ଚଳିତ ବର୍ଷ ମେଳାକୁ ଅନ୍ଧବିଶ୍ୱାସ, କୁସଂସ୍କାର ଓ ଅପସଂସ୍କୃତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ସନାତନ ବୈଦିକ ଧର୍ମ ପରିନେଦର ଅଧକ୍ଷ ବାବା ପଞ୍ଚଦେବ କହିଛନ୍ତି।

ଚଳିତ ବର୍ଷ ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ସାଧୁସନ୍ଥ ତପସ୍ୟାରତ ରହିବେ। ଉତ୍ତର ଭାରତରୁ ନାଗାନ୍ଦୀ, ବେଦାନ୍ତି, ରାମାନନ୍ଦୀ ଓ କୃଷ୍ଣାନ୍ଦୀ ଆଦି ସନ୍ଥମାନେ ଆସି ଯୋଗ ଦେବେ। ସେହିପରି ଓଡ଼ିଶା, ହରିଦ୍ୱାର, ଗୁଜୁରାଟ ଏବଂ ଝାନ୍ସୀରୁ ପ୍ରାୟ ୮୦ରୁ ଉଦ୍ଧ୍ୱର୍ ନାଗା ବାବାଙ୍କ ସମେତ ଦିଲ୍ଲୀ, ଉତ୍ତରାଖଣ୍ଡ, ବ୍ରହ୍ମପୁର ଆଦି ସ୍ଥାନରୁ ବାବାମାନେ ଆସିଥିବା ଜଣାପଡ଼ିଛି। ଆସନ୍ତା କାଲି ୨୫ ତାରିଖ ମାଘ ସପ୍ତମୀ ଏବଂ ଚନ୍ଦ୍ରଭାଗା ବୁଡ଼। ଏହାପରେ ଆରମ୍ଭ ହେବ ଖଣ୍ଡଗିରି ମାଘ ସପ୍ତମୀ କୁମ୍ଭ ମେଳା। ମାଘ ସପ୍ତମୀରେ ଠାକୁର ଶ୍ରୀଶ୍ରୀ ଅନନ୍ତ କେଶରୀ ଦେବଙ୍କୁ ଜାଗମରା ନାଗା ମଠରୁ ଶୋଭା ଯାତ୍ରାରେ ଉଦୟଗିରି ମୁଣ୍ଡିଆରେ ଥିବା ରାଣୀହଂସପୁରକୁ ନିଆଯିବ। ସେଠାରେ ଠାକୁରଙ୍କ ମାଘସ୍ନାନ ପରେ ସେହି ରାତିରେ ପୁଣି ଠାକୁରଙ୍କୁ ନାଗା ମଠକୁ ଫେରାଇ ଅଣାଯିବ। ଖଣ୍ଡଗିରିର ଅଧିଷ୍ଠାତ୍ରୀ ଦେବୀ ମା' ବାରଭୁଜାଙ୍କ ନିକଟରେ ଅଖଣ୍ଡ ଦୀପ ଲାଗିବା ସହ ଅନନ୍ତ ଗୁମ୍ଫା ସମ୍ମୁଖରେ ଯଜ୍ଞ ଆରମ୍ଭ ହେବ। ମାଘ ପୂର୍ଣ୍ଣିମାରେ ଯଜ୍ଞରେ ପୂର୍ଣ୍ଣାହୁତି ସହ ମେଳା ସମାପ୍ତ ହେବ। ବାରଭୁଜାଙ୍କ ପୀଠରେ ନବରାତ୍ର କୁମ୍ଭମେଳା ପାଇଁ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ପ୍ରବଚନ, ସାଧୁ ସମ୍ମେଳନ ଓ ବିଶ୍ୱଶାନ୍ତି ସାମୂହିକ ପ୍ରାର୍ଥନା ଅନୁଷ୍ଠିତ ହେବ। ଚଳିତ ବର୍ଷ ଖଣ୍ଡଗିରି କୁମ୍ଭ ମେଳାର ଯଜ୍ଞସ୍ଥଳକୁ ଆହୁରି ସରସ ସୁନ୍ଦର ଓ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରିବା ନିମନ୍ତେ ହରିଓଁ ଟ୍ରଷ୍ଟ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି। ଯଜ୍ଞସ୍ଥଳରେ ଶ୍ରଦ୍ଧାଳୁମାନେ ବିଷ୍ଣୁଙ୍କ ବିଶ୍ୱରୂପ ମୂର୍ତ୍ତି ଓ କାଞ୍ଚି ଅଭିଜାନ ସମୟର କଳା ଘୋଡ଼ା ଓ ଧଳା ଘୋଡ଼ାରେ ମହାପ୍ରଭୁ ଜଗନ୍ନାଥ ଓ ବଳଭଦ୍ରଙ୍କ ଚଢ଼ିଥିବା ମୂର୍ତ୍ତି ଦର୍ଶନ କରିବେ ଶ୍ରଦ୍ଧାଳୁ। ମେଳା ପାଇଁ ପୂର୍ବଦିନରୁ ଝଲସିଲାଣି ଖଣ୍ଡଗିରି ପାଦଦେଶ। ସାଧୁସନ୍ଥ ବସିବା ସ୍ଥାନକୁ ସଫା କରାଯିବା ସହ ସେମାନଙ୍କର ରହିବା, ଖାଇବା, ଶୌଚାଳୟ ଆଦି ସହ ହୋମ, ଯଜ୍ଞ ପାଇଁ ମଧ୍ୟ ସମସ୍ତ ପ୍ରକାର ବ୍ୟବସ୍ଥା ବିଏମସି ପକ୍ଷରୁ କରାଯାଇଛି।

ତେବେ କଟକ ବାଲିଯାତ୍ରାରେ ଘଟିଥିବା ଅଘଟଣର ପୁନରାବୃତ୍ତି ନହେବା ପାଇଁ ଚଳିତ ବର୍ଷ ମେଳାରେ ବଡ଼ ଦୋଳିକୁ ଅନୁମତି ଦିଆଯାଇ ନଥିବା ସୂଚନା ରହିଛି। ତେବେ ଏହି ଦୁଇଟିକୁ ବାଦ୍ ଦେଇ ଅନ୍ୟ ସମସ୍ତ ଦୋଳିର ଭରପୁର ମଜ୍ଜା ନେବେ ଦର୍ଶକ। ଏହାସହ ବିଭିନ୍ନ ମୀନାବଜାର ଓ ଚଟପଟା ଖାଦ୍ୟ ପାଇଁ ଆଜିଠାରୁ ଦୋକନ ଗୁଡ଼ିକ ଖୋଲାଯାଇଥିବା ଦେଖିବାକୁ ମିଳିଛି।

**AFFIDAVIT**

By virtue of an Affidavit before Notary Public, Malkangiri, I **ANANDA MADI**, aged about 29 Years, S/o: Ganga Madi, resident of village: Palakonda, PO.: Sikhapali, P.S./Dist.: Malkangiri, Odisha, declare by this Affidavit No.: 201/2026, Dated: 22/01/2026 that I have changed my name from ARMA MADI to **ANANDA MADI**. Henceforth I shall be known as **ANANDA MADI** for all future purposes.

**AFFIDAVIT**

By virtue of an affidavit sworn before Notary Public, Jajpur Road, Date: 21/01/2026, I, RAIMUNI GAGARAI, At- Gadapur, Po- Khurunti, Ps- Kalinganagar, Jajpur - 755026 declare that I have changed the name of my daughter from MINI GAGARAI to NANDITA HEMBRAM. Henceforth, she shall be known as **NANDITA HEMBRAM** for all purposes.

**Sd/- Raimuni Gagarai**

**NOTICE**

By virtue of an affidavit sworn before Notary Public, Junagarh, dated 24.01.2026, I, Sangita Panda, address At/Po/Ps- Junagarh, Dist- Kalahandi, Odisha-766014, declare that I have changed my name from Sangita Mishra to Sangita Panda. Henceforth, I shall be known as **Sangita Panda** for all purposes.

**Sangita Panda**

**AFFIDAVIT**

I Mami Giri, W/o Hara Prasad Mahapatro, Resident At- Laxmi Nursingha Nagar 1st lane, Medical Collage, Berhampur, Pin-760004, Ps- Berhampur Sadar Thana, Dist-Ganjam, Odisha Declare by this Affidavit No-740, dt 21.01.2026. That now onwards I shall be known as **RIDDHI MAHAPATRO** for all features purposes

**AFFIDAVIT**

I Syed Intiaz, S/o Syed Mumtaz, Resident At- Khaja Street 4th line, Berhampur, Pin-760001, Ps-Town Thana, Dist- Ganjam, Odisha Declare by this Affidavit No-746, dt 21.01.2026. That now onwards I shall be known as **SYED IMTIAZ** for all features purposes

**AFFIDAVIT**

By virtue of an affidavit (SL No. 4573, dtd- 19.11.2025) before the Executive Magistrate, Jajpur Road. I, **Sangitapriyadarshini Sahoo,** W/o- Sujit Kumar Sahoo, resident of Village: Panasia (Ward No.2), Po- Ferrochrome Project, Ps- Jajpur Road, Dist- Jajpur, Odisha declare that I have changed my name from **Sangitapriyadarshini** to **Sangitapriyadarshini Sahoo** in my PAN Card (vide No. CCGPP5469Q).

**Sangitapriyadarshini Sahoo**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିବାହ ଉତ୍ସବରେ...

ନିକଟସ୍ଥ ହସ୍ପିଟାଲକୁ ନିଆଯାଇଛି। ୭ଟି ଆମ୍ବୁଲାନ୍ସ, ଏକ ଅଗ୍ନିଶମ ଗାଡ଼ି ଓ ଏକ ବିପର୍ଯ୍ୟୟ ଗାଡ଼ି ଘଟଣାସ୍ଥଳକୁ ପଠାଯାଇଛି। ଏପର୍ଯ୍ୟନ୍ତ କର୍ତ୍ତୃପକ୍ଷ ବିସ୍ଫୋରଣ ଘଟିଥିବା ଅଞ୍ଚଳକୁ ଘେରାବନ୍ଦୀ କରି ଘଟଣା ତଦନ୍ତ ଆରମ୍ଭ କରିଛନ୍ତି। ଖାଇବର ପଖତୁନଖ୍ୱାର ମୁଖ୍ୟମନ୍ତ୍ରୀ ସୋହେଲ ଆଫ୍ରିଦୀ ବିସ୍ଫୋରଣକୁ ଦୃଢ଼ ନିନ୍ଦା କରିଛନ୍ତି ଓ ପୁଲିସ ମହାନିର୍ଦ୍ଦେଶକଙ୍କଠାରୁ ରିପୋର୍ଟ ମାଗିଛନ୍ତି।

### ପାକିସ୍ତାନରେ ହିମସ୍ଖଳନ...

ରେ ଜୀବନଯାତ୍ରା ଠପ୍ ହୋଇଛି। ରାସ୍ତାଗୁଡ଼ିକ ଅବରୋଧ ହୋଇଛି। ଯାତ୍ରୀମାନେ ଫସି ରହିଛନ୍ତି ଓ ଥଣ୍ଡାରେ ବିଦ୍ୟୁତ ଓ ରିଲିଫ୍ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ପାକିସ୍ତାନର ଉତ୍ତର ଭାଗରେ ବର୍ଷା ଓ ତୁଷାରପାତ ସୃଷ୍ଟି କରୁଥିବା ପ୍ରଣାଳୀ ସକ୍ରିୟ ଅଛି। ଆଗକୁ ଏହା ଜାରି ରହିବ ଓ ଏଥିପାଇଁ ସମସ୍ତଙ୍କୁ ସତର୍କ ରହିବା, ଅନାବଶ୍ୟକ ଯାତ୍ରା ଏଡ଼ାଇବାକୁ ପରାମର୍ଶ ଦିଆଯାଇଛି।

### ଜଳ ସଙ୍କଟରେ...

ଜଳ ହରାଇବାରେ ଲାଗିଛି। ଭୂତଳ ଜଳଭଣ୍ଡାର ନିରନ୍ତର ୭୦ ପ୍ରତିଶତ ହ୍ରାସ ପାଇଛି। ଗତ ୫୦ ବର୍ଷ ମଧ୍ୟରେ ୟୁରୋପର ଅନେକ ଆର୍ଦ୍ରଭୂମି ଅଦୃଶ୍ୟ ହୋଇଗଲାଣି। ୧୯୭୦ ପରଠାରୁ ହିମପ୍ରବାହ ପ୍ରାୟ ୩୦ ପ୍ରତିଶତ ସଙ୍କୁଚିତ ହୋଇଛି। ତେଣୁ ଆଗକୁ ବିଶ୍ୱ ପାଇଁ ଏକ ମହାଜଳ ସଙ୍କଟ ସ୍ଥିତି ଆସୁଛି ବୋଲି ଧରି ନେବାକୁ ହେବ। ସାରା ବିଶ୍ୱର ଅଧିବାସୀ ଏ ନେଇ ସଚେତନ ହେବାର ଆବଶ୍ୟକତା ରହିଛି। ଜଳ ସଙ୍କଟ ଆସିବା ଆଗରୁ ସବୁ ଦେଶ, ସଂଗଠନ ଓ ସଂସ୍ଥା ମିଳିତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି କୁହାଯାଉଛି।

### ବାଂଲାଦେଶ ବିଦା...

ନିଜର ନିଷ୍ପତ୍ତି ପରିବର୍ତ୍ତନ କରି ପାକିସ୍ତାନ ସରକାରଙ୍କୁ ଏଥିରେ କ୍ରିକେଟ ବୋର୍ଡ ସାମିଲ କରିଛି।

ବାଂଲାଦେଶ ବିଶ୍ୱକପ୍‌ରେ ଖେଳିବାକୁ ରାଜି, କିନ୍ତୁ ଭାରତରେ ଖେଳିବ ନାହିଁ। ଆଇସିସି ନିକଟରେ ଏଭଳି ଦାବି ରଖିଥିଲା ବାଂଲା କ୍ରିକେଟ ବୋର୍ଡ। ଭେନ୍ୟୁ ପରିବର୍ତ୍ତନ କରା ନ ଯାଇ ବାଂଲାକୁ ବାଦ୍ ଦେବା ଆଇସିସିର ଦୋ ମୁହାଁ ନୀତିକୁ ସ୍ପଷ୍ଟ କରୁଛି ବୋଲି ଉଭୟ ଦେଶର ବୋର୍ଡ କହିଛନ୍ତି। ୨୦୨୫ରେ ଚାମ୍ପିଅନ୍ସ ଟ୍ରଫି ଓ ପରେ ଏସିଆ କପ୍‌ରେ ଆୟୋଜକ ପାକିସ୍ତାନରେ ଖେଳିବାକୁ ନ ଯିବା ଲାଗି ଭାରତ ଦାବି କରିଥିଲା। ଭାରତର ଦାବିକୁ ଆଇସିସି ଗ୍ରହଣ କରିବା ସହ ଦୁବାଇରେ ସମସ୍ତ ମ୍ୟାଚ୍ ଆୟୋଜନ କରିଥିଲା। ଏବେ କିନ୍ତୁ ବାଂଲାଦେଶ ସମାନ ଦାବି କରିବାରୁ ଭାରତୀୟଙ୍କ ନିୟନ୍ତ୍ରଣରେ ଥିବା ଆଇସିସି ଭିନ୍ନ ନିଷ୍ପତ୍ତି ନେଇଛି। ଏବେ ଆଇସିସି ସଭାପତି ଭାବେ ଭାରତର ଗୃହମନ୍ତ୍ରୀ ଅମିତ ଶାହାଙ୍କ ପୁଅ ଜୟ ଶାହା ଓ ସିଇଓ ଭାବେ ଜାଣ ଭାରତୀୟ ସଂଯୋଗ ଗୁପ୍ତା ଦାୟିତ୍ୱରେ ଅଛନ୍ତି। ଭାରତରେ ବାଂଲାଖେଳାଳିଙ୍କ ଜୀବନ ପ୍ରତି ବିପଦ ଜାନୁଆରୀ ୩ରେ ମୁସ୍ତାଫିଜୁର ରହେମାନଙ୍କୁ ଆଇପିଏଲ୍‌ରୁ ବିଦା କରିବା ପରେ ସୃଷ୍ଟି ହୋଇଥିଲା। କିନ୍ତୁ ପାକିସ୍ତାନରେ ଭାରତୀୟ ଦଳ ୨୦୦୮ରୁ ଖେଳି ନାହିଁ। ବାଂଲାଦେଶକୁ ସମର୍ଥନ କଲାବେଳେ କିମ୍ବା ଦୋ ମୁହାଁ ନୀତି ଅବଲମ୍ବନ କରିବା ସମ୍ପର୍କରେ ମୁହଁ ଖୋଲିଲାବେଳେ ୨୦୦୯ରେ ଶ୍ରୀଲଙ୍କା ଖେଳାଳିଙ୍କ ଉପରେ ସନ୍ତ୍ରାସବାଦୀ ଆକ୍ରମଣ, ବିଭିନ୍ନ ଟିମ୍ ହୋଟେଲ ଆଗରେ ବୋମା ବିସ୍ଫୋରଣ, ବାରମ୍ବାର ସନ୍ତ୍ରାସବାଦୀ ଆକ୍ରମଣରେ ଶିଶୁ, ଛାତ୍ରଛାତ୍ରୀ ଓ ମହିଳାଙ୍କ ମୃତ୍ୟୁ ସମ୍ପର୍କରେ ନକ୍‌ଭୀ କାହିଁକି କିଛି କହୁନାହାନ୍ତି ବୋଲି ପ୍ରଶ୍ନ କରାଯାଉଛି। ଏହା ତାଙ୍କର କେଉଁ ମୁହାଁ ନୀତି ବୋଲି ଲୋକେ କହୁଛନ୍ତି। ସେ ୧୭ ବର୍ଷର ଖରାପ ସମ୍ପର୍କ ସହ ୧୭ ଦିନର ଘଟଣାବଳୀକୁ ତୁଳନା କରୁଛନ୍ତି। ସବୁଠାରୁ ଦୁଃଖର କଥା ହେଲା କ୍ରିକେଟ ଖେଳ ସମ୍ପର୍କରେ ଏଭଳି ନିଷ୍ପତ୍ତି ନେଇଛନ୍ତି ଦୁଇ ଦେଶର ଦୁଇଜଣ ମୌଳବାଦୀ ରାଜନେତା। ଏମାନଙ୍କ ଯୋଗୁଁ କ୍ରିକେଟ ଓ ଖେଳାଳି ଯେ କ୍ଷତିଗ୍ରସ୍ତ ହେବ ଏହା ନିଃସନ୍ଦେହରେ କୁହାଯାଇପାରେ।

### ଧାନବାଦ୍‌ରୁ ୨...

କରିଥିଲେ। ଦୀର୍ଘ ଚାରି ଦିନର ଅକ୍ଳାନ୍ତ ପରିଶ୍ରମ ପରେ ଧାନବାଦ ସହରରୁ ୨ ଡକାୟତଙ୍କୁ ପୁଲିସ ଧରିବାରେ ସକ୍ଷମ ହୋଇଛି। ସେଠାକାର ପୁଲିସ ସହଯୋଗରେ ଧାନବାଦର ନିଲସା ଥାନା ଅଧୀନ ମାଲଝରିଆ ରୋଡ୍‌ରେ ଥିବା ମା' କାମାକ୍ଷା ଗହଣା ଦୋକାନ ଏବଂ ସିନ୍ଦ୍ରୀରେ ଚଢ଼ଉ କରାଯାଇ ମୁଖ୍ୟ ଆସାମୀଦ୍ୱୟଙ୍କୁ ଗିରଫ କରାଯାଇଛି।

### ୨୭ରେ ସର୍ବଦଳୀୟ...

ଅଧିବେଶନ ହେବାକୁ ଯାଉଛି। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ଗାନ୍ଧୀଙ୍କ ନାମ ବଦଳାଇବା ପାଇଁ ଖାଲି ଏହି ବିଲ ଅଣାଯାଇଛି। ସେହିପରି ବିଜେପି ଏହାକୁ ସୁଧାରବାଦୀ ଦର୍ଶାଇ ପୂର୍ବ ଆଇନର ଦୁର୍ବଳତାକୁ ଦୂର କରିବାର ଆବଶ୍ୟକତା ଥିବା ଦର୍ଶାଉଛି। ତେଣୁ ଏହି ପ୍ରସଙ୍ଗରେ ବିରୋଧୀ ଓ ଶାସକ ଦଳ ମୁହାଁମୁହିଁ ହୋଇପାରନ୍ତି। ସେହିପରି ଏସଆଇଆରକୁ ନେଇ ମଧ୍ୟ ହଙ୍ଗାମା ହୋଇପାରେ। ସୂଚନାଯୋଗ୍ୟ ଯେ ୨୮ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ। ଏହାର ଦିନକ ପରେ ରବିବାର ବଜେଟ ଆଗତ ହେବ। ପ୍ରଥମ ଥର ପାଇଁ ରବିବାର ବଜେଟ ଉପସ୍ଥାପନ କରାଯିବ।

### କଂଗ୍ରେସ ଛାଡ଼ିଲେ...

ନେତାମାନେ ନିଜକୁ ଅସହାୟ ଓ ଅଲୋଡ଼ା ମନେ କରୁଛନ୍ତି। ନେତାମାନଙ୍କ ସହ ତାଙ୍କର ତାଳମେଳ ରହୁନି। ସେହିପରି ଦଳ ପାଇଁ କାମ କରୁଥିବା ନିଷ୍ଠାପର କର୍ମୀଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ଅପରପକ୍ଷରେ ଜନତା ଦଳରୁ ଆସିଥିବା ଶ୍ରୀକାନ୍ତ ଜେନା, ପଞ୍ଚାନନ କାନୁନଗୋ, ନଗେନ୍ଦ୍ର ପ୍ରଧାନଙ୍କ ଭଳି ନେତାମାନେ ଦଳକୁ ନିଜ ଇଚ୍ଛା ମୁତାବକ ପରିଚାଳନା କରୁଛନ୍ତି, ଯାହା ଅତ୍ୟନ୍ତ ପରିତାପର ବିଷୟ ବୋଲି ଇସ୍ତଫା ଦେଇଥିବା ନେତାଏ କ୍ଷୋଭ ପ୍ରକାଶ କରିଛନ୍ତି। ସେହିପରି ଦଳରେ ଅଗଣତାନ୍ତ୍ରିକ ଓ ଏକଛତ୍ରବାଦୀ ମନୋଭାବ ରହିଥିବା ଏହି ଅସନ୍ତୁଷ୍ଟ ନେତାମାନେ ଅଭିଯୋଗ ଆଣିଛନ୍ତି। ଦଳର ମଙ୍ଗଳ ପାଇଁ ସ୍ୱର ଉଠାଇଲେ ସଂଶୋଧନ ପରିବର୍ତ୍ତେ ବହିଷ୍କାରର ଧମକ ମିଳୁଛି। ଜିଲ୍ଲା ଓ ବ୍ଲକ ସଭାପତି ଚୟନରେ ଉଦ୍ଦେଶ୍ୟମୂଳକ ଭାବେ ପାତରଅନ୍ତର କରାଯାଉଛି। ପୂର୍ବରୁ କଳାହାଣ୍ଡିରେ ବରିଷ୍ଠ ନେତାମାନଙ୍କୁ ଅଣଦେଖା କରି ଦଳକୁ ଯେପରି ସ୍ଥିତିକୁ ଅଣାଯାଇଥିଲା, ବର୍ତ୍ତମାନ ସାରା ରାଜ୍ୟରେ ସେହି ସମାନ ସ୍ଥିତି ସୃଷ୍ଟି କରାଯାଉଛି। ଯେଉଁଠାରେ ମୂଳ କର୍ମୀଙ୍କ ସମ୍ମାନ ନାହିଁ ଏବଂ ନେତୃତ୍ୱ ଦଳକୁ ରସାତଳକୁ ନେଇଯିବାକୁ ବସିଛନ୍ତି, ସେଠାରେ ରହି କାର୍ଯ୍ୟ କରିବା ଆମ ପକ୍ଷେ ଅସମ୍ଭବ ବୋଲି ସେମାନେ କହିଛନ୍ତି।

### ବାଘ ସହ...

ବାଘଟି ବି ତାଙ୍କ ପଛେପଛେ ଘର ଭିତରକୁ ପଶି ଯାଇଥିଲା। ବାଘ କବଳରୁ ଖସିବାର ଆଉ କିଛି ଉପାୟ ନଥିବାରୁ ଶୁଭ୍ରାଂଶୁ ତା' ସହ ସାହସିକତାର ସହ ଲଢ଼େଇ କରିଥିଲେ। ସେଠାରେ ପଡ଼ିଥିବା ଏକ ଧାରୁଆ ଛୁରୀରେ ସେ ବାଘକୁ ପ୍ରତି ଆକ୍ରମଣ କରିଥିଲେ। କିନ୍ତୁ ଘାଇଲା ବାଘଟି ତାଙ୍କୁ ଛାଡ଼ିନଥିଲା। ବାଘ କାମୁଡ଼ାରେ କ୍ଷତବିକ୍ଷତ ଶୁଭ୍ରାଂଶୁ ପାଖାପାଖି ୧୦ ମିନିଟ୍ ଧରି ଲଢ଼େଇ କରିବା ପରେ ତାକୁ ଚିରନିଦ୍ରାରେ ଶୁଆଇ ଦେଇଥିଲେ। ଛୁରାମାଡ଼ରେ ବାଘର ପ୍ରାଣବାୟୁ ଉଡ଼ିଯାଇଥିଲା। ମୃତ ବାଘର ବୟସ ପ୍ରାୟ ପାଞ୍ଚବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଖବର ପାଇ ବନ ବିଭାଗ ଅଧିକାରୀ ରେଞ୍ଜର ପ୍ରଦୀପ କୁମାର ନାୟକ ପହଞ୍ଚି ମୃତ ବାଘକୁ ଘର ଭିତରୁ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଥିଲେ। ଗୁରୁତର ଅବସ୍ଥାରେ ଶୁଭ୍ରାଂଶୁଙ୍କୁ ପ୍ରଥମେ ନରସିଂହପୁର ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ମାତ୍ର ତାଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ରେଞ୍ଜର ଶ୍ରୀ ନାୟକ କହିଛନ୍ତି।

ଶନିବାର ଘଟଣାସ୍ଥଳରେ ଆରସିସିଏଫ ସଞ୍ଜୟକୁମାର ସ୍ୱାଇଁ, ଏସିଏଫ ମନୋଜ କୁମାର ପାତ୍ର ପହଞ୍ଚି ବାଘର ଶବକୁ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଥିଲା। ଛୁରୀଟିକୁ ବନ ବିଭାଗ ଜବତ କରିଛି।

**ସୂଚନା**

ଏହି ବିଜ୍ଞାପନ ମାଧ୍ୟମରେ HDFC ବ୍ୟାଙ୍କ ଲିଃ କର୍ତ୍ତୃପକ୍ଷ ସୂଚାଇ ଦେବାକୁ ଚାହୁଁଛନ୍ତି ଯେ, ଛତ୍ରପୁର ସହର ସ୍ଥିତ HDFC ବ୍ୟାଙ୍କ ଶାଖା ଆଗାମୀ ଫେବୃୟାରୀ ୨୦୨୬ ପ୍ରଥମ ସପ୍ତାହରେ ଛତ୍ରପୁର ସହରର ଜାତୀୟ ରାଜପଥ ନିକଟସ୍ଥ TVS SHOWROOM ସାମ୍ନାକୁ ସ୍ଥାନାନ୍ତରିତ ହେବାକୁ ଯାଉଅଛି।

ଶାଖା ପରିଚାଳକ
HDFC ବ୍ୟାଙ୍କ ଶାଖା, ଛତ୍ରପୁର

C-2144

e-mail ID – eephctcii@gmail.com
sephdctc521@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, P. H. DIVISION, CUTTACK**

e-procurement Notice for Bid Identification No. SEPH-DIVISION, CTC- 57 of 2025-26

1. Name of the work : - 02 Nos of P.H. work
2. Estimated cost : -Rs 6.76 lakhs to Rs. 8.41 Lakhs
3. Period of completion :- 15 days to 3 months
4. Date & time of availability of bid document in the portal : - 27.01.2026 from 11.00 A.M to 05.02.2026 upto 5.00 P.M
5. Last date & time of seeking clarification :- 30.01.2026 upto 5.00 P.M
6. Last date / time of receipt of bids in the portal : - 05.02.2026 upto 5.00 P.M
7. Date & time of opening of bids : - 06.02.2026 at 11.00 A.M
8. Name and address of the officer inviting bid : - The Superintending Engineer, P.H.Division, Cuttack-753004, Odisha. Ph. (0671) 2441063, email :- eephctcii@gmail.com sephdctc521@gmail.com

Further details can be seen from e-procurement portal https://www.tendersodisha.gov.in

I/C Superintending Engineer
P.H. Division, Cuttack

OIPR-

## ସରକାରୀ ଅର୍ଥର ଅପବ୍ୟୟ

# ଜନଶୂନ୍ୟ ଅଞ୍ଚଳ ପୋଖରୀ ପାଇଁ ଖର୍ଚ୍ଚ ହେଉଛି ଲକ୍ଷାଧିକ ଟଙ୍କା

ବେତନଟୀ, ୨୪।୧(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକର ବେତନଟୀ ଓ ସଠିଲୋ ପଞ୍ଚାୟତକୁ ମିଶାଇ ବେତନଟୀକୁ ନୂତନ (ଏନ୍‌ଏସି) ମାନ୍ୟତା ମିଳିବାପରେ ସ୍ଥାନୀୟବାସିନ୍ଦା ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଆଶା ରଖିଥିଲେ କିନ୍ତୁ ଏହି ଆଶା ଏବେ ନିରାଶାରେ ପରିଣତ ହେଉଛି। ସରକାରୀ ପାଣ୍ଠି ବ୍ୟବହାରରେ ଏକ ବଡ଼ ଅନିୟମିତତା ଦେଖାଦେଇଛି। ଜନବହୁଳ ବସ୍ତିରେ ମୌଳିକ ସୁବିଧା ରାସ୍ତା, ଡ୍ରେନେଜ୍, ପରିମଳ ଓ ଜଳାଶୟର ଉନ୍ନତିକୁ ଅଣଦେଖା ହେଉଥିବାବେଳେ ଜନଶୂନ୍ୟ ଅଞ୍ଚଳରେ ଥିବା ଏକ ପୋଖରୀର ଉନ୍ନତି ପାଇଁ ୪୨ ଲକ୍ଷରୁ ଅଧିକ ଟଙ୍କା ବିନିଯୋଗ କରାଯାଉଛି। ଏହି ପାତରଅନ୍ତର ଆର୍ଥିକ ଆବଣ୍ଟନ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଘୋର ଅସନ୍ତୋଷ ସୃଷ୍ଟି କରିଛି ଓ ସରକାରୀ





ପାଣ୍ଠିର ସଠିକ୍ ବ୍ୟବହାର ଉପରେ ପ୍ରଶ୍ନ ଉଠାଇଛି।

ଓଡ଼ିଶା ସରକାର ୨୦୨୫ ଅଗଷ୍ଟରେ ବେତନଟୀକୁ ଏନ୍‌ଏସି ଘୋଷଣା କରିବା ପାଇଁ ଡ୍ରାଫ୍ଟ ନୋଟିଫିକେସନ୍ ଜାରି କରିଥିଲେ। ଯାହା ସେପ୍ଟେମ୍ବରରେ ୧୬ଟି ନୂତନ ଏନ୍‌ଏସି ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଥିଲା। ଡିସେମ୍ବରରେ ଏହାକୁ ଚୂଡ଼ାନ୍ତ ମାନ୍ୟତା ମିଳିଥିଲା ଓ ମୟୂରଭଞ୍ଜରେ ବେତନଟୀ ସମେତ କିଛି ଅନ୍ୟ ଏନ୍‌ଏସି ଗଠନ ହୋଇଥିଲା। ଏହି ମାନ୍ୟତା ପରେ ବେତନଟୀବାସୀ ଅଧିକ ପାଣ୍ଠି ବିନିଯୋଗରେ ଏନ୍‌ଏସି ଗଠନ ହେବାକୁ ଥିବା ଅଞ୍ଚଳର ଉନ୍ନତିକରଣର ଆଶା ରଖିଥିଲେ। ବର୍ତ୍ତମାନର ସରକାର ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଅନ୍ତର୍ଗତ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କୋଟି କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି, ଯାହା ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ଗ୍ରାମସଭା ଓ ପଲ୍ଲୀସଭାରେ ପାସ୍ ହୋଇ ବ୍ଲକକୁ ଚୂଡାନ୍ତ ନିଷ୍ପତ୍ତି ପାଇଁ ଯାଇଥିଲା। ତେବେ ଏହି ପାଣ୍ଠି ଆବଣ୍ଟନରେ ଗୁରୁତର ଅନିୟମିତତା ହୋଇଛି। ବର୍ତ୍ତମାନର ବଡ଼ସାହି ବିଧାୟକ ଗ୍ରାମସଭା ଓ ପଲ୍ଲୀସଭାରେ ପାରିତ ହୋଇଥିବା ଉନ୍ନତିକରଣ ପ୍ରୋଜେକ୍ଟକୁ ବାଦ ଦେଇ ନିଜ ସମର୍ଥକଙ୍କୁ ସୁହାଇଲା ଭଳି ଉନ୍ନତିକରଣ ପ୍ରୋଜେକ୍ଟକୁ ବ୍ଲକ ପ୍ରଶାସନ ଦ୍ୱାରା ପାରିତ କରାଯାଇଛି। ମିଳିଥିବା ତଥ୍ୟ ଅନୁଯାୟୀ, ଇନ୍ଦିରାନଗର ବସ୍ତିରେ ଅନେକ ମାଟି ରାସ୍ତା ଉନ୍ନତି ଅପେକ୍ଷାରେ ରହିଛି। ଦଣ୍ଡପାଟ ସାହିର ତିନୋଟି ମାଟି ରାସ୍ତା ଓ ଡ୍ରେନ୍, ମଧ୍ୟସାହିର ମାଟି ରାସ୍ତା ଓ ସଠିଲୋ ହରିଜନ ସାହିରେ ବର୍ଷା ସମୟରେ ରାସ୍ତା ପାଣିରେ ବୁଡ଼ି ଯିବା ଯୋଗୁଁ ପିଲାଙ୍କ ବିଦ୍ୟାଳୟ ଯିବାରେ ବାଧା ସୃଷ୍ଟି ହେଉଛି। ବେତନଟୀ ଆଦିବାସୀ ସାହିରେ ଡ୍ରେନ୍ ଓ ରାସ୍ତା ସମସ୍ୟା ସହ ଅଙ୍ଗନବାଡ଼ି ଗୃହ ନାହିଁ। ଏଥିସହିତ ସୁଖିଲାହାର ଅଙ୍ଗନବାଡ଼ି ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବେତନଟୀ ସାହି ପାଣି ପମ୍ପ ଘର କ୍ଷତିଗ୍ରସ୍ତ ହୋଇପଡ଼ିଛି ଓ ବର୍ଷାଦିନେ ପାଣିରେ ବୁଡ଼ି ରହୁଛି। ବେତନଟୀ କଲେଜ୍ ରୋଡ଼ରେ ଥିବା ବେତନଟୀ ନର୍ସିଂ ସ୍କୁଲ୍ ସାମ୍ନା ମାଟି ରାସ୍ତା ବର୍ଷାରେ ବୁଡ଼ିଯାଉଛି, ପାଣି ନିଷ୍କାସନ ହେଉନାହିଁ। ସମଗ୍ର ଏନ୍‌ଏସି ଘୋଷିତ ଅଞ୍ଚଳରେ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ସାମାନ୍ୟ ବର୍ଷାରେ ସ୍ଥାନୀୟ ଲୋକଙ୍କ ଘରେ ଓ ଦୋକାନରେ ନର୍ଦ୍ଦମା ପାଣି ପଶୁଛି।

ଏଥିସହ ଜନଶୂନ୍ୟ ଅଞ୍ଚଳରେ ଥିବା ବେତନଟୀ ପୋଖରୀର ଉନ୍ନତି ପାଇଁ ବିଭିନ୍ନ ଯୋଜନାରେ ୬ଟି ସୂଚନା ଫଳକ କରି ସମୁଦାୟ ୪୨ ଲକ୍ଷ ଟଙ୍କାର ବଡ଼ ରାଶି ବ୍ୟୟ କରାଯାଉଛି। ଏହି ପୋଖରୀ ସାଧାରଣ ଜନତାଙ୍କ କାମରେ ବିଶେଷ ଲାଗୁ ନ ଥିବାବେଳେ ଚାରି ପାଖେ ବସ୍ତି ଘେରା ଥିବା ଜଳାଶୟ ଗୁଡ଼ି ପୋଖରୀ, ଶୁଖିଲାହାର ବନ୍ଧ ଓ ସଠିଲୋ ପୋଖରୀର ଉନ୍ନତିକରଣକୁ ଅଣଦେଖା କରାଯାଇଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ବାସିନ୍ଦା କହୁଛନ୍ତି, ଏହା ଜନତାଙ୍କ ଟିକସ୍ ଟଙ୍କାର ଅପବ୍ୟବହାର ଓ କେଉଁ ସ୍ୱାର୍ଥରେ ଏଭଳି ନିଷ୍ପତ୍ତି ନିଆଯାଉଛି ତାହା ତଦନ୍ତ ସାପେକ୍ଷ। ଇନ୍ଦିରାନଗର ବାସିନ୍ଦା ଦାମ୍ପିମୟା ଦଣ୍ଡପାଟ କହିଛନ୍ତି, ଆମ ରାସ୍ତା ବର୍ଷାରେ କାଦୁଅ ହୋଇଯାଉଛି, ପାଣି ଛିଡା ହୋଇ ରହୁଛି, ପିଲାମାନେ ସ୍କୁଲ୍ ଯାଇପାରୁନାହାନ୍ତି। କିନ୍ତୁ ବେତନଟୀ ବ୍ଲକ ପ୍ରଶାସନ ଜନଶୂନ୍ୟ ପୋଖରୀରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। କାହା ସ୍ୱାର୍ଥ ରକ୍ଷା ପାଇଁ ଆମ ଟିକସ୍ ଟଙ୍କାର ଅପବ୍ୟବହାର ହେଉଛି। ସଠିଲୋ ହରିଜନ ସାହିର ଜଣେ ମହିଳା ବାସିନ୍ଦା କହିଛନ୍ତି, ବର୍ଷା ହେଲେ ରାସ୍ତା ପାଣିରେ ବୁଡ଼ିଯାଉଛି, ଘରେ ପାଣି ପଶୁଛି। ଅଙ୍ଗନବାଡ଼ି ଘର ଭାଙ୍ଗିବାକୁ ବସିଛି। କିନ୍ତୁ ପ୍ରଶାସନ ଏହାକୁ ଦେଖୁନାହିଁ। ଜନଶୂନ୍ୟ ଅଞ୍ଚଳରେ ପୋଖରୀ ଉନ୍ନତି କରି କାହାକୁ ଲାଭ ହେଉଛି? ଏହି ସମ୍ପର୍କରେ ଜୁନିଅର ଇଞ୍ଜିନିୟର ପ୍ରଶାନ୍ତ ବେହେରାଙ୍କୁ ପଚରାଯିବାରୁ ସେ କହିଛନ୍ତି, ଉନ୍ନତି କାର୍ଯ୍ୟ ଫିଜିବିଲିଟି ରିପୋର୍ଟ ଆଧାରରେ ହେଉଛି। ଏହି ରିପୋର୍ଟର ସ୍ୱଚ୍ଛତା ଓ ପ୍ରକୃତ ଆବଶ୍ୟକତା ସହ ମେଳ ନ ଥିବା ଦର୍ଶାଉଛି ସ୍ଥାନୀୟ ଅଭିଯୋଗ। ଏହା କେବଳ ବେତନଟୀର ସମସ୍ୟା ନୁହେଁ, ବରଂ ସାରା ମୟୂରଭଞ୍ଜ ଜିଲ୍ଲାର ସମସ୍ୟା ଓ ପ୍ରଶାସନିକ ତ୍ରୁଟିକୁ ଲୋକଲୋଚନକୁ ଆଣୁଛି। ଗ୍ରାମସଭା ଓ ପଲ୍ଲୀସଭାରେ ପାସ୍ ହୋଇଥିବା ଚିଠାକୁ ଅଣଦେଖା କରାଯାଉଛି, ଯାହା ସ୍ଥାନୀୟ ପ୍ରତିନିଧିତ୍ୱର ଅଣଦେଖାକୁ ସୂଚିତ କରୁଛି। ଫିଜିବିଲିଟି ରିପୋର୍ଟର ନିରପେକ୍ଷ ଯାଞ୍ଚ ନ ହେବା ଯୋଗୁଁ ସରକାରୀ ପାଣ୍ଠିର ଅପବ୍ୟବହାର ବଢ଼ୁଛି। ଯେଉଁଠାରେ କୋଟିଏ ଟଙ୍କାର ବ୍ୟୟ ସତ୍ତ୍ୱେ ମୌଳିକ ସୁବିଧା ଅଭାବ ରହୁଛି। ସ୍ଥାନୀୟ ବାସିନ୍ଦା ସରକାରଙ୍କୁ ଏହି ବିଷୟରେ ଗୁରୁତ୍ୱ ଦେବାକୁ ଦାବି କରୁଛନ୍ତି।

---

**● ସ୍ୱାସ୍ଥ୍ୟସେବାକୁ ଅଣଦେଖା**

## ୩ ଡାକ୍ତରଖାନାରେ ନାହାନ୍ତି ଡାକ୍ତର

କୁଆମରା, ୨୪।୧(ସମିସ): ଗୋପବନ୍ଧୁନଗର ବ୍ଲକର ଅଧିକାଂଶ ଡାକ୍ତରଖାନାରେ ଡାକ୍ତର ନ ଥିବାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବ୍ଲକର ମୁଖ୍ୟ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କୁଆମରା, ମାଙ୍କଡକେନ୍ଦା, ସାଇଁକୁଳା, କୁଶଳଦା ଓ ରାଣୀବନ୍ଧ ଆଞ୍ଚଳିକ ଡାକ୍ତରଖାନା ରହିଛି। ତେବେ ୮୦ ହଜାରରୁ ଉର୍ଦ୍ଧ୍ୱ ଲୋକସଂଖ୍ୟା ଥିବା ଉକ୍ତ ବ୍ଲକର ମୋଟ ୬ ଟି ଡାକ୍ତରଖାନା ଥିବାବେଳେ ଏବେ ମାଙ୍କଡକେନ୍ଦା, ସାଇଁକୁଳା ଓ ରାଣୀବନ୍ଧ ଡାକ୍ତରଖାନାରେ ବର୍ଷେରୁ ଅଧିକ ହେବ ଡାକ୍ତର ପଦ ଖାଲିପଡ଼ିଛି। ଫାର୍ମାସିଷ୍ଟ ମଧ୍ୟ ନାହାନ୍ତି। ଫଳରେ ଉକ୍ତ ଡାକ୍ତରଖାନାମାନଙ୍କରେ ଆୟୁଷ ଡାକ୍ତରଙ୍କୁ ନେଇ ଚାଲିଛି ସ୍ୱାସ୍ଥ୍ୟ ସେବା।

ସେହିପରି ସାଇଁକୁଳା ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇନାହିଁ। ଏହି ଡାକ୍ତରଖାନା ବାଲେଶ୍ୱର ଓ ମୟୂରଭଞ୍ଜ ସୀମାନ୍ତରେ ରହୁଥିବାରୁ ଏହାର ଯଥେଷ୍ଟ ଗୁରୁତ୍ୱ ରହିଛି। ଉକ୍ତ ତିନୋଟି ଡାକ୍ତରଖାନା ଉପରେ ଆଠଟି ପଞ୍ଚାୟତର ପାଖାପାଖି ୫୦ ହଜାର ଲୋକ ନିର୍ଭର କରୁଥିବାବେଳେ ଲୋକେ ବର୍ଷେ ହେବ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରିକି ଛୋଟ ରୋଗ ପାଇଁ ଲୋକେ ଖର୍ଚ୍ଚାନ୍ତ ହେଉଛନ୍ତି। ଯାହା ଅଞ୍ଚଳବାସୀଙ୍କ ପାଇଁ ଅସନ୍ତୋଷର କାରଣ ପାଲଟିଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ନେଇ ବିପିଏମ୍ ଅନୁଭବ ପଟ୍ଟନାୟକଙ୍କୁ ପଚାରିବାରୁ ଏ ସମ୍ପର୍କରେ ସେ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ଜଣାଇଥିବା କହିଛନ୍ତି।

**● କିଡ୍‌ନୀ ରୋଗରେ ପୀଡ଼ିତ ଧୀରେନ**

## ଚିକିତ୍ସା ପାଇଁ ଅର୍ଥାଭାବ, ସହାୟତା ପାଇଁ ନିବେଦନ



ବାରିପଦା/କୁଳିଅଣା, ୨୪।୧(ସମିସ): କୁଳିଅଣା ବ୍ଲକ ଅନ୍ତର୍ଗତ ଡୁମୁରଡିହା ପଞ୍ଚାୟତର ହଳଦିଆ ଗ୍ରାମର ଧୀରେନ କୁମାର ନାଥ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଗତ ଅଗଷ୍ଟ ମାସରୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ୨ଟି ଯାକ କିଡ୍‌ନୀ ନଷ୍ଟ ହୋଇଯିବା ପରେ ଡାକ୍ତର କିଡନୀ ପ୍ରତ୍ୟାରୋପଣ ପାଇଁ ପରାମର୍ଶ ଦେଇଛନ୍ତି। ଆୟୁଷ୍ମାନ କାର୍ଡର ସମସ୍ତ ୫ ଲକ୍ଷ ଟଙ୍କା ଖର୍ଚ୍ଚ ସରିବା ପରେ ନିଜର ସଞ୍ଚିତ ସମସ୍ତ ଅର୍ଥ ଖର୍ଚ୍ଚ କରିସାରି ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି ଧୀରେନ। ବର୍ତ୍ତମାନ ଟ୍ରାନ୍ସପ୍ଲାଣ୍ଟର ବ୍ୟୟବହୁଳ ଖର୍ଚ୍ଚ ତୁଲାଇବା ନିମନ୍ତେ ସେ ଅକ୍ଷମ। ସେ ପରିବାରର ଏକମାତ୍ର ଭରସା। ଧୀରେନଙ୍କ ୨ଟି ଝିଅ, ୭ ବର୍ଷର ପୁଅ ଅଛି। ତାଙ୍କ ପତ୍ନୀ ଚନ୍ଦ୍ରମଣି ଗୋଟିଏ କିଡ୍‌ନୀ ଦେବାକୁ ସମସ୍ତ ପ୍ରସ୍ତୁତି ହୋଇସାରିଥିବାବେଳେ ଟ୍ରାନ୍ସପ୍ଲାଣ୍ଟ ପାଇଁ ଅର୍ଥ ସାଜିଛି ବାଧକ। ଅନ୍ୟକୌଣସି ଉପାୟ ନ ପାଇ ସେ ଓ ତାଙ୍କ ସ୍ତ୍ରୀ ଜନସାଧାରଣଙ୍କ ସାହାଯ୍ୟ ପାଇଁ ଅନୁରୋଧ କରିଛନ୍ତି। ଖବର ପାଇ ସମାଜସେବୀ ଡଃ ନିରୋଜ ପୋଥାଳ, ସୋମନାଥ ସିଂହ, ଚିତ୍ତରଞ୍ଜନ ସ୍ୱାଇଁ ଓ ଅରବିନ୍ଦ ମୁଖି ତାଙ୍କ ସହ ଯୋଗାଯୋଗ କରି ନିଜ ସକ୍ଷମ ଅନୁସାରେ ସାହାଯ୍ୟର ହାତ ବଢ଼ାଇଛନ୍ତି। ତତ୍‌ସହିତ ସମସ୍ତେ କିଛି ସହାୟତା କଲେ ଏହି ପରିବାରଟି ମହାବିପଦରୁ ଉଦ୍ଧାର ପାଇଯାଆନ୍ତା ବୋଲି ସମାଜସେବୀ ନିବେଦନ କରିଛନ୍ତି।

---

## ସରକାରୀ ଶିକ୍ଷାନୁଷ୍ଠାନରେ ପୂଜା ଚାନ୍ଦା ଆଦାୟ ଅଭିଯୋଗ

ବାରିପଦା, ୨୪।୧(ସମିସ): ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟରେ କୌଣସି ପୂଜା ନିମନ୍ତେ ସରକାରୀ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କଠାରୁ କୌଣସି ଚାନ୍ଦା ଆଦାୟ କରାଯିବ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶାବଳୀ ରହିଛି। କିନ୍ତୁ ପୂଜା ନାମରେ ଚାନ୍ଦା ଆଦାୟ କରାଯାଉଥିବା ଘଟଣା ପିଛା ଛାଡୁନାହିଁ। ଏହାକୁ ବିରୋଧ କରି ଗତ ୧୬ ତାରିଖରେ ଭାରତ୍ ଯାକାତ୍ ମାଝୀ ପାର୍ଗାନା ମହଲ୍ ଓଡ଼ିଶାର ପନତ୍ ପାର୍ଗାନା ବାବା ମାନତାନ୍ ବାଲକ୍ ରାମ୍ ବାସ୍କେଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ପତ୍ର ଗ୍ରହଣ କରିବା ପରେ ଜିଲ୍ଲାପାଳଙ୍କ ଦପ୍ତରରୁ ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ଏ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଥିଲା। ମାତ୍ର ଜିଲ୍ଲାସ୍ତରୀୟ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ କରାଯାଇ ନ ଥିଲା। ତେଣୁ ରାଜ୍ୟର ବିଭିନ୍ନ ଆଦିବାସୀ ସଂଗଠନ ପକ୍ଷରୁ ସରକାରଙ୍କ ଏହି ଭଳି ଦୋମୁହାଁ ନୀତିକୁ ତୀବ୍ର ଭାବରେ ନିନ୍ଦା କରାଯାଇଛି। ଶିକ୍ଷା ବିଭାଗର ଉଚ୍ଚ ପଦାଧିକାରୀ ଏହି ସମ୍ବେଦନଶୀଳ ବିଷୟ ପ୍ରତି ଗୁରୁତ୍ୱ ନ ଦେଇ ଚୁପ୍ ଚାପ୍ ବସିରହିବା ଅର୍ଥ ଶିକ୍ଷା ଅନୁଷ୍ଠାନରେ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମାନସିକ ଚାପଗ୍ରସ୍ତ କରାଇବାରେ ପରୋକ୍ଷ ଭାବରେ ଭୂମିକା ଗ୍ରହଣ କରୁଛନ୍ତି। ଏହାର ପ୍ରତିବାଦ ସ୍ୱରୂପ ପୁଣି ଭାରତ୍ ଯାକାତ୍ ମାଝୀ ପାର୍ଗାନା ମହଲ୍ ଓଡ଼ିଶାର ପନତ୍ ପାର୍ଗାନା ବାବା ମାନତାନ୍ ବାଲକ୍ ରାମ୍ ବାସ୍କେଙ୍କ ନେତୃତ୍ୱରେ ଆଦିବାସୀ ସାମାଜିକ ସଙ୍ଗଠନର କର୍ମକର୍ତ୍ତାଙ୍କ ଜରିଆରେ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଯଦି ବିଭାଗୀୟ କୌଣସି ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କରନ୍ତି, ତେବେ ସମଗ୍ର ଆଦିବାସୀ ସମାଜ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦିଆଯାଇଛି।



## ଚା' ଖଟିରେ କଂଗ୍ରେସର ଚର୍ଚ୍ଚା



କରଞ୍ଜିଆ, ୨୪।୧(ସମିସ): ସକାଳ ଚା' ଖଟିରେ ଦେଶ ବିଦେଶ ଓ ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ସ୍ଥାନୀୟ କଂଗ୍ରେସର କର୍ମକର୍ତ୍ତା ଓ ପଦାଧିକାରୀ। କଂଗ୍ରେସର ଯୁବ ନେତା ତଥା ରାଜ୍ୟ ସମ୍ପାଦକ ଲକ୍ଷ୍ମୀଧର ସିଂ, ମହମ୍ମଦ ଜାକିର, ଭିକି ସେଠୀଙ୍କ ସମେତ ଅନ୍ୟ କଂଗ୍ରେସ କର୍ମୀ ସହରର ଚା' ଖଟିରେ ରାଜ୍ୟର ବିଦ୍ୟୁତ ଶୁଳ୍କରେ କିପରି ଦୁର୍ନୀତି ହେଉଛି, ଅନ୍ୟ ରାଜ୍ୟରେ କ'ଣ ବ୍ୟବସ୍ଥା ରହିଛି, ଏଠାରେ କିପରି ତ୍ରୁଟିପୂର୍ଣ୍ଣ ଭାବେ ଶୁଳ୍କ ଆଦାୟ ହେଉଛି, ସେ ସମ୍ପର୍କରେ ଶ୍ରୀ ସିଂ ଆଲୋଚସନା କରିବା ସହିତ ଲୋକଙ୍କ ସୁଖଦୁଃଖ ସମ୍ପର୍କରେ ଅବଗତ ହୋଇଥିଲେ।

---

## ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକମେଳା ଉଦ୍‌ଘାଟିତ

# 'ପୁସ୍ତକ ମେଳା ଜ୍ଞାନ ପିପାସୀ ମଣିଷର ଚିନ୍ତା ଚେତନା ସମୃଦ୍ଧ କରାଏ'



ବାରିପଦା, ୨୪।୧(ସମିସ): ସ୍ଥାନୀୟ ଛଉ ପଡ଼ିଆରେ ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକମେଳା ଉଦ୍‌ଘାଟିତ ହୋଇଛି। ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକମେଳା ଦ୍ୱାରା ଜ୍ଞାନପିପାସୀ ମଣିଷର ଚିନ୍ତା ଚେତନା ସମୃଦ୍ଧ ହୋଇଥାଏ ବୋଲି ମତ ରଖିଥିଲେ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୁସ୍ତକମେଳା କେବଳ ଏକ ପୁସ୍ତକମେଳା ନୁହେଁ ଏକ ଜ୍ଞାନ ଯଜ୍ଞ ବୋଲି ମତ ରଖିଥିଲେ। ପ୍ରାରମ୍ଭରେ ଅତିଥିମାନେ ଫିତାକାଟି ମେଳାକୁ ଉଦଘାଟନ କରିବା ପରେ ମେଳାର ବିଭିନ୍ନ ଷ୍ଟଲ୍ ପରିଭ୍ରମଣ କରିଥିଲେ।

ଅଧ୍ୟାପକ ସମରେନ୍ଦ୍ର ବସା ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବାପରେକେନ୍ଦ୍ରୀୟବିଦ୍ୟାଳୟରଛାତ୍ରଛାତ୍ରୀସ୍ୱାଗତସଙ୍ଗୀତ ପରିବେଷଣ କରିଥିଲେ। ମେଳା କମିଟି ସଭାପତି ପଦ୍ମନାଭ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ଇଂ ମନୋଜ ଦଳବେହେରା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସଦସ୍ୟ ଅଧ୍ୟାପକ ସମରେନ୍ଦ୍ର ବସା ମଞ୍ଚ ଆମନ୍ତ୍ରଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡ. ଶଶୀଧର ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ। ମେଳା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଗୁରୁ କରୁଣାକର ଦାଶଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

କରଞ୍ଜିଆ, ୨୪।୧(ସମିସ): କରଞ୍ଜିଆ ସଙ୍ଗୀତ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ସ୍ୱର୍ଗତ କରୁଣାକରଦାଶଙ୍କଆଜିପ୍ରଥମଶ୍ରାଦ୍ଧବାର୍ଷିକୀମହାବିଦ୍ୟାଳୟପରିସରରେଅନୁଷ୍ଠିତହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ପଦ୍ମଚରଣ ହାଇବ୍ରୁ ଯୋଗଦେଇ କରୁଣାକର ଦାଶଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ବରିଷ୍ଠ ସମାଜସେବୀ ତଥା ପରିଚାଳନା ସମିତି ସଭ୍ୟ ଭୁବନ ସାହୁଙ୍କ ସଭାପତିତ୍ୱରେ କରୁଣାକର ଦଶଙ୍କ ସ୍ମୃତିଚାରଣ ସଭାର ଆୟୋଜନ ହୋଇଥିଲା। ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ଗୋପାଳ ଅଗ୍ରୱାଲ, ଗଜେନ୍ଦ୍ର ସାହୁ, ଏନଏସି ଉପାଧ୍ୟକ୍ଷ ସ୍ୱରୂପ ପରିଜା, କରଞ୍ଜିଆ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ଶରତ ପଟ୍ଟନାୟକ, ଗୁରୁ ରଞ୍ଜନ ନାଥ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସ୍ମୃତିଚାରଣ କରିଥିଲେ। ଓକିଲ ସଂଘର ପୂର୍ବତନ ସଭାପତି ବାଞ୍ଛାନିଧି ପୃଷ୍ଟି ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ବିଧାୟକ ଏହି ଅନୁଷ୍ଠାନକୁ ଏକ ପାନୀୟଜଳ ମେସିନ ପ୍ରଦାନ କରିବାକୁ ଘୋଷଣା କରିଥିଲେ। ଇଞ୍ଜିନିୟର ଦେବୀପ୍ରସାଦ ଦାଶ ଅତ୍ୟାଧୁନିକ କ୍ୟାସିଓ ପ୍ରଦାନ କରିଥିଲେ। ସୁବ୍ରତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଖିଳ ଭାରତୀୟ ଦୁଃଖୀ ସମାଜ ପକ୍ଷରୁ ରକ୍ତଦାନ ଶିବିର

ବାରିପଦା, ୨୪।୧(ସମିସ): ବିଶିଷ୍ଟ ଧର୍ମଗୁରୁ ହୁଜୁର ଛୋଟ ସରକାରଙ୍କ ଜନ୍ମଦିନ ଅବସରରେ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଅଖିଳ ଭାରତୀୟ ଦୁଃଖୀ ସମାଜ ପକ୍ଷରୁ ସୁନଗଡ଼ିଆସ୍ଥ ସେହେନାଇ ମଣ୍ଡପରେ ଶନିବାର ଶିବିର ଆୟୋଜନ କରାଯାଇଥିଲା। ଉକ୍ତ ଶିବିରରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ରକ୍ତ ଅଭାବଜନିତ ସମସ୍ୟା ଦୂର କରିବା ପାଇଁ ଏଭଳି ମହତ ପ୍ରୟାସକୁ ନଗରପାଳ ଶ୍ରୀ ମହାନ୍ତି ପ୍ରଶଂସା କରିଥିଲେ। ରକ୍ତଦାନ ଶିବିରରେ ଅନେକ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ରେଡକ୍ରସ ଆଜୀବନ ସଦସ୍ୟ ଅମର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଅନେକ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ବିଶିଷ୍ଟ ଧର୍ମଗୁରୁ ଛୋଟ ସରକାରଙ୍କ ଜନ୍ମଦିନରେ ଏଭଳି ନିଆରା ପ୍ରୟାସ ପାଇଁ ଆୟୋଜକଙ୍କ ଉଦ୍ୟମକୁ ସମସ୍ତେ ପ୍ରଶଂସା କରିଥିଲେ। ଏମଡି କଲିମ ଆସରଫ, ଅନମ ଅଲ୍ଲୀ ଖାନ, ସେକ ସଲାଉଦ୍ଦିନ, ସେକ ଅଲ୍ଲିମ, ସେକ ଜମାଲୁଦ୍ଦିନ, ଏମଡି ଇରସାଦ, ତାରିକ ଖାନ କାଦିର, ସେକ ଫୟାଜୁଦ୍ଦିନ ଏହମଦ, ଏମଡି ୱାଜିର ଓ ସେକ ଆୟୁବ ପ୍ରମୁଖ ଉକ୍ତ ଶିବିରକୁ ପରିଚାଳନା କରିଥିଲେ।

## କେଜିବିଭିରେ ଜାତୀୟ ବାଳିକା ଦିବସ




ବଡ଼ସାହି, ୨୪।୧(ସମିସ): ବଡ଼ସାହି କେଜିବିଭି ପରିସରରେ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଏହି ଦିବସ ଅବସରରେ ବିଦ୍ୟାଳୟ ଛାତ୍ରୀଙ୍କ ମଧ୍ୟରେ ବାଗ୍ମୀତା, ପ୍ରବନ୍ଧ ଓ ଚିତ୍ରାଙ୍କନକୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଥାନା ଅଧିକାରିଣୀ ସ୍ୱର୍ଣ୍ଣଲତା ମିଞ୍ଜ ଯୋଗଦେଇ ଝିଅ ଓ ପୁଅ ଉଭୟେ ସମାନ। ଆମେ ସଚେତନ ହେଲେ ବାଳିକାଙ୍କ ଉପରେ ହେଉଥିବା ବିଭିନ୍ନ ନିର୍ଯାତନାକୁ ଏଡାଇ ପାରିବା ବୋଲି ମତବ୍ୟକ୍ତ କରିଥିଲେ। ବଡ଼ସାହି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସନକ କୁମାର ଘୋଷ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିବାବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁବର୍ଣ୍ଣା ଜେନା, କେଜିବିଭି ୱାର୍ଡେନ ଯୁଥିକା ପଣ୍ଡା ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଗୀତାଞ୍ଜଳି ଗିରି ପ୍ରମୁଖ ଅତିଥି ଭାବେ ଯୋଗଦେଇ ବାଳିକା ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବାବେଳେ ଉପସ୍ଥିତ ସମସ୍ତ ଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଲଳିତ ମହାନ୍ତି ପରିଚାଳନା କରିଥିଲେ।

---

# ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ତାଲିମ୍ ଶିବିର ଉଦ୍‌ଯାପିତ

ସାରସକଣା, ୨୪।୧(ସମିସ): ଝାରପୋଖରିଆସ୍ଥ ସୀମାନ୍ତ ମହାବିଦ୍ୟାଳୟ +୨ ଜାତୀୟ ସେବା ଯୋଜନା ଯୁଗ୍ମ ଶାଖା ଆନୁକୂଲ୍ୟରେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ସହାୟତାରେ ତିନିଦିନିଆ ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସମେତ ଉଦଳା, ଇନ୍ଦିରା ଗାନ୍ଧୀ, ଖୁଣ୍ଟା, ବେତନଟୀ, ରାଇରଙ୍ଗପୁର, ବାଙ୍ଗିରିପୋଷି, ସାଇ ବିଦ୍ୟାମନ୍ଦିର, ମହାରାଜା ପୂର୍ଣ୍ଣଚନ୍ଦ୍ର, ବାଇ ଗଣବାଡିଆ, ଶରତପାଳ ସମେତ ୧୧ଟି କଲେଜରୁ ୧୦୩ ଜଣ ସ୍ୱେଚ୍ଛାସେବୀ ଓ ୧୦ ଜଣ କାର୍ଯ୍ୟକ୍ରମ ଅଧିକାରୀ ଯୋଗ ଦେଇଥିଲେ। ଅଧ୍ୟକ୍ଷ ପ୍ରହ୍ଲାଦ ଅଗସ୍ତି ପାରମ୍ପରିକ ଭାବେ ପତାକା ଉତ୍ତୋଳନ କରି ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ରାଜା ମହାନ୍ତି ଯୋଗ ଦେଇଥିବାବେଳେ ଅନୀଲ କୁମାର ଝା, ପ୍ରଦ୍ୟୁମ୍ନ କୁମାର ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଶିଶିର ପଟ୍ଟନାୟକ ବିବରଣୀ ପାଠ କରିଥିଲେ।

ପ୍ରଥମ ଅଧିବେଶନରେ ଜାତୀୟ ସେବା ଯୋଜନା ପାଇଁ ରାଷ୍ଟ୍ରପତି ପୁରସ୍କାର ବିଜୟିନୀ ଶରତପାଳ କଲେଜ ଅଧ୍ୟାପିକା ଶ୍ରୀମତୀ ସୁଜାତା ପଟ୍ଟନାୟକ ଜାତୀୟ ସେବା ଯୋଜନାର ମୌଳିକ ଦିଗ



ଉପରେ ଆଲୋଚନା କରିଥିଲେ। ୧୦ଟି ଶିକ୍ଷଣୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଗଣମାଧ୍ୟମ, ସାଇବର, ପରିବେଶ, ପ୍ରାକୃତିକ ବିପର୍ଯ୍ୟୟ, ବର୍ଜ୍ୟବସ୍ତୁ ପରିଚାଳନା, ସଡ଼କ ସୁରକ୍ଷା, ନିଶା ନିବାରଣ, ଯୋଗ, ରକ୍ତଦାନ ଆଦି ବିଷୟରେ ବିଶାରଦମାନେ ଶିକ୍ଷା ପ୍ରଦାନ କରିଥିଲେ। ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ସଂଯୋଜକ ଡଃ ବିଶ୍ୱମୋହନ ଜେନାଙ୍କ ସମେତ ସାମ୍ବାଦିକ କଲ୍ୟାଣ ସିହ୍ନା, ଅମୀୟ କୁମାର ଦ୍ୱାରି, ଡଃ ଶୁଭେନ୍ଦୁ ଶତପଥୀ, ସାଲଖୁ ମୁର୍ମୁ, ଡଃ ସତ୍ୟନାରାୟଣ ସାମଲ, ଡଃ ଧରିତ୍ରୀ ବେହେରା, ଜିଲ୍ଲା ଉପମୁଖ୍ୟ ଚିକିତ୍ସାଧିକାରୀ ଡ. ବିଜୟ କୁମାର ଦାସ, ଜାତୀୟ ଯୁବ ପ୍ରକଳ୍ପ ରାଜ୍ୟ ସଂଯୋଜକ ମଧୁସୂଦନ ଦାସ ବିଶାରଦ ଭାବେ ଯୋଗ ଦେଇଥିଲେ। ଅମୀୟ କୁମାର ଦ୍ୱାରୀ ଓ ଭାରତ ଚନ୍ଦ୍ର ମହାନ୍ତ ଯୋଗ ଅଭ୍ୟାସ କରାଇଥିଲେ।

ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ସାରସକଣା ବିଧାୟକ ଭାଦବ ହାଁସଦା ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ସଫଳ ଶିବିରାର୍ଥୀଙ୍କୁ ପୁରସ୍କାର, ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ପ୍ରହ୍ଲାଦ ଅଗସ୍ତି ଅଧ୍ୟକ୍ଷତା କରିଥିବାବେଳେ ପ୍ରାଧ୍ୟାପକ ରଞ୍ଜନ ମହାନ୍ତି, ଅନୀଲ ଝା, ବିଶ୍ୱଜ୍ୟୋତି ସିଂହ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପିକା ସ୍ୱପ୍ନେଶ୍ୱରୀ ମୁର୍ମୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ନିହାରମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରକୁ +୨ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଶିଶିର ପଟ୍ଟନାୟକ ପରିଚାଳନା କରିଥିଲେ। ନିହାର ମହାନ୍ତ, ସ୍ୱପ୍ନେଶ୍ୱରୀ ମୁର୍ମୁ, ଶରତ ପଡ଼ିଆରି, ଡଃ ପ୍ରାଚିପ୍ରଭା ପଡ଼ିଆରୀ, ଆରତୀ ହୋ ପ୍ରମୁଖ ସହଯୋଗ କରିଥିଲେ।

## ବାଲିଆପାଳରେ ଭିବି- ଜିରାମ୍‌ଜୀ କର୍ମଶାଳା




କାଳିପଦା, ୨୪।୧ (ସମିସ): ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜିବିକା ମିଶନ ଗ୍ରାମୀଣ ଯୋଜନା ମଧ୍ୟରେ ଲୋକମାନଙ୍କୁ ବର୍ଷକୁ ୧୨୫ ଦିନର କାମର ଗ୍ୟାରେଣ୍ଟି ଦେବା ପାଇଁ ବିଜେପି ପକ୍ଷରୁ ଆଜି ବାଲିଆପାଳ ଶୁଭମ ଗେଷ୍ଟ ହାଉସ ପରିସରରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବସ୍ତା, ଭୋଗରାଇ, ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଜେପିର ଅଗ୍ରଣୀ କାର୍ଯ୍ୟକର୍ତ୍ତା ଅଂଶ ଗ୍ରହଣ କରିଥିଲେ। ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବଡ଼ଚଣା ବିଧାୟକ ଅମର ନାୟକ, ସାଙ୍ଗଠନିକ ସଭାପତି ପ୍ରଦୀପ ପଣ୍ଡା, ଯାଜପୁର ଜିଲ୍ଲା ସଭାପତି ଗୌତମ କୁମାର ରାୟ, ଜିଲ୍ଲା ପ୍ରଭାରୀ ଉମାକାନ୍ତ ମହାପାତ୍ର, ସାଧାରଣ ସମ୍ପାଦକ କମଳ ଲୋଚନ ଦାସ, ସାଂସଦ ପ୍ରତିନିଧି ରବୀନ୍ଦ୍ର ନାଥ ଅଣ୍ଡିଆ, ବ୍ରଜମୋହନ ପ୍ରଧାନ, ଆଶିଷ ପାତ୍ର ପ୍ରମୁଖ ଯୋଗ ଦେଇ ଯୋଜନାର ଲୋକ କଲ୍ୟାଣ ଓ ସ୍ଥାୟୀ ଜୀବିକା ସମ୍ପର୍କରେ କହିଥିଲେ। ବିଜେପି ନେତା କୃଷ୍ଣଚନ୍ଦ୍ର ଦତ୍ତ, ଇଂ ଦିବାକର ରାଉତ, ଫରନାଲ ବିଶ୍ୱାଳ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ସଭାପତି ପ୍ରଦୀପ ପଣ୍ଡା କର୍ମଶାଳାରେ ଅଧ୍ୟକ୍ଷତା କରିଥିଲେ।

### ବସ୍ତା ଏନ୍‌ଏସି ଚୂଡାନ୍ତ ବିଜ୍ଞପ୍ତି

## ମହାଦେବସରାଇକୁ ବାଦ ନେଇ ତେଜୁଛି ଅସନ୍ତୋଷ

- ବସ୍ତା ବଜାର ଓ ରେଳ ଷ୍ଟେସନରୁ ଶୂନ୍ କିମି
- ବ୍ଲକ କାର୍ଯ୍ୟାଳୟ ସହିତ ରହିଛି ଏକାଧିକ ସରକାରୀ ଦପ୍ତର

ରାଜଘାଟ, ୨୪।୧ (ସମିସ)

ସମ୍ପ୍ରତି ଓଡ଼ିଶା ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିବା ଏନ୍‌ଏସି ତାଲିକାରେ ବସ୍ତା ବ୍ଲକ ସ୍ଥାନ ପାଇଛି। ଯେଉଥିପାଇଁ ବସ୍ତା ବାସୀ ଆନନ୍ଦିତ ହୋଇଥିଲେ। ମାତ୍ର ଗତ ଡିସେମ୍ବର ୩୧ ତାରିଖରେ ଏହାର ଚୂଡାନ୍ତ ତାଲିକା ପ୍ରକାଶ ପାଇବା ପରେ ଏହି ତାଲିକାରୁ ମହାଦେବସରାଇ ବାଦ ପଡ଼ିବାରୁ ବସ୍ତାରେ ଅସନ୍ତୋଷ ତେଜିବାରେ ଲାଗିଛି। ବସ୍ତା ବ୍ଲକର ୩୧ଟି ପଞ୍ଚାୟତ ମଧ୍ୟରୁ ହେଡ କ୍ୱାର୍ଟର କୁହାଯାଉଥିବା ସଦାନନ୍ଦପୁର ପଞ୍ଚାୟତକୁ ଲାଗିଥିବା ପତ୍ରଝଡ଼ା ପଞ୍ଚାୟତର ଏକ ପ୍ରମୁଖ ଗ୍ରାମ ମହାଦେବସରାଇ। ସଦାନନ୍ଦପୁର ପଞ୍ଚାୟତର ସଦାନନ୍ଦପୁର ଓ ପତ୍ରଝଡ଼ା ପଞ୍ଚାୟତର ମହାଦେବସରାଇ ଗ୍ରାମରେ ବସ୍ତା ବ୍ଲକ ପ୍ରଶାସନର ଅଧିକାଂଶ ସରକାରୀ ଦପ୍ତର ରହିଅଛି, ଏନ୍‌ଏସି ଚୟନ ପ୍ରକ୍ରିୟାରେ ଶିକ୍ଷା କ୍ଷେତ୍ରରେ ବସ୍ତା ବ୍ଲକ ଫେଲ ମାରିଥିବା ବେଳେ ବାଦ ଦିଆଯାଇଥିବା ମହାଦେବସରାଇ ଗ୍ରାମରେ ରହିଛି ଏକ ଆଇଟିଆଇ ଓ ସେଣ୍ଟ ଜାଭିଓର ସ୍କୁଲ। ଏହି ଗ୍ରାମଟି ବସ୍ତା ବଜାର ଓ ବସ୍ତା ରେଳ ଷ୍ଟେସନ ନିକଟରୁ ଶୂନ କିମି ହୋଇଥିବାବେଳେ ଏହି ଗ୍ରାମରେ ରହିଛି ବସ୍ତା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବନ ବିଭାଗ କାର୍ଯ୍ୟାଳୟ, ବ୍ଲକ ପ୍ରାଣୀ ଚିକିତ୍ସାଳୟ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ସରକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ। ଏଥି ସହିତ ଏହି ଗ୍ରାମରେ ଏକ ପେଟ୍ରୋଲ ପମ୍ପ, ଏକ୍ସିସ ବ୍ୟାଙ୍କ, ବିଭିନ୍ନ ଉଦ୍ୟୋଗିକ କାର୍ଯ୍ୟାଳୟ ରହିଥିବା ବେଳେ ପଡୋଶୀ ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ଓ ବେତନଟି ବ୍ଲକ କୁ ସଂଯୋଗ କରୁଥିବା ଦୁଇଟି ମୁଖ୍ୟ ରାସ୍ତା ମଧ୍ୟ ଏହି ଗ୍ରାମ ସହିତ ସଂଲଗ୍ନ। ଏହି ଗ୍ରାମର ଜନ ସଂଖ୍ୟା ମଧ୍ୟ ଉପଯୁକ୍ତ ଅଟେ। ଏତେ ସବୁ ପରେ ମଧ୍ୟ ଏହି ଗ୍ରାମକୁ ଏନଏସି ତାଲିକା ଭୁକ୍ତ କରାନଯିବା ଲୋକ ମାନଙ୍କୁ ବ୍ୟଥିତ କରିଛି। ସେହିପରି ବସ୍ତା ବଜାରରୁ ଦୁଇ କିମି ଦୂରରେ ଥିବା ଗୁଣ୍ଡୁରିସାହି ଗ୍ରାମକୁ ତାଲିକା ଭୁକ୍ତ କରିବା କିଛି ଲୋକଙ୍କୁ ଆଶ୍ଚର୍ଯ୍ୟ ମଧ୍ୟ କରିଛି। ଏହି ଗାଁ ସମ୍ପୂର୍ଣ ରୂପେ ବନ୍ୟା ପ୍ରଭାବିତ ଅଞ୍ଚଳରେ ରହିଥିବା ବେଳେ ବନ୍ୟା ସମୟରେ ଏହି ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଏ। ଏହି ଗ୍ରାମର ଲୋକ ମାନଙ୍କ ନିକଟରେ ଉପଯୁକ୍ତ ସାଧନ ନାହିଁ। ସେହିପରି ଆର୍ଥିକ ଦୃଷ୍ଟିକୋଣରୁ ମଧ୍ୟ ଗ୍ରାମଟି ସେତେ ସ୍ୱଚ୍ଛଳ ନୁହେଁ। ଯଦି ଏଭଳି ଅନୁନ୍ନତ ଗ୍ରାମ ଏନଏସି ତାଲିକା ଭୁକ୍ତ ହୋଇପାରୁଛି ତେବେ ମହାଦେବ ସରାଇ କାହିଁକି ନୁହେଁ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି।

## ମା’ ଦାଣ୍ଡପଶ୍ଚିମା ଯୁବକ ସଂଘର ବାର୍ଷିକ ଉତ୍ସବ



ଖଇରା,୨୪।୧ (ସମିସ): ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧିନ ମାଟିଆଳପଦା ଗାଁରେ ସରସ୍ୱତୀ ପୂଜା ଅବସରରେ ମା’ ଦାଣ୍ଡପଶ୍ଚିମା ଯୁବକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୁବକ ସଂଘର ସଭାପତି ମଧୁସୂଦନ ଜେନାଙ୍କ ସଭାପତିତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟଅତିଥି ଭାବେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ୫ନଂ ଜୋନ ଜିଲ୍ଲାପରିଷଦ ମାନସ ଦାଶ, ପୂର୍ବତନ ଜିଲ୍ଲାପରିଷଦ ସୁଶାନ୍ତ ମହାକୁଡ଼, ଅବସରପ୍ରାପ୍ତ ଅଧ୍ୟାପକ ଅଭୟ କୁମାର ମହାନ୍ତି, ଯୁବକ ସଂଘର ସମ୍ପାଦକ ଅନୀଲ ମହାନ୍ତି ପ୍ରମୁଖ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ। ଯାଜପୁର ଡଲଫିନ୍ ଡ୍ୟାନ୍ସ ଗ୍ରୁପ ଏବଂ ସ୍ଥାନୀୟ ଅଞ୍ଚଳର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଧଉଳି ଗଣନାଟ୍ୟର କଳାକାର ଦୀପ ସାହା ଯୋଗ ଦେଇ ଦର୍ଶକ ମାନଙ୍କୁ ମନୋରଞ୍ଜନ କରିଥିଲେ। ଏହି ଅବସରରେ ଯୁବକ ସଂଘ ଦ୍ୱାରା ଅଞ୍ଚଳର ବୃଦ୍ଧବୃଦ୍ଧାଙ୍କୁ କମଳ ବଣ୍ଟନ କରାଯିବା ସହ ଅଞ୍ଚଳର କାର୍ଯ୍ୟରତ ସାମ୍ବାଦିକ ତପୋଧନ ବାରିକ, ମନୋଜ ପ୍ରଧାନ, ଗଣ୍ଡିବେଡ଼ ମେଡିକାଲର ଫାର୍ମାସିଷ୍ଟ ଚିତ୍ତରଞ୍ଜନ ପୃଷ୍ଟି, ଧଉଳି ଗଣନାଟ୍ୟର ଯାତ୍ରା ଅଭିନେତା ଦୀପ୍ ସାହାଙ୍କ ସମେତ ଅଞ୍ଚଳର ପ୍ରତିଭାଧାରୀଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁଶାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ଯୁବକ ସଂଘର ସଦସ୍ୟ କରୁଣାକର ମହାନ୍ତି, ଅନୀଲ ମହାନ୍ତି, ସରୋଜ ମହାକୁଡ଼, ଚିନ୍ମୟ ବେହେରା, ଅଲେଖ ପ୍ରଶାଦ ବେହେରା, ଫିରୋଜ କୁମାର ମହାକୁଡ଼, ଫିରୋଜ ଜେନା, ଜନ୍ମେଜୟ ମହାକୁଡ଼, ଦିଗବିଜୟ ମହାକୁଡ଼, ବିରେନ୍ଦ୍ର ବେହେରା, ମାନସ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ବିଧାୟକଙ୍କ ଦ୍ୱାରା ଏକ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ବାଲିଆପାଳ/କାଳିପଦା, ୨୪।୧ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାମକୁଣ୍ଡା ପଞ୍ଚାୟତ ଜାମକୁଣ୍ଡା ଲକ ମାର୍କେଟରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗଦାଧର ବିହାରରେ ସପ୍ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଉଦ୍‌ଘାଟକ ଭାବେ ବିଦ୍ୟା ମନ୍ଦିରର ପ୍ରତିଷ୍ଠାତା ପଞ୍ଚାନନ ନାୟକ ଉଦ୍‌ଘାଟନ କରିଥିଲେ। ନବୀନ କୁମାର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଏବିଇଓ ନମିତା ସାମିଲ, ସମ୍ମାନିତ ଅତିଥି ଭାବେ ବଂଶୀଧର ଜେନା, ପ୍ରଶାନ୍ତ କୁମାର ଦେ, ନିରଞ୍ଜନ ଘଡାଇ, ଜାମକୁଣ୍ଡା ସରପଞ୍ଚଙ୍କ ପ୍ରତିନିଧି ଜଗନ୍ନାଥ ମାହାନା, ଗୈରାଙ୍ଗ ଦାସ ପ୍ରମୁଖ ଉପସ୍ଥିତ ହୋଇ ପିଲାମାନଙ୍କୁ ବହୁ ଶିକ୍ଷଣୀୟ ବାର୍ତ୍ତା ଦେଇଥିଲେ। ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନ ଏବଂ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ରହି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରାଇଥିଲେ।

## ଓଲମରା ହାଇସ୍କୁଲର ବାର୍ଷିକ ଉତ୍ସବ



ଜଳେଶ୍ୱର ବ୍ଲକ,୨୪।୧(ସମିସ): ସରକାରୀ ଉଚ୍ଚ ବିଦ୍ୟାଳୟ ଓଲମରାର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମଙ୍ଗଳ ମାରାଣ୍ଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାର୍ଷିକ ଉତ୍ସବ ପାଳିତ ହୋଇଛି। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତାପସ ଦତ୍ତ, ମୋଦିନା ବିବି, ପ୍ରଜାପତି ଘଡେଇ, ଶ୍ରିବାସ ବେହେରା, ଆରତି ସେନ, ଗୌରାଙ୍ଗ ଦେହୁରୀ, ଶୈଳାବିନି ଅଧିକାରୀ, ସାବିତ୍ରୀ ଦାସ, ବିଦ୍ୟାଳୟ ଆଲୁମିନି କମିଟିର ସଦସ୍ୟ ଯତୀନ୍ଦ୍ରନାଥ ମହାନ୍ତି, ପ୍ରକାଶ ଚନ୍ଦ୍ର ଗୋସ୍ୱାମୀ, ମୋତିଲାଲ ଅଧିକାରୀ, ପ୍ରଭାକର ଚାନ୍ଦ, ଗୌରାଙ୍ଗ ମହାନ୍ତି, ଅଚିତ ନାରାୟଣ ଜେନା, ଯହରଲାଲ ଅଧିକାରୀ ସହିତ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଚନ୍ଦ୍ରମୋହନ କାପୁଡି, ହିମାଂଶୁ ଶେଖର ପଣ୍ଡା, ଅବସରପାପ୍ତ ଅଧାପିକା ମମତା ଜେନା ଏବଂ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତଥା ହରେନ୍ଦ୍ର ମହାନ୍ତ ଉପସ୍ଥିତ ଥିଲେ। କଳା ଶିକ୍ଷକ ଶୁଭମ୍ ନାୟକ ଓ ଅଣଶୈକ୍ଷିକ କର୍ମଚାରୀ ମନୋରଞ୍ଜନ ବେହେରା ଓ ବିଶ୍ୱଜିତ ଦାସଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ନାରାୟଣ ପାଇକରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏବଂ କାର୍ଯ୍ୟକ୍ରମ ଶେଷରେ ବିଶେଶ୍ୱର ଘଡେଇ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ପରେ ନାରାୟଣ ପାଇକରାୟଙ୍କ ଲିଖିତ ବର୍ତ୍ତମାନର ଶିକ୍ଷା, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସମସ୍ୟାକୁ ନେଇ କ୍ଷୁଦ୍ର ନାଟକ ‘ବୁଢ଼ା ମାଷ୍ଟର’ ମଞ୍ଚସ୍ଥ ହୋଇଥିଲା।

## ଶେଖସରାଇରେ ସାଂସ୍କୃତିକ କାର୍ଯ୍ୟକ୍ରମ ‘ପ୍ରୟାସ’ ଉଦ୍‌ଘାଟିତ




ଜଳେଶ୍ୱର,୨୪।୧(ସମିସ) : ଜଳେଶ୍ୱର ବ୍ଲକ ଶେଖସରାଇ ଠାରେ ମା ବାଶୁଳି କ୍ରୀଡା ଓ ସାଂସ୍କୃତିକ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ପ୍ରୟାସ ୨୬ତମ ସଂସ୍କରଣ ଉତ୍ସବ ଉଦଘାଟିତ ହୋଇଛି। ଶେଖସରାଇ ଖେଳ ପଡ଼ିଆ ଠାରେ ୪ ଦିନି ବ୍ୟାପି ହେବାକୁ ଥିବା ଉତ୍ସବକୁ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚୋରଣ ଘୋଷ ଉଦଘାଟନ କରିଥିଲେ। ସଂଗଠନର ସମ୍ପାଦକ ମାୟାଧର ଦାସ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟବକ୍ତା ଭାବେ ସମାଜସେବୀ ଦିଲ୍ଲୀପ ପରିଡ଼ା, ମୁଖ୍ୟଅତିଥି ଭାବେ ସରପଞ୍ଚ ଅରୁଣ ସେନାପତି, ସମ୍ମାନିତ ଅତିଥି ଭାବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ନବକୁମାର ଦାସ, ଗ୍ରାମ୍ୟମୁଖ୍ୟ ସୁବଳ ଚନ୍ଦ୍ର ସାହୁ ଉପସ୍ଥିତ ହୋଇ ମତ ପ୍ରକାଶ କରିଥିଲେ। ମଞ୍ଚ ଆହ୍ୱାନ ପୁଷ୍ପେନ୍ଦୁ ମାଇତି କରିଥିଲା ବେଳେ ତପସ୍ୱିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଗ୍ରାମ ଦେବତୀ ମାଁ ବାସୁଳୀଙ୍କ ନିକଟରୁ ଅଗ୍ନି ମଶାଲ ଆଣି ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଗ୍ରାମବାସୀ ଉତ୍ସବ ସ୍ଥଳରେ ପହଞ୍ଚିଥିଲେ। ପରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ନବକୁମାର ଦାସ ଏବଂ ସଂଗଠନର ସଭାପତି ହରିପଦ ମାନ୍ନା ସଙ୍ଘର ପତାକାକୁ ଉତ୍ତୋଳନ କରି ପଞ୍ଚାୟତ ସ୍ତରୀୟ ସ୍ୱାସ୍ଥ୍ୟ ଶିବିର, ମାଗଣା ଚକ୍ଷୁ ଶିବିରକୁ ଉଦଘାଟିତ କରି ଗ୍ରାମର ବିକାଶ ହେଲେ ଦେଶର ଶକ୍ତିଶାଳୀ ହେବ ବୋଲି ମତ ପ୍ରକାଶ କରିଥିଲେ। ସଂଘ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ଲକ୍ଷ୍ମୀଧର ବାରିକ୍ ପ୍ରମୁଖ ବହୁ ଅତିଥି ଯୋଗ ଦେଇଥିଲେ। ରକ୍ତଦାନ ଶିବିରରେ ୩୨ ୟୁନିଟ ରକ୍ତ ସଂଗୃହୀତ କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ସଂଘ ପକ୍ଷରୁ ଖକନ ଜେନା, ଦୁର୍ଗାପଦ ମାଇତି, ହିମାଂଶୁ ମହାନ୍ତି, ଅଭିମନ୍ୟୁ ସାହୁ, ଚନ୍ଦନ ମାନା ପ୍ରମୁଖ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଆରୁହାବୃତ୍ତି-୧ ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ



କମର୍ଦ୍ଦା, ୨୪।୧ (ସମିସ): ଆରୁହାବୃତ୍ତି-୧ ନୋଡାଲ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବାର୍ଷିକ ଉତ୍ସବକୁ ବିଦ୍ୟାଳୟର ଭୂମିଦାତା ବେଦବ୍ୟାସ ଦାସଙ୍କ ଧର୍ମପତ୍ନୀ ଜାନକୀ ବାଳା ଦାସ ଉଦଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଭୋଗରାଇ ପ୍ରାଥମିକ ଶିକ୍ଷକ ସଙ୍ଘର ସଭାପତି ବଂଶୀଧର ମାଝି ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷା ଓ ସଂସ୍କୃତି ସୁରକ୍ଷା ପରିଷଦର ପ୍ରତିଷ୍ଠାତା- ସମ୍ପାଦକ ରାଜକିଶୋର ଜେନା ଯୋଗ ଦେଇ ଅସୁମାରୀ ସମ୍ଭାବନା ମୟ ବାଲ୍ୟଜୀବନ ଗଠନ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚନ୍ଦନ କୁମାର ଗିରି, ଆରୁହାବୃତ୍ତି ସରପଞ୍ଚ ଗୀତାରାଣୀ ଜେନା, ପଞ୍ଚାୟତ ସମିତି ସଦସ୍ୟା ଅଞ୍ଜଳି ଜେନା, ଦହମୁଣ୍ଡା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ପ୍ରଦୀପ କୁମାର ଟୁଡୁ, ମନୁନଗର ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ କାହ୍ନୁ ଚରଣ ବେହେରା, ପୂର୍ବତନ ସିଆରସିସି ଆଦର୍ଶ ଶିକ୍ଷକ ପବନ କୁମାର ବେହେରା ବକ୍ତବ୍ୟ ଦେଇଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା।

## ୩୦ରୁ ଜଳେଶ୍ୱର ମହୋତ୍ସବ

ଜଳେଶ୍ୱର, ୨୪।୧ (ସମିସ): ଉତ୍ତର ବାଲେଶ୍ୱରର ସାହିତ୍ୟ, ସଂସ୍କୃତି, ଶାନ୍ତି, ପ୍ରଗତି ଓ ମୈତ୍ରିର ପ୍ରତୀକ “ଜଳେଶ୍ୱର ମହୋତ୍ସବ’ ଆସନ୍ତା ୩୦ ତାରିଖରୁ ହେବବୋଲି ମହୋତ୍ସବ କମିଟି ପକ୍ଷରୁ ଆଜି ଅପରାହ୍ନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। କମିଟିର ସଭାପତି ସମୀର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂପାଦକ ସୁଶାନ୍ତ ଦାସ, ପୂର୍ବତନ ସମାଜସେବୀ ସଭାପତି ଦିଲ୍ଲିପ ଗିରି, ବରିଷ୍ଠ ଆଇନ୍‌ଜିବୀ ସତ୍ୟସୁନ୍ଦର ଦାସ, ଜିତାଂଶୁ ନନ୍ଦୀ, ଶିକ୍ଷାବିତ୍ ଡ. ଅଜିତ୍ କୁମାର ମହାନ୍ତି, ଇଂ ରାମଚନ୍ଦ୍ର ସାହୁ, ସୁବ୍ରତ ରଣା ପ୍ରମୁଖ ଯୋଗଦେଇ ଏ ବର୍ଷ ଜାନୁଆରୀ ୩୦ରୁ ଫେବୃଆରୀ ୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ମେଳାର ୨୧ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ। ଉଦ୍‌ଘାଟନ ଦିନ ଏସ୍‌ଡିପିଓ ସୁବ୍ରତ ବେହେରାଙ୍କ ଦ୍ୱାରା ତାରିଣୀ ମନ୍ଦିରଠାରୁ ଗଣ ଦୌଡର ଶୁଭାରମ୍ଭ ହେବାକୁ ଥିବା ବେଳେ ଅପରାହ୍ନରେ କାଳୀମନ୍ଦିରଠାରୁ ଏକ ବିଭିନ୍ନ ପାରମ୍ପରିକ ବାଦ୍ୟ ଦ୍ୱାରା ସୁସଜ୍ଜିତ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ମେଳାପଡିଆ ପର୍ଯ୍ୟନ୍ତ ଆସିବ ବୋଲି କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଗୋବିନ୍ଦ ସାହୁ, ସିଦ୍ଧାର୍ଥଶଙ୍କର ପାଳ, ମଧୁସୂଦନ ସେନାପତି, ଗୌରଭ ଦାସ, ଗୋପାଳ ଚନ୍ଦ୍ର ସାହୁ, ବଳରାମ ସାହୁ, ଅଭିଜିତ୍ କରଣ, ଜୟସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମେଳା ପଡିଆରେ ପ୍ରତିବର୍ଷ ପରି ଚଳିତବର୍ଷ ୬୦ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଧାରଣତନ୍ତ୍ର ଦିବସ ପାଳନ, ପ୍ୟାରେଡ ଓ ପ୍ରଜ୍ଞାପନ ଇତ୍ୟାଦି ଅନୁଷ୍ଠିତ ହେବା ସହିତ ମେଳାର ଶେଷ ଦିନ ୧୦ ହଜାରରୁ ଅଧିକ ଲୋକଙ୍କ ପ୍ରସାଦ ହେବ ବୋଲି ସୂଚନା ଦିଆଯାଇଥିଲା।

## ଆଶାକର୍ମୀଙ୍କ ଶ୍ରାଦ୍ଧବାର୍ଷିକୀରେ କମ୍ବଳ ବଣ୍ଟନ

ଚନ୍ଦନେଶ୍ୱର, ୨୪।୧ (ସମିସ) : ଭୋଗରାଇ ବ୍ଲକ କାନ୍ଥଭଉଁରୀ ପଞ୍ଚାୟତ ଅନ୍ତର୍ଗତ ବିଚିତ୍ରପୁର ଗ୍ରାମର ଜଣେ ଆଦର୍ଶ ଆଶାକର୍ମୀ ରସାନନ୍ଦ ପ୍ରଧାନଙ୍କ ସ୍ତ୍ରୀ ଭାରତୀ ପ୍ରଧାନଙ୍କ ପ୍ରଥମବାର୍ଷିକ ଶ୍ରାଦ୍ଧ ଦିବସରେ କମ୍ବଳ ବଣ୍ଟନ କରାଯାଇଛି। ସେ ଗତବର୍ଷ ବସନ୍ତ ପଞ୍ଚମୀରେ କର୍କଟ ରୋଗରେ ପୀଡ଼ିତ ଥାଇ ସ୍ୱର୍ଗାରୋହଣ କରିଥିଲେ। ସେ ଜିବୀତ ଥିବା ସମୟରେ ଦୀନଦୁଃଖି ଓ ଦରିଦ୍ର ନାରାୟଣଙ୍କ ସେବା ପାଇଁ ଗୁରୁତ୍ୱ ଦେଇ ଆସୁଥିଲେ ବୋଲି ତାଙ୍କର ଦୁଇପୁଅ ପ୍ରକାଶ କରିଛନ୍ତି। ସେଥିପାଇଁ ତାଙ୍କ ପରିବାର ତରଫରୁ ପୁଅ ରାଜେଶ, ରାକେଶ, ବୋହୂ ସୁପ୍ରଭା, କବିତା, ଝିଅ ମଧୁସ୍ମିତା, ଜୁଆଇଁ ମନୋରଞ୍ଜନ ଓ ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଉପସ୍ଥିତ ରହି ଅନ୍ନ ମହୋତ୍ସବ ସହିତ ୨ଶହରୁ ଉଶହର କମ୍ବଳ ବଣ୍ଟନ କରିଥିଲେ।

## ବିଭୂତି ଭୂଷଣ ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ



ଜଳେଶ୍ୱର ବ୍ଲକ, ୨୪।୧(ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଚମାରଗାଁ ପଞ୍ଚାୟତ ଭଣ୍ଡାରୀପଲ୍ଲୀ ଗାଁର ବିଭୂତି ଭୂଷଣ ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହେଇଯାଇଛି। ଉତ୍ସବର ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଣି ଜ୍ୟୋସ୍ନାରାଣୀ ପ୍ରଧାନ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ ଯୋଗେଶ ଚନ୍ଦ୍ର ରାଉଳ, ସମ୍ମାନିତ ଅତିଥି ଚାଫଲା ସିଆରସିସି ମାନସ କୁମାର ଦାସ, ବିଦ୍ୟାଳୟପରିଚାଳନା କମିଟିର ସଭାପତି ଦିନେଶ ଚନ୍ଦ୍ର ଦାସ ଯୋଗଦେଇଥିବା ବେଳେ ସନ୍ଧ୍ୟା ୬ଘଟିକାରେ ଆରମ୍ଭ ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ସିଆରସିସି ମାନସ କୁମାର ଦାସ, ମୁଖ୍ୟବକ୍ତା ଅଧ୍ୟାପକ କେଦାର ନାଥ ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସିଆରସିସି ବିଦ୍ୟାଧର ପାଢ଼ୀ ଓ ଶିକ୍ଷକ ବୃନ୍ଦାବନ ବେହେରା ଯୋଗ ଦେଇଥିଲେ। ଉଭୟ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଦନ ମୋହନ ମୁର୍ମୁ ସଭାପତିତ୍ୱ କରିଥିବାବେଳେ ମଞ୍ଚ ଆହ୍ୱାନ କରିଥିଲେ ଶିକ୍ଷକ ସଂଚୟ ବିହାରି ପ୍ରଧାନ। ଏହି ମଞ୍ଚରେ ଅବସରପ୍ରାପ୍ତ ସିଆରସିସି ବିଦ୍ୟାଧର ପାଢ଼ୀ, ସିଆରସିସି ମାନସ କୁମାର ଦାସ, ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦାବନ ବେହେରାଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ୩୧ଟି ବିଭାଗରେ ସଫଳତା ହାସଲ କରିଥିବା କୃତି ପ୍ରତିଯୋଗୀଙ୍କୁ ଉପସ୍ଥିତ ଅତିଥି ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ, ଦେବଯାନୀ ଦାସ, ମନୋରମା କେରକେଟା, ପ୍ରିୟବ୍ରତ ଦାସ ସହଯୋଗ କରିଥିଲେ। ବିଦ୍ୟାଳୟର ଶିକ୍ଷକ କନିଷ୍କ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଖିଳ ଭାରତୀୟ ଦୁଃଖି ସମାଜ ତରଫରୁ ରକ୍ତଦାନ ଶିବିର



ଜଳେଶ୍ୱର, ୨୪।୧ (ସମିସ): ଅଖିଳ ଭାରତୀୟ ଦୁଃଖି ସମାଜ, ଜଳେଶ୍ୱର ତରଫରୁ ହୁଜୋର ଛୋଟେ ସରକାରଙ୍କ ଜନ୍ମ ଦିବସ ଉପଲକ୍ଷେ ଜଳେଶ୍ୱର ଝାଡେଶ୍ୱରପୁର ସ୍ଥିତ ଏକ ନମ୍ବର ତାଜିଆ ଇମାମବଡା ପଡିଆ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜଳେଶ୍ୱର ଆଇଆଇସି ଅଶୋକ କୁମାର ବାରିକ, ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ମୀର ରେହେମାନ ଅଲ୍ଲୀ, ସେକ ଅବଦୁଲ ରହିମ ପ୍ରମୁଖ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। କମିଟିର ସଦସ୍ୟ ଜାଭେଦ ଖାନ, ଅବଦୁଲ ମାଜିଦ୍, ମମତାଜ ଖାନ, ସେଖ ହୁସେନ, ମୀର ଅନସାର ଅଲ୍ଲୀ, ମୀର ଇମରାନ ଅଲ୍ଲୀ, ସେଖ ୟୁସୁଫ, ସାହିଲ ଖାନ, ସେଖ ସରଜୁ, ରୌସିନ ଖାତୁନ, ମରଜିନା ବିବି ପ୍ରମୁଖ ଯୋଗଦେଇ ଶିବିରକୁ ପରିଚାଳନା କରିଥିବାବେଳେ ଜିଲ୍ଲା ରକ୍ତ ଭଣ୍ଡାରର ଡ. ବାସନ୍ତୀ ଉପାଧ୍ୟାୟ, ଦେବାଶିଷ ଦତ, ଅରୁସୀ ଦ୍ୱିବେଦୀ, ଅନନ୍ଦ ଉପାଧ୍ୟାୟ ପ୍ରମୁଖ ରକ୍ତ ସଂଗ୍ରହ କାର୍ଯ୍ୟ ପରଚାଳନା କରିଥିଲେ। ଏହି ଶିବିରରେ ମୋଟ ୧୧୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

### ଏଫଏଫଟିଏ ଚାମ୍ପିୟନ୍ସ ଟ୍ରଫି

## ରେମୁଣା କ୍ଲବ ଚାମ୍ପିଅନ, ଭଦ୍ରକ ରନର୍ସଅପ୍

ରୂପସା, ୨୪।୧ (ସମିସ)



ସଦର ବ୍ଲକ ଅନ୍ତର୍ଗତ ବାହାବଳପୁର ୟଙ୍ଗଷ୍ଟାର କ୍ଲବ ଆନୁକୂଲ୍ୟରେ ଫିସାରୀ ପଡିଆରେ ଆୟୋଜିତ ଏଫଏଫଟିଏ କ୍ରିକେଟ ଚାମ୍ପିୟନ୍ସ ଟ୍ରଫିର ଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଯାଇଛି। ରେମୁଣା ଫ୍ରେଣ୍ଡସ କ୍ଲବ ଏବଂ ଭଦ୍ରକ ଏମଟିସିଟି କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚରେ ଭଦ୍ରକ କ୍ଲବକୁ ୨୬ ରନରେ ପରାସ୍ତ କରି ରେମୁଣା କ୍ଲବ ଚଳିତ ବର୍ଷ ଚାମ୍ପିଅନ ହୋଇଛି । ରେମୁଣା କ୍ଲବ ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ଦଳ ୧୫୬ ରନ ସଂଗ୍ରହ କରି ଅଲଆଉଟ ହୋଇଥିଲେ। ବ୍ୟାଟ୍ସ ମ୍ୟାନ ତାପସ ରାଉତ ସର୍ବାଧିକ ୫୨ ରନ କରିଥିଲେ। ଜବାବରେ ଭଦ୍ରକ ଦଳ ୧୩୦ ରନ କରି ଅଲ ଆଉଟ ହୋଇଯାଇଥିଲେ। ରେମୁଣାର ବୋଲର ଭିକି ମହାନ୍ତା ଓ ପ୍ରୀତମ ସିଂ ସର୍ବାଧିକ ୩ଟି ଲେଖାଏଁ ଉଇକେଟ ନେଇଥିଲେ। ଅଲରାଉଣ୍ଡର ଆକ୍ରମ ଖାନ ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀ ସଂଘ ସଭାପତି ବିକାଶ ଦାସଙ୍କ ସଭାପତିତ୍ୱ କରିଥିଲେ। କ୍ଲବ ସଭାପତି ଲକ୍ଷ୍ମୀକାନ୍ତ ବେରା ସ୍ୱାଗତ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ସମାଜସେବୀ ବିଜୟାନନ୍ଦ ସ୍ୱାଇଁ, ମୁଖ୍ୟବକ୍ତା ସାମ୍ବାଦିକ ବାଞ୍ଛାନିଧି ଦେ ସମ୍ମାନିତ ଅତିଥି ସରପଞ୍ଚ ପ୍ରବୀର କୁମାର ସାହୁ, ମତ୍ସ୍ୟଜୀବୀ ସଙ୍ଘ ସମ୍ପାଦକ ଗୋରାଚାନ୍ଦ ଜେନା ପ୍ରମୁଖ ଯୋଗ ଦେଇ ଚାମ୍ପିୟନ ଟିମ୍‌କୁ ନଗଦ ୧୫ ହଜାର ଓ ରନର୍ସ ଅପ ଟିମକୁ ୧୨ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଅମ୍ପାୟାର ସପନ ବର୍ମନ ଓ ସୁଜୟ ଦାସ ମ୍ୟାଚ ପରିଚାଳନା କରିଥିଲେ। ସଞ୍ଜୟ ମଣ୍ଡଳ ଓ ପାର୍ଥ ଦାସ ସ୍କୋରିଂ ଦାୟିତ୍ୱରେ ଥିଲେ। ପ୍ରେମଚାନ୍ଦ ପରିଡା, ସଞ୍ଜୀବ ମଣ୍ଡଳ ଓ କମଳାକାନ୍ତ ମଣ୍ଡଳ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବ ସମ୍ପାଦକ ଅରବିନ୍ଦ ଜେନା, କ୍ରୀଡା ସମ୍ପାଦକ ବିବେକ ଦାସ, ଗୌତମ ଦାସ, ଶ୍ରୀମନ୍ତ ମାନ୍ନା, ମନୋଜ ମାଇତି, ମନୋଜ ସାହୁ, ଗୁଣଦେବ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ରେମୁଣା ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟା



ରେମୁଣା, ୨୪।୧(ସମିସ): ରେମୁଣା ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ରେମୁଣା ମନ୍ଦିର ଛକରୁ ଆରମ୍ଭ କରି ରେମୁଣା ମହୋତ୍ସବ ପଡିଆ ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯାଇଥିଲା। ଏହି ଶୋଭାଯାତ୍ରାକୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଉଦ୍‌ଘାଟନ କରିଥିଲେ। ଡିଆଇଜି ପିନାକ ମିଶ୍ର ମୁଖ୍ୟଅତିଥି, ପ୍ରଫେସର ସୁର୍ଜେନ୍ଦୁ କୁମାର ଦେ ମୁଖ୍ୟବକ୍ତା, ଆଶିଷ ଏ ଗୁପ୍ତା ଅଭିଭାଷଣ ରଖିଥିଲେ। ପ୍ରଦୀପ୍ତ ପଣ୍ଡା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବିଶ୍ୱମ୍ବର ପଟ୍ଟନାୟକ ସଭାପତି ଏବଂ ସମ୍ପାଦକ ସନ୍ତୋଷ କୁମାର ରଣା ଉପସ୍ଥିତ ରହି ସହଯୋଗ କରିଥିଲେ।

# ଶିମିଳିପାଳରେ ରାତ୍ର ରହଣୀ ଓ ଭ୍ରମଣ କରିବେ ରାଷ୍ଟ୍ରପତି



ବାରିପଦା, ୨୪।୧(ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫେବୃଆରୀ ୨ରୁ ୭ ତାରିଖ ପର୍ଯ୍ୟନ୍ତ ଛଅଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ସମୟରେ ସେ ପ୍ରସିଦ୍ଧ ଶିମିଳିପାଳ ଜାତୀୟ ଉଦ୍ୟାନରେ ରାତ୍ର ରହଣୀ ସହିତ ଭ୍ରମଣ କରିବେ। ଯାହାକି ରାଷ୍ଟ୍ରପତିଙ୍କ ଜନ୍ମଭୂମି ଓଡ଼ିଶା ସହିତ ତାଙ୍କର ଗଭୀର ସମ୍ପର୍କକୁ ଆହୁରି ଦୃଢ଼ କରିବ।

ସରକାରୀ ଘୋଷଣା ଅନୁଯାୟୀ, ରାଷ୍ଟ୍ରପତି ମୁର୍ମୁ ଫେବୃଆରୀ ୫ ତାରିଖ ଅପରାହ୍ନରେ ରାଇରଙ୍ଗପୁର କାର୍ଯ୍ୟକ୍ରମ ପରେ ଶିମିଳିପାଳରେ ପହଞ୍ଚିବେ। ସେଠାରେ ରାତ୍ରଯାପନ ସହିତ ବନବାସୀ ସମ୍ପ୍ରଦାୟଙ୍କ ସହିତ ସମ୍ପର୍କ ସ୍ଥାପନ କରିବେ। ଫେବୃଆରୀ ୬ ତାରିଖ ସକାଳେ ଶିମିଳିପାଳର ଆଦିବାସୀ ମହିଳା ଓ ଯୁବକଙ୍କ ସହିତ ଆଲୋଚନା କରିବେ। ଯାହା ସଶକ୍ତୀକରଣ, ଶିକ୍ଷା ଓ ସ୍ଥାୟୀ ଉନ୍ନୟନ ଉପରେ କେନ୍ଦ୍ରିତ ହେବ। ପରେ ସେ ଭୁବନେଶ୍ୱର ଫେରିବେ ଓ ବ୍ଲାକ୍ ସ୍ୱାନ୍ ସମିଟ୍‌ରେ ମୁଖ୍ୟଅତିଥି ଭାବେ ଯୋଗଦେବେ। ଶିମିଳିପାଳ ଏକ ୟୁନେସ୍କୋ ବାୟୋସ୍ଫିୟର୍ ରିଜର୍ଭ ଓ ଭାରତର ସବୁଠାରୁ ବଡ଼ ବାଘ ଅଭୟାରଣ୍ୟ ମଧ୍ୟରୁ ଗୋଟିଏ। ୨,୭୫୦ ବର୍ଗ କିଲୋମିଟର ବ୍ୟାପ୍ତ। ଏହା ବିରଳ କଳା ବାଘ, ହାତୀ ଓ ୧୦୪ରୁ ଅଧିକ ପ୍ରକାରର ଅର୍କିଡ୍ ପାଇଁ ପ୍ରସିଦ୍ଧ। ରାଷ୍ଟ୍ରପତିଙ୍କ ଭ୍ରମଣରେ ବନ୍ୟପ୍ରାଣୀ ସଂରକ୍ଷଣ ସମସ୍ୟା ଦୂର କରିବ। ଏହା ରାଷ୍ଟ୍ରପତିଙ୍କ ପ୍ରଥମ ଶିମିଳିପାଳ ଭ୍ରମଣ ନୁହେଁ। ୨୦୨୩ ମେ ମାସରେ ସେ ପ୍ରଥମ ଭାରତୀୟ ରାଷ୍ଟ୍ରପତି ଭାବେ ଏଠାରେ ରାତ୍ରୀଯାପନ ସହିତ ଭ୍ରମଣ କରିଥିଲେ। ଯେଉଁଥିରେ ସଫାରି ଓ ବନ ଅଧିକାରୀଙ୍କ ସହିତ ଆଲୋଚନା ହୋଇଥିଲା। ରାଜ୍ୟ ପ୍ରଶାସନ, ମୁଖ୍ୟ ସଚିବଙ୍କ ନେତୃତ୍ୱରେ ସୁରକ୍ଷା ଓ ଲଜିଷ୍ଟିକ୍ସ ପାଇଁ ପୂର୍ଣ୍ଣ ବ୍ୟବସ୍ଥା ସମ୍ପନ୍ନ ହୋଇଛି। ରାଷ୍ଟ୍ରପତିଙ୍କ ଯାତ୍ରାକ୍ରମରେ ଯାଜପୁର ଓ ପୁରୀରେ ମନ୍ଦିର ଦର୍ଶନ, ବାଲେଶ୍ୱର ଓ ଜନ୍ମମାଟି ରାଇରଙ୍ଗପୁରରେ ବିଭିନ୍ନ କାର୍ଯ୍ୟକ୍ରମ ରହିଛି।

# ଭାଲୁ ଆକ୍ରମଣରେ ଯୁବତୀ ଗୁରୁତର

ଉଦଳା,୨୪।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ବନାଞ୍ଚଳ କଇଁସାରି ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ଯୁବତୀ ଘର ପାଖ ବିଲକୁ କାଠ ଆଣିବାକୁ ଯାଇଥିବାବେଳେ ଭାଲୁ



ଆକ୍ରମଣର ଶିକାର ହୋଇଛନ୍ତି। ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି ଯୁବତୀ। ଉଦଳା ବନାଞ୍ଚଳ କଇଁସାରି ବାବୁସାହିରେ ଘଟିଛି ଏଭଳି ଘଟଣା। ଗ୍ରାମର ରାଇମାତ ସୋରେନ ଘର ପାଖ ବିଲ ନିକଟକୁ କାଠ ଆଣିବାକୁ ଯାଇଥିଲେ। ଏହି ସମୟରେ ଦୁଇଟି ଭାଲୁ ଅଚାନକ ତାଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ରାଇମାତ ଗୁରୁତର ହୋଇଥିବାବେଳେ ତାଙ୍କ ବାମ ହାତ ଗଭୀର ଭାବେ କ୍ଷତ ହୋଇଛି। ଭାଲୁ ଆକ୍ରମଣରେ ଗୁରୁତର ହୋଇ ସେ ଚିତ୍କାର କରିବାରୁ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରିଛନ୍ତି। ସେପଟେ ଭାଲୁ ଉପରେ ବନ ବିଭାଗ ନଜର ରଖିଛି।

# ଆଗ୍ରିଆ ମହୋତ୍ସବ ଉଦ୍‌ଘାଟିତ

ବେତନଟୀ, ୨୪।୧(ସମିସ):



ବେତନଟୀ ବ୍ଲକ୍ ଅଧୀନ ଆଗ୍ରିଆଠାରେ ବୀଣାପାଣି ଯୁବକ ସଂଘ ପକ୍ଷରୁ ଆୟୋଜିତ ୨୩ତମ ଆଗ୍ରିଆ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏହି ମହୋତ୍ସବକୁ ବଡ଼ସାହି ବିଧାୟକ ସନାତନ ବିଜୁଳି ଉଦ୍‌ଘାଟନ କରି ଆଗ୍ରିଆ ମାଟି ହେଉଛି କଳା ଓ ସଂସ୍କୃତିର ମାଟି। ଯଦ୍ୱାରା ମୟୂରଭଞ୍ଜରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ବୋଲି କହିଥିଲେ। ବୀଣାପାଣି ଯୁବକ ସଂଘର ସଭାପତି ଶିବ ନାରାୟଣ ଘୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସମାଜସେବୀ ଦେବେନ୍ଦ୍ର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଆଗ୍ରିଆ ପଞ୍ଚାୟତ ସରପଞ୍ଚ ମିନତୀ ସିଂ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଞ୍ଜନ ରାଉତ, ସଂଘର ସମ୍ପାଦକ ଜୀବନ କୁମାର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଯୁବ ସାମ୍ବାଦିକ ସତ୍ୟପ୍ରକାଶ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏ ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କେତେକ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମଦ ତିଆରିର କୁଟୀର ଶିଳ୍ପରେ ପରିଣତ ହେଲାଣି ପାଟଣା ଅଞ୍ଚଳ

ଦୁରୁମୁଙ୍ଗା,୨୪।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଅବକାରୀ ଥାନା ଅଞ୍ଚଳରେ ଏବେ ମହୁଲି ମଦ ତିଆରି ଏକ ପ୍ରକାର କୁଟୀର ଶିଳ୍ପରେ ପରିଣତ ହୋଇଛି। ଅବକାରୀ ବିଭାଗର ନିଷ୍କ୍ରିୟତା



ଯୋଗୁଁ ପାଟଣା ଓ ସାହାରପଡ଼ା ବ୍ଲକର ବିଭିନ୍ନ ଗ୍ରାମରେ ଥିବା ନଦୀକୂଳ ଏବଂ ଜଙ୍ଗଲରେ ମହୁଲକୁ ପଚାଇବା ମହୁଲି ମଦ ପ୍ରସ୍ତୁତ କରାଯାଇ ବିଭିନ୍ନ ଗ୍ରାମକୁ ବାଇକ ଯୋଗେ ଚୋରାଚାଲାଣ କରାଯାଉଛି। ସବୁ ଜାଣି ଅବକାରୀ ବିଭାଗ ନିଦାବିଷ୍ଟୁ ସାଜିଥିବାରୁ ଏବେ ଏ ଅଞ୍ଚଳର ବିଭିନ୍ନ ଗ୍ରାମର ଚୋରା ମଦ କାରବାର ବୃଦ୍ଧି ପାଉଛି। ଦେଶୀ ହେଉ କି ବିଦେଶୀ ଖୁଲମ ଖୁଲା ଭାବରେ ବିନା ଭୟ ରେ ମଦ ବିକ୍ରି କରୁଛନ୍ତି ବ୍ୟବସାୟୀ। ପାଟଣା ବ୍ଲକର ହୀରାପଶି, ସାହାରପଡ଼ା ବ୍ଲକର ତୁନୁ ସାହି, ରାଧାପୁର, କଣ୍ଢେଇପଡା ଆଦି ଗ୍ରାମରେ ମହୁଲି ମଦ ତିଆରି କରିବା କୁଟୀରଶିଳ୍ପରେ ପରିଣତ ହୋଇଛି ଉକ୍ତ ଗ୍ରାମ ଗୁଡ଼ିକରେ ମହୁଲି ମଦ ପ୍ରସ୍ତୁତ କରାଯାଇ ଅଞ୍ଚଳର ବିଭିନ୍ନ ଗ୍ରାମକୁ ପଠା ଯାଉଛି। ମହୁଲି ମଦ କାରବାର ବଢ଼ିଥିବାରୁ ଆଖପାଖ ଅଞ୍ଚଳର ଲୋକେ ରାସ୍ତାରେ ଯିବା ଆସିବା କରିପାରୁ ନଥିବା ବେଳେ ମହିଳାମାନେ ନିଜକୁ ସୁରକ୍ଷିତ ମଣୁନାହାଁନ୍ତି। ପାନ ଦୋକାନଠୁ ଆରମ୍ଭ କରି ଚା ଦୋକାନ ରେ ଦେଶୀ ମହୁଲି ମଦ ଓ ବିଦେଶୀ ମଦବିକ୍ରି ହେଉଥିବା ଦେଖିବାକୁ ମିଳୁଛି ଅତି ପାଖରେ ମଦ ବିକ୍ରୀ ହେଉଥିବାରୁ ଯୁବ ପିଢ଼ି ମଦ ପିଇ ପଥଭ୍ରଷ୍ଟ ହେବା ସହ ଯୁବାବସ୍ଥାରେ ନାନାଦି ରୋଗ ରେ ପଡ଼ିଅକାଳରେ ମୃତ୍ୟୁବରଣ କରିଛନ୍ତି। ଦୀର୍ଘଦିନରୁ ଏ ଅଞ୍ଚଳରେ ବେଆଇନ ମଦ କାରବାର ଚାଲିଥିଲେ ମଧ୍ୟ ଅବକାରୀ ବିଭାଗ ଓ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନଥିବା ଅଭିଯୋଗ ହେବା ସହ ମଦ ମାଫିଆ ଓ ବିଭାଗୀୟ ଅଧିକାରୀଙ୍କ ଭିତିରିଆ ବୁଝାମଣାରେ ମଦ ପ୍ରସ୍ତୁତ ଚାଲିଥିବା ସ୍ଥାନୀୟରେ ଚର୍ଚ୍ଚା ହେଉଛି। ଅବକାରୀ ବିଭାଗ ଚଢ଼ଉ କରିବା ପୂର୍ବରୁ ମାଫିଆମାନେ ସ୍ଥାନ ଛାଡ଼ି ପଳାଉଥିବା ବେଳେ ଅବକାରୀ ବିଭାଗ କର୍ମଚାରୀ କେବଳ ସରଞ୍ଜାମ ଜବତ କରି ମଦ ପାଇଁ ପ୍ରସ୍ତୁତ ହୋଇଥିବା ପୋଚକୁ ନଷ୍ଟ କରି ଫେରୁଛି। ମଦ ପ୍ରସ୍ତୁତରେ ଥିବା ବ୍ୟବସାୟୀଙ୍କୁ ଗିରଫ ନ କରି ବିକ୍ରି କରୁଥିବା ନିରୀହ ଆଦିବାସୀଙ୍କୁ ଗିରଫକରି ବାହା ବାହା ନେଉଛନ୍ତି ଅବକାରୀ କର୍ମଚାରୀ। ଏଥିପ୍ରତି କେନ୍ଦୁଝର ଜିଲ୍ଲା ପ୍ରଶାସନ ଦୃଷ୍ଟିଦେଇ ଅଞ୍ଚଳରେ ନିଶା କାରବାର ଉପରେ ଅଙ୍କୁଶ ଲଗାଇବାକୁ ବୁଦ୍ଧିଜୀବୀମହଲରେ ଦାବି ହେଉଛି।

# ଗଛରେ ପିଟି ହେଲା ବାଇକ୍; ଜଣେ ମୃତ

ତେଲକୋଇ,୨୪।୧(ସମିସ): ତେଲକୋଇ ବିମଳା ପୂର୍ତ୍ତବିଭାଗ ରାସ୍ତାର ବାଲେଶ୍ୱର ଗ୍ରାମ ଛକ ନିକଟରେ ଏକ ବାଇକ୍ ରାସ୍ତା କଡ଼ ଗଛରେ ପିଟି ହେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ତାଳଚେର ଥାନା କଂଶୁରି ପାଳ ଗ୍ରାମର ରମେଶ ବେହେରାଙ୍କ ପୁଅ ରଞ୍ଜନ ବେହେରା(୨୮)।

ସୂଚନା ଅନୁସାରେ ରଞ୍ଜନ ବେହେରା ଉକ୍ତ ଗ୍ରାମର ସମୀର ବେହେରା (୧୯)ଙ୍କୁ ସାଙ୍ଗରେ ଧରି ବାଇକ୍‌ରେ ବାଲେଶ୍ୱର ଗ୍ରାମର ଜନୈକ ଜ୍ୟୋତିର୍ବିଦ୍‌ଙ୍କ ପାଖକୁ ଆସି ନିଜ ଘରକୁ ଫେରୁଥିଲେ। ଫେରିବାବେଳେ ସମୀର ବାଇକ୍ ଚଳାଉ ଥିଲେ। ବାଲେଶ୍ୱର ଛକ ନିକଟରେ ବାଇକ୍ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହେବାରୁ ଉଭୟ ଦୁର୍ଘଟଣାରେ ଶିକାର ହୋଇଥିଲେ। ଦୁର୍ଘଟଣାପରେ ଫେରାର ହୋଇଯାଇଥିବା ବେଳେ ଘଟଣାସ୍ଥଳରୁ ରଞ୍ଜନଙ୍କ ମୃତଦେହ ଉଦ୍ଧାର ହୋଇଛି। ଖବରପାଇ ତେଲକୋଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି। ରବିବାର କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ହେବ ବୋଲି ସୂଚନା ରହିଛି।

# କୁମ୍ଭୀରାହୁଡ଼ି ମକର ମେଳା ଉଦ୍‌ଯାପିତ

କୁଆମରା,୨୪।୧(ସମିସ): ଗୋପବନ୍ଧୁନଗର ବ୍ଲକ କୁଶଳଦା ପଞ୍ଚାୟତସ୍ଥ କୁମ୍ଭୀରାହୁଡି ମେଳା ଉଦଯାପିତ ହୋଇଯାଇଛି। ପରମ୍ପରା ଅନୁସାରେ ମକର ସଂକ୍ରାନ୍ତି ପରଦିନ ଏହି ମେଳା ଓ ଠାକୁରଙ୍କ ନୀତିକାନ୍ତି ଆରମ୍ଭ ହୋଇଥାଏ। ପର୍ବତ ପାଦଦେଶର ପଶ୍ଚିମରେ ୧୫ ଆରାଧ୍ୟ ଦେବାଦେବୀ ପୂଜା ପାଇଆସୁଛନ୍ତି। ଅମାବାସ୍ୟା, ପୂର୍ଣ୍ଣିମା ଓ ସଂକ୍ରାନ୍ତିରେ ଅବସ୍ଥିତ ଦେବାଦେବୀ ସ୍ୱତନ୍ତ୍ର ପୂଜା ହୋଇଥାଏ। ଶଶୀଧର ବିଶ୍ୱାଳଙ୍କ ଦ୍ୱାରା ଠାକୁରଙ୍କ ନୀତିକାନ୍ତି ହୋଇଆସୁଛି। ତେବେ ପର୍ବତର ଶିଖରରେ କୁମ୍ଭୀର ସଦୃଶ ଏକ ବିରାଟକାୟ ପଥର ରହିଥିବାରୁ ଏହାର ନାମକରଣ କୁମ୍ଭୀରାହୁଡି ବୋଲି କିମ୍ବଦନ୍ତୀ କୁହେ। ପାଖାପାଖି ତିନି ଶହ ଫୁଟ ଏହି ପର୍ବତ ଉପରେ ୧୦ ଫୁଟ ଉଚ୍ଚର ଏକ ଶୂନ୍ୟ ମନ୍ଦିର କେଉଁ ଆବାହାନ କାଳରୁ ନିର୍ମାଣ ହୋଇଛି। ମେଳା ଆରମ୍ଭ ଦିନ ଏକ ଜଳପୂର୍ଣ୍ଣ ଘଟ ପର୍ବତ ପାଦଦେଶରୁ ଶୂନ୍ୟ ମନ୍ଦିରକୁ ଉଠିଥାଏ। ସେଠାରେ ୯ ଦିନ ପୂଜା ପାଇବା ପରେ ପୁଣି ସଂକୀର୍ତ୍ତନ ମାଧ୍ୟମରେ ଭକ୍ତମାନେ ତଳକୁ ଓହ୍ଲାଇଥା'ନ୍ତି। ପର୍ବତ ରାଜା ଓ ପ୍ରଭୁ ନୀଳକଣ୍ଠଙ୍କ ଉଦ୍ଦେଶ୍ୟରେ ଏହି ପୂଜା ଦୀର୍ଘ ୫୬ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ପ୍ରତିଷ୍ଠାତା ବନମାଳୀ ଚୌଧୁରୀଙ୍କ ପ୍ରଚେଷ୍ଟାରେ ଏହି ମେଳା ଦୁଇ ସପ୍ତାହ ଧରି ବସିଥାଏ। ଚଳିତ ବର୍ଷ ପାଗ ଅନୁକୂଳ ଥିବାରୁ ଉକ୍ତଙ୍କ ସମାଗମ ଓ ଭିଡ଼ ଲାଗି ରହିଥିଲା। ଉଦଯାପନୀ ଉତ୍ସବରେ ଅତିଥି ଭାବେ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ଯୋଗ ଦେଇ ଠାକୁରଙ୍କ ଆଶୀର୍ବାଦ ନେଇଥିଲେ। ମେଳା ପରିଚାଳନା ନିମନ୍ତେ ସ୍ୱତନ୍ତ୍ର କମିଟି ରହିଛି।

# ଜଳସୁଆଁରେ ଅସହାୟଙ୍କୁ କମ୍ବଳ ବଣ୍ଟନ



ଆନନ୍ଦପୁର,୨୪।୧(ସମିସ): ଆଦର୍ଶ ସେବା ସଂଘ ସଭାପତି ଯଜ୍ଞ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଦୀର୍ଘଦିନ ଅସହାୟଙ୍କ ପାଇଁ ଜାରି ରହିଥିବା କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଶନିବାର ଶେଷ ହୋଇଛି। ଆଜି ଶ୍ରୀ ସାହୁ ଆନନ୍ଦପୁର ବ୍ଲକ ଜଳସୁଆଁ ପଞ୍ଚାୟତ ନୟାଗଡ଼ ଗ୍ରାମରେ ୩୦ ଜଣ ଅସହାୟ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଓ ବିଧବାଙ୍କୁ କମ୍ବଳ ପ୍ରଦାନ କରିଛନ୍ତି। ବସନ୍ତ ନାରାୟଣ ରାଉତଙ୍କ ତତ୍ତ୍ୱାବଧାନରେ ଆଜି ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସନ୍ତୋଷ କୁମାର ରାଉତ, ତପନ କୁମାର ରାଉତ, ରଞ୍ଜନ ବିଶ୍ୱାଳ, ନୀଳମଣି ରାଉତ, ବିପିନ ରାଉତ, ବିଜୟ ରାଉତ, ବନମାଳୀ ନାୟକ, ଚିନ୍ତାମଣି ରାଉତ, ଶିବ ପ୍ରତାପ ରାଉତ, ପ୍ରଭାତ ରାଉତ ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଯଜ୍ଞ ପ୍ରସାଦ ସାହୁଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲା ଘଟିପୁରା, ଆନନ୍ଦପୁର ବ୍ଲକ୍ ଓ ପୌରାଞ୍ଚଳରେ ୧୬ ନଭେମ୍ବର ୨୦୨୫ରୁ ଅସହାୟଙ୍କ ପାଇଁ ଶୀତବସ୍ତ୍ର ସହଯୋଗ ଜାରି ରହିଥିଲା।

# ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ବଡ଼ବିଲ,୨୪।୧(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ପୁଲିସ ଗତକାଲି ବିଳମ୍ବିତ ରାତିରେ ଜଣେ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗତ ୨୩ ତାରିଖ ବିଳମ୍ବିତ ରାତିରେ ୧୦ ନମ୍ବର୍ ୱାର୍ଡ ନିଉ ମାର୍କେଟ ନିକଟରେ କେହି ପଡ଼ିଥିବାନେଇ ପୁଲିସ ଖବର ପାଇଥିଲା। ପୁଲିସ ପହଞ୍ଚି ଉକ୍ତ ବୃଦ୍ଧଙ୍କୁ ଡାକ୍ତରଖାନା ନେଇଥିଲେ ହେଁ, ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବଡ଼ବିଲ ପୁଲିସ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରି, ଯୋଡ଼ା ଟିସ୍କୋ ଡାକ୍ତରଖାନାରେ ଶବକୁ ରଖାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ।

## ଚତୁରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

# 'ନିଜକୁ ଖୋଜିବା ଜୀବନ ନୁହେଁ, ନିଜକୁ ଗଢ଼ିବା ହେଉଛି ଜୀବନ'




କୁଆମରା,୨୪।୧(ସମିସ): ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ଚତୁରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମାଳତୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭ।।ବ ଚତୁରେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନିରୁଦ୍ଧ ମହଲା, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁମନ୍ତ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କମଳଲୋଚନ ଦାସ, ସିଆରସିସି ପ୍ରଶାନ୍ତ କୁମାର ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଭୂତି ଭୂଷଣ ଦାସ ପ୍ରମୁଖ ଯୋଗ ଦେଇ ନିଜକୁ ଖୋଜିବା ଜୀବନ ନୁହେଁ, ନିଜକୁ ଗଢିବା ହେଉଛି ଜୀବନ ବୋଲି ମତବ୍ୟକ୍ତ କରିଥିଲେ। ଏ ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଚଳିତ ବର୍ଷ ବିଦ୍ୟାଳୟ ପକ୍ଷରୁ ପୂରାତନ ଛାତ୍ର କନିଷ୍ଠ ଯନ୍ତ୍ରୀ ରାମଚନ୍ଦ୍ର ସିଂ, ପ୍ରଧାନଶିକ୍ଷକ ହରେନ୍ଦ୍ର ପାତ୍ର, ପ୍ରାଣୀ ଚିକିତ୍ସା ବିଭାଗ ଡାକ୍ତର ସୁପ୍ରିୟା ଦାସ ଓ ପ୍ରିୟଦର୍ଶିନୀ ପାତ୍ର, ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୁରୁବା ସିଂ, ତେଜସ୍ୱୀ ଦାସ, କବିତାରାଣୀ ପଣ୍ଡା ଓ ଜ୍ଞାନ ପ୍ରୀତମ ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲାର। ସେହିପରି ଚଳିତବର୍ଷ ବାର୍ଷିକ କ୍ରୀଡ଼ାର ୮୦ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ବୈଜୟନ୍ତୀ କର ବାର୍ଷିକ ବିବରଣୀ ପାଠ ଓ ସତ୍ୟଭାମା ମହାପାତ୍ର ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶକ୍ତିପଦ ଲେଙ୍କା ଓ ଚନ୍ଦ୍ରମୋହନ ସିଂ ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ

ରାଇରଙ୍ଗପୁର,୨୪।୧(ସମିସ):



ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ଅଚାନକ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପରିଦର୍ଶନ କରିଛନ୍ତି। କେନ୍ଦ୍ରରେ ସରସ୍ୱତୀ ପୂଜା ହେଉଥିବାବେଳେ ସେଠାରେ କୁନି କୁନି ପିଲାଙ୍କ ସହ ମିଶି ପୂଜା କରିଛନ୍ତି। ଜିଲ୍ଲା ଗସ୍ତ ଅବସରରେ ଯଶିପୁର ବ୍ଲକ୍ ଅନ୍ତର୍ଗତ ବରେହିପାଣି ପଞ୍ଚାୟତର ନୁଣିଆଗୋଡ଼ା ଗ୍ରାମରେ ଥିବା ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ରରେ ଆୟୋଜିତ ମା' ସରସ୍ୱତୀଙ୍କ ପୂଜାରେ ସାମିଲ ହୋଇ ପୂଜା କରି ପ୍ରସାଦ ସେବନ କରିଛନ୍ତି। ଏଥିସହିତ କେନ୍ଦ୍ର ପରିଦର୍ଶନ କରି ଅଙ୍ଗନବାଡ଼ି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଘଞ୍ଚ ଜଙ୍ଗଲ ମଧ୍ୟରେ ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ଯାହାକି କୁନି କୁନି ପିଲାଙ୍କ ପ୍ରାକ୍ ଶିକ୍ଷା ସହ ଭୌତିକ ବିକାଶ କାର୍ଯ୍ୟରେ ନିୟୋଜିତ ରହିଛି। ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ର ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ଏକ ନିଆରା ଅଙ୍ଗନବାଡ଼ି କେନ୍ଦ୍ର ଅଟେ। ଶିଶୁଙ୍କୁ ଖେଳକୁଦ ସମେତ ଗର୍ଭବତୀ ଓ ପ୍ରସୂତୀଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ପାଇଁ ବିଶେଷ ପଦକ୍ଷେପ ଗ୍ରହଣ କରୁଛି। କୁନି କୁନି ପିଲାଙ୍କ ପ୍ରାକ୍ ବିଦ୍ୟାଳୟ ଶିକ୍ଷା, ଯତ୍ନ ଓ ପୋଷଣ ଲାଗି ଅଙ୍ଗନବାଡ଼ି କେନ୍ଦ୍ରରେ ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶରେ ଏହି କେନ୍ଦ୍ର ବିଶେଷ ସହାୟକ ହେଉଛି। ଯାହାକି ଶିଶୁଙ୍କୁ ଆକୃଷ୍ଟ କରୁଛି। ଗସ୍ତ ଅବସରରେ ଏହାର ବିଶେଷ ଭାବେ ଉପମୁଖ୍ୟମନ୍ତ୍ରୀ ଅନୁଧ୍ୟାନ କରିଛନ୍ତି। ସରକାରୀ ଯୋଜନାରେ ଶିଶୁଙ୍କ ପାଇଁ ପ୍ରଦାନ ହେଉଥିବା ସାମଗ୍ରୀ ବାବଦରେ ପଚାରି ବୁଝିଥିଲେ। କେନ୍ଦ୍ରରେ ପିଲାଙ୍କ ଉପସ୍ଥାପନ ବାବଦରେ ମଧ୍ୟ ଯାଞ୍ଚ କରିଥିଲେ। ବିଭିନ୍ନ ବ୍ୟବସ୍ଥା ଓ ସେମାନଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ବାବଦରେ ସମୀକ୍ଷା କରିବା ସହ ଶିଶୁଙ୍କ ପୋଷଣ ବିଷୟରେ ପଚାରି ବୁଝିଥିଲେ। ଏହି ଅବସରରେ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଚମ୍ପୁଆ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ



ଚମ୍ପୁଆ,୨୪।୧(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ ଓ ସମର୍ପଣ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏ.ଏନ୍.ଏମ ମାନସୀ ଦାସ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଯୋଗଦେଇ ୭ ଶ୍ରେଷ୍ଠ ମାଆ ଯେଉଁମାନେ ନିଜର ସନ୍ତାନମାନଙ୍କୁ ଭାରତର ସନାତନ ସଂସ୍କୃତି ତଥା ହିନ୍ଦୁଧର୍ମକୁ ବିଶ୍ୱ ଦରବାରରେ ପହଞ୍ଚାଇ ପାରିଥିଲେ ସେହିପରି ମାଆ ହେବାପାଇଁ ପ୍ରେରଣା ପ୍ରଦାନ କରିଥିଲେ। ବିଦ୍ୟାଳୟର ସଭାପତି ରମାକାନ୍ତ ପ୍ରଧାନ ଯୋଗଦେଇ ନିଜ ପିଲାମାନଙ୍କୁ ଉତ୍ତମ ସଂସ୍କାର ଓ ଶୃଙ୍ଖଳିତ ଭାବେ ଗଢ଼ିବାକୁ ମାଆ ମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ ମାତୃ ସମ୍ମିଳନୀ ଓ ସମର୍ପଣ ଦିବସର ଆଭିମୁଖ୍ୟ କଥନ କରିଥିଲେ। ପରିଚାଳନା ସମିତିର ସଦସ୍ୟା ପ୍ରତିଭା ମଞ୍ଜରୀ ନାୟକ, ସଦସ୍ୟା ମୋନାଲିସା ରାଉତ ଆଦି ମଞ୍ଚାସୀନ ଥିଲେ। ଆଚାର୍ଯ୍ୟା ଲକ୍ଷ୍ମୀ କୁମାରୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ସରଳା ପ୍ରଧାନ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଆଚାର୍ଯ୍ୟା ପ୍ରିୟଦର୍ଶିନୀ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଫାର୍ମାସିଷ୍ଟ ହରିହର କବି ବିଚାରକ ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମାଆ ମାନଙ୍କୁ ନେଇ ବାଧା ଦୌଡ଼, ଓଡ଼ିଆ ଘରର ଶାଢ଼ୀ ପିନ୍ଧା, ଟବ୍ ଭିତରକୁ ବଲ ଫିଙ୍ଗା, ଓଡ଼ିଆ ଘରର ଖାଦ୍ୟ ପ୍ରସ୍ତୁତି, ବେଲୁନ ଫଟା ଆଦି ପ୍ରତିଯୋଗିତା କରାଯାଇ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।

## ରଜରେ 'ଶିକାର'

ମୁନ୍ ଟିଭି ମୁଭିଜ୍ ଏବଂ ପ୍ରକାଶ ଫିଲ୍ମ ପ୍ରସ୍ତୁତ ସିଦ୍ଧାର୍ଥ ମ୍ୟୁଜିକ୍ ସହଯୋଗରେ ନୂଆ ଓଡ଼ିଆ ଫିଲ୍ମ ନିର୍ମାଣ ହେବାକୁ ଯାଉଛି । ଏହାର ନାଁ ରହିଛି 'ଶିକାର ।' ପବିତ୍ର ରଜ ପର୍ବ ଅବସରରେ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିବ ।




ସିନେମାର ମୁଖ୍ୟ ଚରିତ୍ରରେ ଅମ୍ଳାନ, ଏଲିନା, ସୁପ୍ରିୟା ଓ ଅଙ୍କିତଙ୍କୁ ଦେଖିବାକୁ ମିଳିବ । ଏଥି ସହିତ ଅନ୍ୟାନ୍ୟ ଭୂମିକାରେ ତାପସ ସରଘରିଆ, ପ୍ରଦ୍ୟୁମ୍ନ ଲେଙ୍କା, ବିଜିତ୍ ବାରିକ, ଜ୍ଞାନ ହୋତା, ପ୍ରଶାନ୍ତ ପାତ୍ର ପ୍ରମୁଖଙ୍କୁ ଦେଖିବାକୁ ମିଳିବ । ସଚ୍ଚିକାନ୍ତ ଜେନାଙ୍କ ପ୍ରଯୋଜିତ ଏବଂ ମୃତ୍ୟୁଞ୍ଜୟ ସାହୁଙ୍କ ନିର୍ଦ୍ଦେଶିତ ଏହି ସିନେମାର କାହାଣୀ, ଚିତ୍ରାନାଟ୍ୟ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ସଙ୍ଗୀତ ଦେଇଛନ୍ତି ବୈଦ୍ୟନାଥ ଦାସ । ଏଥିରେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ ନାୟକ । କ୍ୟାମେରାମ୍ୟାନ୍ ଅଛନ୍ତି ପ୍ରତାପ ରାଉତ । ଚଳଚ୍ଚିତ୍ରଟି ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ପ୍ରଯୋଜନା ସଂସ୍ଥା ଆଶା ରଖିଛି । ■

## ଭାଲେଣ୍ଟାଇନ୍ ଡେ'ରେ ବର-ବଧୂ

ଫେବୃଆରୀ ୧୩ ଅର୍ଥାତ୍ ପ୍ରେମ ଦିବସରେ ମୁକ୍ତିଲାଭ କରିବ ନୂଆ ଓଡ଼ିଆ ସିନେମା 'ବର ବଧୂ' । ସିନେମାର ମୁଖ୍ୟ ଚରିତ୍ରରେ ଶୈଳେନ୍ଦ୍ର ଓ ଶିବାନୀଙ୍କୁ ଦେଖିବାକୁ ମିଳିବ । ଶୈଳେନ୍ଦ୍ର ଏଥିରେ ବିଜୁ ଏବଂ ଶିବାନୀ ସୁମନ ଚରିତ୍ରରେ ଅଭିନୟ କରିଛନ୍ତି । ଦୁହିଁଙ୍କ ଯୋଡ଼ିକୁ ଛିରେ ନନୀ ସିନେମାରେ ଦର୍ଶକୀୟ ଆଦୃତି ମିଳିଥିଲା । ତେଣୁ ଏଥର ମଧ୍ୟ ପୂର୍ବ ପରି ଦୁହିଁଙ୍କୁ ଦର୍ଶକଙ୍କ ଭଲପାଇବା ମିଳିବ ବୋଲି ଆଶା କରାଯାଉଛି । ପ୍ରେମ, ରୋମାନ୍ସ ଓ ଇମୋସନ୍ ସବୁକିଛି ଏହି ସିନେମାର କାହାଣୀରେ ଦେଖିବାକୁ ମିଳିବ । ଶୈଳେନ୍ଦ୍ର ଓ ଶିବାନୀଙ୍କ ବ୍ୟତୀତ ଏଥିରେ ସୂର୍ଯ୍ୟମୟୀ, ହର ରଥ ଏବଂ ଶୁଭାଶିଷ ବି ନଜର ଆସିବେ । ସିନେମାର ନିର୍ଦ୍ଦେଶନାରେ ବିଶ୍ୱ ରଞ୍ଜନ ଥିବା ବେଳେ ପ୍ରଯୋଜନା କରିଛନ୍ତି ଚନ୍ଦ୍ର ମଣି । ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପରେ ଅଛନ୍ତି ବିଶ୍ୱ ରଞ୍ଜନ । ସେହିପରି ସିନେମାର ଟିଜର ମଧ୍ୟ ରିଲିଜ୍ ହୋଇଯାଇଛି । ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି । ଟିଜର୍‌କୁ ଦେଖି ଲାଗୁଛି ସିନେମାଟିକୁ ମଧ୍ୟ ଦର୍ଶକେ ଖୁବ୍ ପସନ୍ଦ କରିବେ । ■





## ଫେବୃଆରୀ ୬ରେ ଅପେକ୍ଷା

'ଷ୍ଟୁଡିଓ ଥ୍ରୀ ସିକ୍ସଟି ଫାଇଭ୍' ବ୍ୟାନରରେ କେ. ତମନ୍ନାଙ୍କ ପ୍ରଯୋଜିତ ଚଳଚ୍ଚିତ୍ର 'ଅପେକ୍ଷା' ଆସନ୍ତା ଫେବୃଆରୀ ୬ ତାରିଖ ମୁକ୍ତିଲାଭ କରିବ । ଏହି ଚଳଚ୍ଚିତ୍ରର କାହାଣୀ, ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଆନନ୍ଦ କୁମାର । ଚଳଚ୍ଚିତ୍ରରେ ଯୁବ କଳାକାର ସାର୍ଥକ-ଶୁଭାଙ୍ଗୀ ଏବଂ ସୌମ୍ୟ-ବନ୍ଦନା ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି । ସେହିପରି ଅନ୍ୟାନ୍ୟ ଚରିତ୍ରରେ ଚୌଧୁରୀ ବିକାଶ ଦାସ, ପ୍ରଦୀପ ଦେବତା, ଶକ୍ତି ବରାଳ, ପୁଷ୍ପା ପଣ୍ଡା, ଅଲିଭା ଦାଶ, ଐଶ୍ୱର୍ଯ୍ୟା, ଗୁଡ୍ଡୁ ପ୍ରମୁଖ ନଜର ଆସିବେ । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ । ଗୀତଗୁଡ଼ିକୁ ଲେଖିଛନ୍ତି ଡ. ନିର୍ମଳ ନାୟକ, ନିର୍ମଳ ପ୍ରିୟଶୀଷ ଏବଂ ଅରୁଣ ମନ୍ତ୍ରୀ । ଏଥିରେ ଚିରାଗଦୀପ ପଣ୍ଡା, ହ୍ୟୁମାନ ସାଗର, ଅସୀମା ପଣ୍ଡା, ଇପ୍‌ସିତା ସାହୁ ଓ ଉମାକାନ୍ତ ବାରିକ କଣ୍ଠଦାନ କରିଛନ୍ତି । ଚଳଚ୍ଚିତ୍ରର ସଂଳାପ ଆଶୁତୋଷ ବାରିକ ଲେଖିଥିବା ବେଳେ ଚିତ୍ରୋତ୍ତୋଳନ ଅଜିତ ଦାଶ କରିଛନ୍ତି । ସମ୍ପାଦନା ଦାୟିତ୍ୱରେ ରଞ୍ଜନ ଖଟେଇ ଏବଂ ନୃତ୍ୟ ନିର୍ଦ୍ଦେଶନାରେ ବବି ଇସଲାମ ଅଛନ୍ତି । ଶୈଳେନ୍ଦ୍ର ପରିଡ଼ାଙ୍କ ଦ୍ୱାରା ନିର୍ଦ୍ଦେଶିତ ଆକ୍ସନ ଦୃଶ୍ୟ ଏବଂ ସୃଜନ ଫିଲ୍ମସ୍ ପୋଷ୍ଟ ପ୍ରଡକ୍ସନ ଚଳଚ୍ଚିତ୍ରକୁ ଅଧିକ ଆକର୍ଷଣୀୟ କରିଛି । ଆସନ୍ତା ଫେବୃଆରୀ ୬ ତାରିଖ 'ଅପେକ୍ଷା' ମୁକ୍ତିଲାଭ କରିବ ବୋଲି ପ୍ରଚାର ବିଭାଗ କ୍ରିଏଟିଭ ମୁଖ୍ୟ ଶ୍ୟାମା ପ୍ରସାଦ ମିଶ୍ର ଜଣାଇଛନ୍ତି । ■



## 'ମିଲେଟ୍ ଡାଏରୀ'ର ଟିଜର୍ ରିଲିଜ୍

ନିକଟରେ ନୂଆ ଓଡ଼ିଆ ସିନେମା 'ମିଲେଟ୍ ଡାଏରୀ'ର ଟିଜର୍ ରିଲିଜ୍ ହୋଇଛି । ଇନ୍‌ଫାଇସନ୍ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ଏହି ସିନେମାରେ ମାଣ୍ଡିଆର ଗୌରବ ଗାଥା ସ୍ପଷ୍ଟ ଜଣାପଡୁଛି । ସିନେମାଟି ଜୁନ୍ ୧୨ ତାରିଖରେ ରଜ ଅବସରରେ ମୁକ୍ତିଲାଭ କରିବ । ସେହିପରି ସାମାଜିକ ଗଣମାଧ୍ୟମରେ ଏହାର ଟିଜର୍ ସେୟାର୍ ହେବା ପରେ ଖୁବ୍ ଚର୍ଚ୍ଚା ସାଉଁଟୁଛି । ସିନେମାଟିରେ ଅଭିଷେକ ପଣ୍ଡା, ସିଦ୍ଧାନ୍ତ, ଶିବାନୀ, କୁନା ତ୍ରିପାଠୀ, ଶ୍ରୀତମ, ରାଜ ରାଜେଶ, ଶକ୍ତି ବରାଳ ପ୍ରମୁଖ ଅଭିନୟ କରିଛନ୍ତି । ରାଜେନ୍ଦ୍ର ମହାନ୍ତଙ୍କ ନିର୍ଦ୍ଦେଶିତ ଏହି ସିନେମାର କାହାଣୀ ଓ ପ୍ରଯୋଜନାରେ ଅଛନ୍ତି ଜେଆର୍‌ଏମ୍ । ଚିତ୍ରନାଟ୍ୟ ଏବଂ ସଂଳାପରେ ଦିଲୀପ ବିଶୋଇ ଓ ଉତ୍ତମ କୁମାର ଥିବା ବେଳେ ସଙ୍ଗୀତରେ ଅଛନ୍ତି ପ୍ରେମ ଆନନ୍ଦ । ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି ଦୀପ୍ତିରେଖା, କୁଳଦୀପ, ଶଶାଙ୍କ ଶେଖର, ଆଶୁତୋଷ, ବିଶ୍ୱଜିତ ପ୍ରମୁଖ । ତେବେ ରଜରେ ଦର୍ଶକଙ୍କୁ ଏକ ସୁନ୍ଦର ହୃଦୟସ୍ପର୍ଶୀ କାହାଣୀ ଦେଖିବେ ବୋଲି ଏହାର ଟିମ୍ ପୂରା ଆଶାବାଦୀ ଅଛି । ■

## ସାକ୍ଷାତକାର

'ଜୀବନ ଯମୁନାରେ ଜୁଆର ଉଠେରେ' ଧାରାବାହିକରେ ସେ ଶିଶୁ କଳାକାର ଭାବେ ଅଭିନୟ ଆରମ୍ଭ କରିଥିଲେ । ନିଜକୁ ଜଣେ ଅଭିନେତ୍ରୀ ଭାବେ ଗଢ଼ି ତୋଳିବାକୁ ସେ ଅନେକ ସଂଘର୍ଷ କରିଛନ୍ତି । ଦର୍ଶକଙ୍କ ମନ ଜିଣିଥିବାରେ ସଫଳ ହୋଇଥିବା ଏହି ଅଭିନେତ୍ରୀ ଜଣକ ହେଉଛନ୍ତି ଢେଙ୍କାନାଳର ଲୁମ୍ବ୍ରାଇନା ଶତପଥୀ । ସେ ଭୁବନେଶ୍ୱରରେ ରୁହନ୍ତି । ଲୁମ୍ବ୍ରାଇନା ୫ରୁ ଊର୍ଦ୍ଧ୍ୱ ମେଗା ଧାରାବାହିକ ଓ ଟେଲିଫିଲ୍ମରେ କାମ କରିଛନ୍ତି । ସେ କେବଳ ଭଲ ଅଭିନୟ କରନ୍ତି ତାହା ନୁହେଁ, ଜଣେ ବ୍ୟବସାୟୀ ମଧ୍ୟ । ଏଭଳି ଜଣେ ପ୍ରତିଭାମୟୀଙ୍କ ସହ ଏଥର ଅଳ୍ପ ଆଳାପ... ।

### "ଭଲ ଚରିତ୍ର ଦର୍ଶକଙ୍କ ହୃଦୟକୁ ଛୁଇଁ ପାରେ"

**ଲୁମ୍ବ୍ରାଇନା ଶତପଥୀ, ଅଭିନେତ୍ରୀ**

**ଅଭିନୟ ଯାତ୍ରା କିପରି ଥିଲା?**

● ପିଲାଦିନରୁ ନୃତ୍ୟ, ଅଭିନୟ ପ୍ରତି ମୋର ଅହେତୁକ ଦୁର୍ବଳତା ଥିଲା । ଏଥିପାଇଁ ପାଇଁ ମୁଁ ବିଧିବଦ୍ଧ ଭାବେ ତାଲିମ ନେଉଥିଲି । 'ଜୀବନ ଯମୁନାରେ ଜୁଆର ଉଠେରେ' ଧାରାବାହିକରେ ଶିଶୁ କଳାକାର ଭାବେ ପ୍ରଥମେ ଅଭିନୟ କରିଥିଲି । ଅଭିନେତ୍ରୀ ହେବା ପାଇଁ ସଂଘର୍ଷ ଜାରି ରହିଥିଲା । 'ଶଙ୍ଖା ସିନ୍ଦୂର' ମୋର ପ୍ରଥମ ଧାରାବାହିକ । ଏହା ପରେ ପରେ 'ଜୀବନ ସାଥି', 'ମଙ୍ଗୁଳା କନ୍ୟା', 'ଆମ ଘର ଲକ୍ଷ୍ମୀ', 'କୁଆଁରୀ ବୋହୂ' ଆଦି ଧାରାବାହିକରେ ମୁଁ ଅଭିନୟ କରିଛି । 'କୁଆଁରୀ ବୋହୂ'ର ବର୍ଷା ଏବଂ 'ମଙ୍ଗୁଳା କନ୍ୟା'ର ଆରାଧ୍ୟା ଚରିତ୍ର ମୋତେ ଅଧିକ ଲୋକ ପରିଚିତି ଦେଇଥିଲା । ଦର୍ଶକଙ୍କ ଭଲପାଇବା ମୋତେ ଆଗକୁ ଆଗକୁ ନେଉଛି ।

**ଭଲ ଅଭିନୟ କରିବାକୁ କ'ଣ କରନ୍ତି?**

● ମେଗା ଧାରାବାହିକରେ ଜଣଙ୍କୁ ମିଳିଥିବା ଚରିତ୍ରରେ ଜଣେ କଳାକାର ଦିନ ରାତି ବୁଡ଼ି ରହିଥାନ୍ତି । ଏହାର ପ୍ରଭାବ ଆମ ନିଜ ଜୀବନ ଉପରେ ବି ପଡ଼େ । ତେଣୁ ଯେଉଁ ଚରିତ୍ର ମିଳେ ତାହାକୁ କରିବାକୁ ସମସ୍ୟା ହୁଏନି । ଅବଶ୍ୟ ଭଲ ଅଭିନୟ କରିବାକୁ ଅଭ୍ୟାସ ବି କରିବାକୁ ପଡ଼େ ।

**'ଦାସ ବାବୁଙ୍କ ସ୍ମାର୍ଟ ଝିଅ'ରେ ଲାଲି ଚରିତ୍ର କେମିତି ମିଳିଥିଲା?**

● ଅଭିନୟ ଜଗତରେ କାମ କଲେ, ଲୋକେ କିଏ କେଉଁ ଚରିତ୍ରକୁ ଫିଟ୍ ଆଉ କରିପାରିବ ତାହା ପରଖି ପାରନ୍ତି । ତେଣୁ 'ଦାସ ବାବୁଙ୍କ ସ୍ମାର୍ଟ ଝିଅ' ନିର୍ମାତା ଲାଲି ଚରିତ୍ରକୁ ମୁଁ ଫିଟ୍ ବୋଲି ଚିନ୍ତା କରି ଏହି ଚରିତ୍ରରେ ଅଭିନୟ କରିବା ପାଇଁ ମୋତେ ସୁଯୋଗ ଦେଇଥିଲେ । ଏହା ସମ୍ପୂର୍ଣ୍ଣ ନାରୀକେନ୍ଦ୍ରିକ ଟେଲି ସିନେମା । ନିକଟରେ ରିଲିଜ୍ ହୋଇଛି । ଏଥିରୁ ସବୁକିଛି ଜଣେ ହିରୋଇନ୍ କରୁଛି । ଏହା ଏକ ଭିନ୍ନ ଧରଣର କାହାଣୀ । ଲାଲି ଚୁଲବୁଲି ଆଉ ସ୍ମାର୍ଟ ଝିଅ । ନାୟିକା ବି ହେଉଛି ପ୍ରତିଶୋଧ ବି ନେଉଛି । ଲାଲି ଚରିତ୍ର ବହୁତ ଚ୍ୟାଲେଞ୍ଜିଂ ଚରିତ୍ର ଥିଲା । ଏହି ଚରିତ୍ରକୁ ନିଭାଇବାକୁ ମୁଁ ଅନେକ ଚରିତ୍ରଗୁଡ଼ିକକୁ ଅନୁକରଣ କରିଛି ।

**କେଉଁ ଭଳି ଚରିତ୍ର କରିବାକୁ ଇଚ୍ଛା ଅଛି?**

● ଚରିତ୍ର ତ ବିଭିନ୍ନ ପ୍ରକାର ରହିଛି । ହେଲେ ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବାକୁ ଚାହିଁବି । ଏମିତି ଗୋଟିଏ ଚରିତ୍ର ଯେମିତି ସମାଜରେ ପରିବର୍ତ୍ତନ ଆଣିବା ସହ ଦର୍ଶକଙ୍କ ହୃଦୟକୁ ବି ଛୁଇଁବ ।

**ଲୁମ୍ବ୍ରାଇନା ପ୍ରାୟତଃ ବିବାଦରେ ରୁହନ୍ତି କାହିଁକି?**

● ଜଣେ ଅଭିନେତା/ଅଭିନେତ୍ରୀଙ୍କ ବିଷୟରେ ସବୁବେଳେ ଚର୍ଚ୍ଚା । ପରଦା ପଛରେ ଆଉ ବାହାରେ ସେମାନଙ୍କ ବ୍ୟକ୍ତିଗତ କଥା ଜାଣିବାକୁ ଦର୍ଶକ ବହୁତ ଆଗ୍ରହ ରଖନ୍ତି । ହୁଏତ ସେଥିପାଇଁ ବିବାଦ ମୋ ପିଛା ଛାଡୁଛି ।

**● ଆପଣଙ୍କ ନିଜସ୍ୱ ବ୍ୟବସାୟ ରହିଛି, ଅଭିନୟ ପାଇଁ କିପରି ସମୟ ଦିଅନ୍ତି?**

ନିଜସ୍ୱ ବ୍ୟବସାୟ ଆରମ୍ଭ କରିବା ପରେ ଧାରାବାହିକ କରିବାକୁ ସମୟ ହେଉନି । ସେଥିପାଇଁ ଏବେ ମୁଁ ସିନେମାକୁ ଅଧିକ ଗୁରୁତ୍ୱ ଦେଉଛି । ସୁଟିଂ ଆଉ ବ୍ୟବସାୟ ଉଭୟକୁ ନେଇ ଆଗକୁ ବଢ଼ିବା ମୋର ଲକ୍ଷ୍ୟ ।

**ଆଗାମୀ ଯୋଜନା ?**

● ଯେତେ ଦିନ ଯାଏଁ ବଞ୍ଚିଛି ସେତେ ଯାଏଁ କେବଳ ଅଭିନୟ କରିବି । ମୋ ପାଇଁ ବଡ଼ କି ଛୋଟ ପରଦା ସେମିତି କିଛି ନାହିଁ ଭଲ କାହାଣୀ ମିଳିଲେ ନିଶ୍ଚୟ କରିବି । ■



## ୫୦୦ ଅଧ୍ୟାୟରେ 'ତୁମ ବିନା'



ଚର୍ଚ୍ଚିତ ଓଡ଼ିଆ ଧାରାବାହିକ 'ତୁମ ବିନା' ସଫଳତାର ସହ ଜୀ ସାର୍ଥକରେ ୫୦୦ ଅଧ୍ୟାୟ ପୂରଣ କରି ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛି । 'ତୁମ ବିନା'ର ବର୍ତ୍ତମାନର କାହାଣୀରେ ଅନୁରାଗ ଓ ରିଚାଙ୍କ ବିବାହ ଏବଂ ଆଦ୍ୟା ଦାୟିତ୍ୱ ନେବା ପରେ ଏକ ରୋମାଞ୍ଚକର ମୋଡ଼ ଆସିଛି । ରିଚା ନିଜର ପ୍ରକୃତ ଉଦ୍ଦେଶ୍ୟ ଲୁଚାଇ ଆଧିପତ୍ୟ ବିସ୍ତାର କରୁଥିବା ବେଳେ ଆଦ୍ୟା ଦୈବୀ ଶକ୍ତିର ପ୍ରତୀକ ସାଜି ଅଧର୍ମ ବିରୋଧରେ ଛିଡ଼ା ହୋଇଛି । ଅକ୍ଷୟଙ୍କୁ ନିଜର ନିଷ୍ଠୁର ସର୍ତ୍ତ ଆଗରେ ମୁଣ୍ଡ ନୁଆଁଇବାକୁ ବାଧ କରୁଥିବା ରିଚାଙ୍କ ଛଳନା ଓ ବିଶ୍ୱାସଘାତକତା ଭିତରେ ବିଶ୍ୱାସର ପରୀକ୍ଷା ଚାଲିଛି । ଧାରାବାହିକର ଏହି ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ପ୍ରେମ, ପାରିବାରିକ ସମ୍ପର୍କ ଓ ମାନବୀୟ ସଂଘର୍ଷକୁ ନିଖୁଣ ଭାବେ ଚିତ୍ରଣ କରାଯାଇଛି । ଆଗାମୀ ଦିନରେ 'ତୁମ ବିନା'ର ଯାତ୍ରା ଅଧିକ ରୋମାଞ୍ଚକର, ଭାବପୂର୍ଣ୍ଣ ଏବଂ ପରିବର୍ତ୍ତନଶୀଳ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି । ୫୦୦ ଅଧ୍ୟାୟ ପରେ କାହାଣୀରେ ଆସୁଥିବା ନୂଆ ମୋଡ଼ ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହେବ ବୋଲି ଆଶା କରାଯାଉଛି । ■

## ପରଦା ପଛର କାହାଣୀ

ବଲିଉଡ୍‌ର ଅନେକ ଫିଲ୍ମ ନିଜର କାହାଣୀ, କାଷ୍ଟିଂ ଏବଂ ଗୀତ ପାଇଁ ବେଶ୍ ଲୋକପ୍ରିୟ ହୋଇଛି । ସେମିତି ଏକ ଫିଲ୍ମ ହେଉଛି 'ଧଡ଼କନ୍' । ୨୫ ବର୍ଷ ପୂର୍ବେ ମୁକ୍ତିଲାଭ କରିଥିବା



### ବିଦାୟୀ ଗୀତରେ ୧୫୦ ଥର କାନ୍ଦିଥିଲେ ଗାୟକ

ଏହି ଫିଲ୍ମର "ଦୁଲ୍‌ହେ କା ସେହରା ସୁହାନା ଲଗତା ହୈ ..."ଗୀତକୁ ନେଇ ଏକ ସ୍ମରଣୀୟ ମୁହୂର୍ତ୍ତ ରହିଛି । ଗୀତକୁ ଗାଇବା ସମୟରେ କଣ୍ଠଶିଳ୍ପୀ ନୁସ୍‌ରତ୍ ଫତେହ ଅଲି ଖାନ୍ ୧୫୦ ଥର କାନ୍ଦି ଥିଲେ ବୋଲି ନିକଟ ଅତୀତରେ ଏକ ସାକ୍ଷାତକାରରେ ଗୀତିକାର ସୀମର ଅଞ୍ଜାମ୍ କହିଛନ୍ତି । ସାଧାରଣତଃ ଜଣେ ଝିଅ ପାଇଁ ବିବାହ ପରର ବିଦାୟ ମୂହୂର୍ତ୍ତ ଖୁବ୍ ଭାବବିହ୍ୱଳ ହୋଇଥାଏ । ଫିଲ୍ମ 'ଧଡ଼କନ୍'ରେ ମଧ୍ୟ ବିଦାୟ ଗୀତରେ ଏହି ଦୃଶ୍ୟ ଦେଖିବାକୁ ମିଳିଥିଲା । ଏହି ଫିଲ୍ମରେ ଅକ୍ଷୟ କୁମାର, ଶିଳ୍ପା ସେଟ୍ଟୀ, ସୁନିଲ୍ ସେଟ୍ଟୀ, ମହିମା ଚୌଧୁରୀ ମୁଖ୍ୟ ଭୂମିକାରେ ଚମତ୍କାର ଅଭିନୟ କରିଛନ୍ତି । ଏହାର ସଂଳାପ ନସୀମ୍ ମୁକ୍‌ରୀ – ଧର୍ମେଶ୍ ଦର୍ଶନ ଲେଖିଥିଲେ । ସେହିପରି ଗୀତଗୁଡ଼ିକୁ ସଂଗୀତରେ ସଜାଇ ଥିଲେ ଲୋକପ୍ରିୟ ସଂଗୀତ ନିର୍ଦ୍ଦେଶକ ନଦୀମ୍ – ଶ୍ରବଣଙ୍କ ଯୋଡ଼ି । ଏଥିରେ ଗୀତିକାର ହେଉଛନ୍ତି ସମୀର । ପ୍ରାୟ ୯ .୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଫିଲ୍ମ ବିଶ୍ୱସ୍ତରରେ ୨୬.୪୭ କୋଟି ଟଙ୍କା ଆୟ କରିଥିଲା । "ଦୁଲ୍‌ହେ କା ସେହରା ସୁହାନା ଲଗତା ହୈ ...' ଗୀତକୁ ନୁସ୍‌ରତ୍ ଫତେହ ଅଲି ଖାନ୍ ଗାଇଥିଲେ । ଏହି ସୁନ୍ଦର ଗୀତରେ ଅକ୍ଷୟ କୁମାର ଏବଂ ଶିଳ୍ପା ସେଟ୍ଟୀଙ୍କ ବିବାହ ସମୟର ଦୃଶ୍ୟ ଦେଖାଯାଇଥିଲା । ଗୀତିକାର ସୀମର ଅଞ୍ଜାମ୍‌ଙ୍କ କହିବାନୁଯାୟୀ, ଏହି ଗୀତକୁ ଗାଉଥିବା ସମୟରେ ନୁସରତ ୧୫୦ ଥର କାନ୍ଦିଥିଲେ । ସେହିଦିନ ନୁସ୍‌ରତ୍ ମୁମ୍ବାଇ ଆସିଥିଲେ । 'ଦିଲ୍ ନେ ୟେ କହା ହୈ ଦିଲ୍ ସେ...' ଭଳି ଅନେକ ଗୀତ ରେକର୍ଡ ହୋଇସାରିଥିଲା । ନୁସ୍‌ରତ୍‌ଙ୍କ ପ୍ରଶଂସକ ଚାହୁଁଥିଲେ ଏହି ଫିଲ୍ମରେ ସେ ଏକ ଗୀତ ଗାଆନ୍ତୁ ବୋଲି । କିନ୍ତୁ ସମସ୍ୟା ଥିଲା ନୁସ୍‌ରତ୍ ବାହାର ଗୀତ ଗାଉ ନ ଥିଲେ । ବହୁ ଅନୁରୋଧ କରିବା ପରେ ସେ ଗୀତ ଗାଇବା ପାଇଁ ରାଜି ହୋଇଥିଲେ । "ମୈ ତେରୀ ବାହୋ କେ ଝୁଲେ ମୈ ପଲି ବାବୁଲ...." ପଦ ଆସିବା ପରେ ସେ କାନ୍ଦି ପକାଇ ଥିଲେ । ପ୍ରାୟ ୧୫୦ ଥର ଏହି ଲାଇନ୍ ପାଖରେ ଗୀତ କଟ୍ ହୋଇଥିଲା । ପ୍ରତି ଥର ସେ ଧାଡ଼ିଟିକୁ ଗାଇବା ବେଳେ କାନ୍ଦି ପକାଉ ଥିଲେ । ଏହି ଗୀତଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା । ■

# ଟି-୨୦ ବିଶ୍ୱକପ୍‌ରୁ ବିଦା ହେଲା ବାଂଲାଦେଶ

## ଗ୍ରୁପ୍-ସି'ରେ ସ୍କଟଲାଣ୍ଡ ସାମିଲ ● ଭାରତରେ ଖେଳିବ ସମସ୍ତ ମ୍ୟାଚ୍ ● ବାଂଲାଦେଶ କ୍ରିକେଟ ଓ ଖେଳାଳି କ୍ଷତିଗ୍ରସ୍ତ

ଦୁବାଇ,୨୪।୧(ଏଜେନ୍ସି):

ଚଳିତ ଟି-୨୦ ବିଶ୍ୱକପ୍‌ରେ ବାଂଲାଦେଶର ଅଂଶଗ୍ରହଣ ନେଇ ଯେଉଁ କଳ୍ପନା ଜଳ୍ପନା, ଆଶା ଓ ଆଶଙ୍କା ସୃଷ୍ଟି ହୋଇଥିଲା ତାହା ଶନିବାର ଶେଷ ହୋଇଛି। ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖଯାଏ ଖେଳାଯିବାକୁ ଥିବା ଏହି ବିଶ୍ୱକପ୍‌ରୁ ବାଦ୍ ପଡ଼ିଛି ବାଂଲାଦେଶ। ଭାରତରେ ଖେଳିବାକୁ ମନା କରିବାକୁ ବିଶ୍ୱ କ୍ରିକେଟର ସର୍ବୋଚ୍ଚ ପରିଚାଳନା ସଂସ୍ଥା ବାଧ ହୋଇ ବାଂଲାଦେଶକୁ ଛାଡ଼ି ବିଶ୍ୱକପ୍ ଆୟୋଜନ କରିବାକୁ ସ୍ଥିର କରିଛି। ବାଂଲାଦେଶର ସ୍ଥାନ ପୂରଣ ଲାଗି



ଆଇସିସି ସହଯୋଗୀ ରାଷ୍ଟ୍ର ମଧ୍ୟରେ ଶ୍ରେଷ୍ଠ ଦଳ ତଥା ଆଇସିସି ମାନ୍ୟତାର ୧୪ ନମ୍ବର ସ୍ଥାନରେ ଥିବା ସ୍କଟଲାଣ୍ଡକୁ ଏହି ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ଆମନ୍ତ୍ରଣ କରିଛି। ସ୍କଟଲାଣ୍ଡ ପକ୍ଷରୁ ଏହି ଆମନ୍ତ୍ରଣ ସମ୍ପର୍କରେ କିଛି ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଆଜି ସକାଳୁ ଆଇସିସି ମୁଖ୍ୟ କାର୍ଯ୍ୟାଳୟ ଓ ସ୍କଟଲାଣ୍ଡ କ୍ରିକେଟ ସହ ହଟ୍ ଲାଇନ୍‌ରେ ଯୋଗାଯୋଗ ରହିଛି। ପୂର୍ବରୁ ମଧ୍ୟ ବିଶ୍ୱକପ୍ ଖେଳିବା ଲାଗି ପ୍ରସ୍ତୁତ ରହିବାକୁ ଆଇସିସି ପକ୍ଷରୁ ଅନୁରୋଧ କରାଯାଇଥିଲା। ଏବେ ବିଧିବଦ୍ଧ ଭାବେ ଆଇସିସି ଆଜି ଘୋଷଣା କରିଥିଲା। ଏହା ଫଳରେ କୋଟି କୋଟି ବାଂଲାଦେଶୀ ସମର୍ଥକ ଓ ଖେଳାଳିଙ୍କ ସ୍ୱପ୍ନ ଚୁରମାର ହୋଇଯାଇଛି। କାମଚଳା ସରକାର ବାଂଲାଦେଶରେ ଯେପରି ଅରାଜକତା ଲଗାଇଛନ୍ତି, ଠିକ୍ ସେହିପରି କ୍ରିକେଟକୁ ଧ୍ୱଂସ କରିବାକୁ ଚକ୍ରାନ୍ତ କରିଥିବା ସମର୍ଥକମାନେ ଅଭିଯୋଗ କରିଛନ୍ତି।

### ବେଖାତିର ଓ ଜିଦ୍

ବାଂଲାଦେଶ ସରକାରଙ୍କ ରାଜନୈତିକ ଜିଦ୍ ଓ ଖେଳାଳିମାନଙ୍କ ପ୍ରତି ବେଖାତିର ମନୋଭାବ ଲାଗି ଆଜି ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ମୁସ୍ତାଫିଜୁର ରହେମାନଙ୍କୁ ଆଇପିଏଲ୍‌ରୁ ବାଦ୍ ଦେବା ପରେ ଭାରତରେ ବାଂଲାଦେଶ ଖେଳାଳି ଓ କର୍ମକର୍ତ୍ତାଙ୍କ ଜୀବନପ୍ରତି ବିପଦ ଥିବା ଦର୍ଶାଇ ତାହାର ସମସ୍ତ ମ୍ୟାଚ୍‌କୁ ଶ୍ରୀଲଙ୍କାକୁ ସ୍ଥାନାନ୍ତର କରିବାକୁ ଆଇସିସିକୁ ଅନୁରୋଧ କରିଥିଲା। ଆଇସିସିର ନିରପେକ୍ଷ ସଂସ୍ଥା ପକ୍ଷରୁ ତଦନ୍ତ କରାଯାଇ ଭାରତରେ ବାଂଲା ଖେଳାଳିଙ୍କ ଜୀବନପ୍ରତି କିଛି ବିପଦ ନ ଥିବା ଦର୍ଶାଇଥିଲା। ଯାହା ଫଳରେ ଆଇସିସି ଭେନ୍ୟୁ ପରିବର୍ତ୍ତନ କରିବାକୁ ବାଂଲାଦେଶ କ୍ରିକେଟ ବୋର୍ଡର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଥିଲା। ଜାନୁଆରୀ ୨୧ରେ ଆଇସିସିର ଶକ୍ତିଶାଳୀ ବୋର୍ଡ ବୈଠକରେ ବାଂଲା ବୋର୍ଡର ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ଭେନ୍ୟୁ ପରିବର୍ତ୍ତନ ଦାବିକୁ ବାଂଲାଦେଶ ଓ ପାକିସ୍ତାନ କ୍ରିକେଟ ବୋର୍ଡ ବ୍ୟତୀତ ଅନ୍ୟ ସମସ୍ତେ ବିରୋଧ କରିଥିଲେ। ଏହା ପରେ ୨୪ ଘଣ୍ଟା ମଧ୍ୟରେ ଅର୍ଥାତ୍ ଗୁରୁବାର ସୁଦ୍ଧା ଭାରତରେ ଖେଳିବ କି ନାହିଁ ସେ ସମ୍ପର୍କରେ ନିଷ୍ପତ୍ତି ନେବାକୁ ବାଂଲା ବୋର୍ଡକୁ ଆଇସିସି ପକ୍ଷରୁ ଅନ୍ତିମ ଚେତାବନୀ ଦିଆଯାଇଥିଲା। ବାଂଲାଦେଶ ସରକାର ଭାରତରେ କ୍ରିକେଟ ଦଳ ଖେଳିବ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ ମଧ୍ୟ ଆଇସିସିକୁ ଏହା ଅବଗତି କରାଇ ନ ଥିଲା। ବରଂ ଏହାର ସମାଧାନ ଲାଗି ଆଉ ଏକ ନିରପେକ୍ଷ ସଂସ୍ଥାର ଦ୍ୱାରସ୍ଥ ହେବାକୁ କ୍ରିକେଟ ବୋର୍ଡକୁ କହିଥିଲା।

ଗୁରୁବାର ଦିନ ୨୪ ଘଣ୍ଟିଆ ଡେଡ୍‌ଲାଇନ ପୂରଣ ହେବା ପରେ ଆଇସିସି ସିଇଓ ସଂଯୋଗ ଗୁପ୍ତା କାର୍ଯ୍ୟନିର୍ବାହୀ କମିଟିରେ ଥିବା ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଶେଷ ମୁହୂର୍ତ୍ତରେ ଏକ ସଦସ୍ୟ ରାଷ୍ଟ୍ରର ଦାବି ଅନୁଯାୟୀ ଭେନ୍ୟୁ ପରିବର୍ତ୍ତନ କରାଗଲେ ଏକ ଖରାପ ପରମ୍ପରା ସୃଷ୍ଟି ହେବ ବୋଲି ଗୁପ୍ତା ସଦସ୍ୟମାନଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଥିଲେ। ବିଶ୍ୱକପ୍‌ର ସ୍ୱଚ୍ଛତା ଓ ବିଶ୍ୱସନୀୟତା ଉପରେ ଆଞ୍ଚ ଆସିବ। ଏଣୁ ବାଂଲାର ଦାବି ଗ୍ରହଣ କରାଯାଇପାରିବ ନାହିଁ। ଆଇସିସି ନିୟମ ଅନୁଯାୟୀ ବାଂଲାଦେଶ ସ୍ଥାନରେ ଆଉ ଏକ ଦେଶକୁ ଖେଳିବା ଲାଗି ଆମନ୍ତ୍ରଣ କରାଯିବା ଜରୁରୀ ବୋଲି ଆଇସିସି ସିଇଓ ସଂଯୋଗ ଗୁପ୍ତା ଏହି ଚିଠିରେ ମଧ୍ୟ ଉଲ୍ଲେଖ କରିଥିଲେ। କାର୍ଯ୍ୟନିର୍ବାହୀ ବୋର୍ଡର ସଦସ୍ୟଥିବା ବାଂଲାଦେଶର ଅମିନୁଲ ଇସ୍‌ଲାମ୍‌ଙ୍କ ସମେତ ସମସ୍ତ ସଦସ୍ୟଙ୍କୁ ଏହି ଚିଠି ଦିଆଯାଇଥିଲା। ସଦସ୍ୟରାଷ୍ଟ୍ରଙ୍କଠାରୁ ସ୍ୱୀକୃତି ପାଇବା ପରେ ବାଂଲାଦେଶର ବିଶ୍ୱକପ୍ ଖେଳିବା ଆଶା ଶେଷ ହୋଇଯାଇଥିଲା।

### କାହିଁକି ସ୍କଟଲାଣ୍ଡ

ବାଂଲାଦେଶ ବାଦ୍ ପଡ଼ିବା ପରେ ସ୍କଟଲାଣ୍ଡକୁ ଟି-୨୦ ବିଶ୍ୱକପ୍‌ରେ ଖେଳିବାକୁ ସୁଯୋଗ ଦିଆଯାଇଛି। ଗତ ବିଶ୍ୱକପ୍ ଗୁଡ଼ିକରେ ଉନ୍ନତ ପ୍ରଦର୍ଶନ ଓ ଯୋଗ୍ୟତା ଅର୍ଜନ କରି ନ ଥିବା ଦଳ ଗୁଡ଼ିକ ମଧ୍ୟରେ ସର୍ବୋଚ୍ଚ ମାନ୍ୟତା ୧୪ ନମ୍ବରେ ଥିବାରୁ ସ୍କଟଲାଣ୍ଡକୁ ବାଂଲାଦେଶ ସ୍ଥାନରେ ବିଶ୍ୱକପ୍ ଖେଳିବାକୁ ସୁଯୋଗ ଦିଆଯାଇଛି। ୨୦୨୪ ବିଶ୍ୱକପ୍‌ରେ ଗ୍ରୁପ-ବି'ରେ ସ୍ଥାନ ପାଇଥିବା ସ୍କଟଲାଣ୍ଡ ପଡୋଶୀ ରାଷ୍ଟ୍ର ଇଂଲଣ୍ଡ ସହ ସମାନ ପଏଣ୍ଟ ପାଇଥିଲେ ମଧ୍ୟ ନେଟ୍‌ରନ୍‌ରେଟ୍ ଯୋଗୁ ତୃତୀୟ ସ୍ଥାନରେ ରହିଥିଲା। ୨୦୨୨ରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଥିଲେ ମଧ୍ୟ ଦଳ ତୃତୀୟ ସ୍ଥାନରେ ଗ୍ରୁପ୍ ଲିଗ୍ ଶେଷ କରିଥିଲା। ଯାହା ଫଳରେ ଏହି ଦୁଇଟି ଟୁର୍ଣ୍ଣାମେଣ୍ଟରେ ଦଳ ସୁପର-୧୨'କୁ ଉନ୍ନୀତ ହୋଇ ପାରି ନ ଥିଲା। ୨୦୨୧ରେ ବାଂଲାଦେଶକୁ ହରାଇ ଗ୍ରୁପ୍‌ର ଶୀର୍ଷସ୍ଥାନ ହାସଲ କରି ସୁପର-୧୨ରେ ପ୍ରବେଶ କରିଥିଲା। କିନ୍ତୁ ଏଥିରେ ଦଳ ଗୋଟିଏ ହେଲେ ମ୍ୟାଚ୍ ଜିତିପାରି ନ ଥିଲା।

ଏବେ ବାଂଲାଦେଶ ବଦଳରେ ଖେଳିବାକୁ ସୁଯୋଗ ପାଇଥିବା ସ୍କଟଲାଣ୍ଡ ଗ୍ରୁପ୍-ସି'ରେ ସାମିଲ ହୋଇଛି। ଗ୍ରୁପ୍ ପର୍ଯ୍ୟାୟରେ ଦଳ ୱେଷ୍ଟଇଣ୍ଡିଜ୍ ସହ ଫେବୃଆରୀ ୭ରେ, ଇଟାଲୀ ସହ ଫେବୃଆରୀ ୯ରେ ଓ ଇଂଲଣ୍ଡ ସହ ଫେବୃଆରୀ ୧୪ରେ ଖେଳିବ। ଏହି ୩ଟି ମ୍ୟାଚ୍ କୋଲ୍‌କାତାରେ ଖେଳାଯିବ। ଏହା ପରେ ମୁମ୍ବଇରେ ନେପାଳ ସହ ଶେଷ ଲିଗ୍ ମ୍ୟାଚ୍ ଫେବୃଆରୀ ୧୭ରେ ଖେଳିବ।

### ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍

# ଭାରତ-ପାକିସ୍ତାନ ସୁପର ସିକ୍ସ ମୁକାବିଲା ୧ରେ



ବୁଲାୱାୟୋ,୨୪।୧(ଏଜେନ୍ସି): ନ୍ୟୁଜିଲାଣ୍ଡକୁ ୭ ୱିକେଟରେ ପରାସ୍ତ କରି ଭାରତ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଗ୍ରୁପ୍-ବି'ରେ ଶୀର୍ଷ ସ୍ଥାନ ହାସଲ କରିବା ସହ ସୁପର ସିକ୍ସରେ ପ୍ରବେଶ କରିଛି। ଏଠାରେ ଭାରତ ଖେଳିଥିବା କ୍ରମାଗତ ତୃତୀୟ ମ୍ୟାଚ୍ ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଥିଲା। ୪ଜଣ ଭାରତୀୟ ବଂଶୋଦ୍ଭବ ଖେଳାଳିଙ୍କୁ ନେଇ ଖେଳିଥିବା ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୩୬.୨ ଓଭରରେ ୧୩୫ ରନ୍ କରିଥିଲା। ଭାରତର ଆର୍‌ଏସ୍ ଅମ୍ବରିଶଙ୍କୁ ୪ଟି ଓ ହେନିଲ ପଟେଲ୍‌ଙ୍କୁ ୩ଟି ୱିକେଟ ମିଳିଥିଲା। ବର୍ଷା ଯୋଗୁଁ ଭାରତ ଆଗରେ ୩୭ ଓଭରରେ ୧୨୯ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଦଳ ପକ୍ଷରୁ ଆୟୁଷ ମାହତ୍ରେ ୨୭ ବଲ୍‌ରେ ୫୩ ଓ ବୈଭବ ସୂର୍ଯ୍ୟବଂଶୀ ୨୩ ବଲ୍‌ରେ ୪୦ ରନ୍ କରିଥିଲେ। ଏହି ବିଜୟ ସହ ଭାରତ ଉନ୍ନତ ରନ୍ ହାର ଓ ବୋନସ ପଏଣ୍ଟ ସହ ସୁପର ସିକ୍ସରେ ପ୍ରବେଶ କରିଛି। ସୁପର ସିକ୍ସରେ ଭାରତ ତାହାର ପ୍ରଥମ ମ୍ୟାଚ୍ ଜିମ୍ବାୱେ ସହ ଜନୁଆରୀ ୨୭ରେ ଓ ଦ୍ୱିତୀୟ ମ୍ୟାଚ୍ ପାକିସ୍ତାନ ସହ ଫେବୃଆରୀ ୧ରେ ଖେଳିବ। ଫେବୃଆରୀ ୩ ଓ ୪ ରେ ସେମିଫାଇନାଲ, ଫେବୃଆରୀ ୬ରେ ଫାଇନାଲ ମୁକାବିଲା ଖେଳାଯିବ।

### ■ ସିକେ ନାଇଡୁ ଟ୍ରଫି

# ଶ୍ରେୟାଂଶ, ସୂଜଲଙ୍କ ଶତକରେ ଓଡ଼ିଶାର ସ୍ଥିତି ଦୃଢ଼

ଭୁବନେଶ୍ୱର, ୨୪।୧ (ସମିସ): ବଲାଙ୍ଗିରର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ହରିୟାଣା ବିପକ୍ଷରେ ଚାଲିଥିବା ଜାତୀୟ ୨୩ ବର୍ଷରୁ କମ୍ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫିରେ ଓଡ଼ିଶା ଦୃଢ଼ସ୍ଥିତିରେ ରହିଛି। ହରିୟାଣାର ପ୍ରଥମ ପାଳି ସ୍କୋର ୨୭୬ ରନ ଜବାବରେ ଓଡ଼ିଶା ଶନିବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୯୮ ଓଭରରେ ୪ ୱିକେଟ୍‌ରେ ୪୩୯ ରନ ସଂଗ୍ରହ କରିଛି। ଫଳରେ ୬ ୱିକେଟ୍ ବଳକା ଥାଇ ଓଡ଼ିଶା ୧୬୩ ରନରେ ଅଗ୍ରଣୀ ରହିଛି। ଘରୋଇ ଦଳ ପକ୍ଷରୁ ଦୁଇ ମଧ୍ୟକ୍ରମ ବ୍ୟାଟର୍ ସୂଜଲ ସିଂ ଓ ଶ୍ରେୟାଂଶ ଭରଦ୍ୱାଜ ଦମ୍‌ଦାର ଶତକୀୟ ପାଳି ଖେଳିଛନ୍ତି। ସୁଜଲ ସର୍ବାଧିକ ୧୫୬ ରନ କରିଥିଲେ। ୧୬୩ ବଲର ଏହି ପାଳିରେ ସେ ୨୧ଟି ଚୌକା ମାରିଥିଲେ।



ସୂଜଲ ସିଂ



ଶ୍ରେୟାଂଶ ଭରଦ୍ୱାଜ

ସେହିଭଳି ୧୪ଟି ଚୌକା ସହ ୧୯୮ ବଲରୁ ସୂଜଲ ୧୨୧ ରନ କରି ଆଉଟ୍ ହୋଇଥିଲେ। ତୃତୀୟ ୱିକେଟ ଭାଗୀଦାରିରେ ସୂଜଲ ଓ ଶ୍ରେୟାଂଶ ୨୬୫ ରନ ଉଠାଇବା ଓଡ଼ିଶାର ସ୍ଥିତିକୁ ଦୃଢ଼ କରିଥିଲା। ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ଅଧିନାୟକ ଓମ୍ ଟି ମୁଣ୍ଡେ ୬୭, ଦୀନେଶ ମାଝି ୪୪ ରନ କରି ଆଉଟ୍ ହୋଇଛନ୍ତି। ଖେଳ ଶେଷବେଳକୁ ଆଶୀର୍ବାଦ ସ୍ୱାଇଁ ୨୦ ଓ ସାଇଦୀପ ମହାପାତ୍ର ୫ ରନ କରି ଖେଳୁଛନ୍ତି। ହରିୟାଣାର ପରମ ଚାଣ୍ଡିଲାଙ୍କୁ ୨ଟି ୱିକେଟ୍ ମିଳିଥିଲା। ମ୍ୟାଚ ଆହୁରି ୨ ଦିନ ବାକି ରହିଥିବାରୁ ଓଡ଼ିଶା ଭଲସ୍ଥିତିରେ ରହିଛି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ।

### ଗୌହାଟୀରେ ତୃତୀୟ ଟି-୨୦ ଆଜି

# ସିରିଜ୍ ଜିତିବା ଲକ୍ଷ୍ୟରେ ଭାରତ

ଗୌହାଟୀ,୨୪।୧(ଏଜେନ୍ସି): ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଆସନ୍ତାକାଲି ସ୍ଥାନୀୟ ବର୍ଷାପଡ଼ା ଷ୍ଟାଡିୟମ୍‌ରେ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ତୃତୀୟ ମ୍ୟାଚ୍ ଖେଳାଯିବ। ପୂର୍ବରୁ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ୪୮ ରନ୍‌ରେ ଓ ଦ୍ୱିତୀୟ ମ୍ୟାଚ୍‌କୁ ୭ ୱିକେଟରେ ଜିତି ୨-୦ରେ ଆଗୁଆ ରହିଛି। ଆସନ୍ତାକାଲି ଦଳର ଶକ୍ତିଶାଳୀ ବ୍ୟାଟିଂ ଆଉଥରେ କ୍ଲିକ୍ କଲେ ଏଠାରେ ସିରିଜ୍ କବ୍‌ଜା କରିବା ଭାରତ ଲାଗି ବିଶେଷ ଅସୁବିଧା ହେବ ନାହିଁ। ଭ୍ରମଣକାରୀ ଦଳ ସହ ଭାରତରେ ୪ଟି ସିରିଜ୍ ଖେଳାଯାଇଥିଲାବେଳେ ସବୁଥିରେ ଘରୋଇ ଦଳ ବିଜୟୀ ହୋଇଛି। ଏଣୁ ଆଉ ଏକ ସିରିଜ୍ ଜିତିବା ଦ୍ୱାରଦେଶରେ ପହଞ୍ଚିଛି। ଦଳର ଅସୁବିଧା ହେଉଛି ବୋଲରଙ୍କର ଶୃଙ୍ଖଳାହୀନ ବୋଲିଂ ଓ ଫିଲ୍ଡିଂ। ଏହି ଦୁଇଟି କାଟାଗୋରୀରେ ଭାରତଠାରୁ ଆଗରେ ରହିଛି ନ୍ୟୁଜିଲାଣ୍ଡ। ଓପନର ସଞ୍ଜୁ ସାମସନଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତ ଟପ୍ ଅର୍ଡର ଭାରତୀୟ ବ୍ୟାଟର ଫର୍ମରେ ଅଛନ୍ତି।

ନ୍ୟୁଜିଲାଣ୍ଡ ଦଳ ଭାରତରେ କିଭଳି ଖେଳିବାକୁ ହେବ ତାହାର ସୂତ୍ର ଆମକୁ ଜଣାଅଛି ବୋଲି କହିଛନ୍ତି ଅଧିନାୟକ ମିଚେଲ ସାଣ୍ଟନର। କିନ୍ତୁ ଭାରତୀୟ ବ୍ୟାଟରଙ୍କୁ ସେମାନେ କିପରି ଅଟକାଇବେ ତାହାର ସୂତ୍ର ପ୍ରଥମ ଦୁଇଟି ମ୍ୟାଚ୍‌ରେ ଜଣାପଡ଼ିନାହିଁ। ଭାରତକୁ ହରାଇବା କଷ୍ଟକର କିନ୍ତୁ ଅସମ୍ଭବ ନୁହେଁ ବୋଲି ସାଣ୍ଟନର କହିଛନ୍ତି।

### ବିପଦରେ ସାମସନ୍

ଉପଅଧିନାୟକ ଶୁବମନ ଗିଲ୍‌ଙ୍କ ସ୍ଥାନରେ ଭାରତୀୟ ଦଳରେ ସ୍ଥାନ ପାଇଥିବା ସଞ୍ଜୁ ସାମସନଙ୍କ କ୍ରମାଗତ ବିଫଳତା ତାଙ୍କୁ ବିପଦ ମଧ୍ୟକୁ ଠେଲିଦେଇଛି। ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦୁଇଟି ମ୍ୟାଚ୍‌ରେ ସେ ସର୍ଟବଲ୍ ଖେଳିବାକୁ ଯାଇ ମିଡ୍‌ୱିକେଟ ଓ ମିଡ୍‌ଅନ୍‌ରେ କ୍ୟାଚ୍ ଆଉଟ ହୋଇଛନ୍ତି। ଏପରିକି ସେ ୨୦୨୫ ପରଠାରୁ ସେ ୮ ଥର ଇନିଂସ ଓପନ କରିଥିବା ବେଳେ ୭ଥର ପାୱାର ପ୍ଲେ'ରେ ଆଉଟ ହୋଇଛନ୍ତି। ଇଶାନ କିସାନ ବ୍ୟାଟିଂ ଫର୍ମକୁ ଫେରିବା ପରେ ସାମସନଙ୍କ ସ୍ଥାନ ୱିକେଟରକ୍ଷକ ଭାବେ ସୁରକ୍ଷିତ ନୁହେଁ ବୋଲି ଆଶଙ୍କା ପ୍ରକାଶ ପାଇଛି। ୨୦୨୪ ବିଶ୍ୱକପ୍ ପରେ ନ୍ୟୁଜିଲାଣ୍ଡ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଭାରତ ବିପକ୍ଷରେ ୮ଟି ମ୍ୟାଚ୍ ଖେଳି ୫ଟିରେ ପରାଜିତ ହୋଇଛି। ଅନ୍ୟ ୩ଟି ମ୍ୟାଚ୍‌ର ଫଳାଫଳ ନିର୍ଣ୍ଣିତ ହୋଇନାହିଁ। ଉଭୟ ସାମସନ ଓ ନ୍ୟୁଜିଲାଣ୍ଡ ଏହି ସିରିଜ୍‌ରେ ତିଷ୍ଠି ରହିବେ କି ନାହିଁ ତାହା ତୃତୀୟ ମ୍ୟାଚ୍ ପରେ ସ୍ପଷ୍ଟ ହେବ।

## ଡବ୍ଲ୍ୟୁପିଏଲ୍: ଆର୍‌ସିବିର ବ୍ୟାଟିଂ ବିପର୍ଯ୍ୟୟ

ଭଦୋଦରା, ୨୪।୧ (ଏଜେନ୍ସି): ଚଳିତ ମହିଳା ପ୍ରିମିଅର ଲିଗ୍ (ଡବ୍ଲ୍ୟୁପିଏଲ୍) ର ୧୫ତମ ମ୍ୟାଚରେ ଶନିବାର ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ଦିଲ୍ଲୀ କ୍ୟାପିଟାଲ୍ସ ସାମ୍ନାସାମ୍ନି ହୋଇଛନ୍ତି। ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆର୍‌ସିବି ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଏକଦା ୧୪ ଓଭରବେଳକୁ ଅଧା ବ୍ୟାଟରଙ୍କୁ ହରାଇ ଆର୍‌ସିବି ୭୮ ରନ ସଂଗ୍ରହ କରିଥିଲା। ଅଧିନାୟିକା ସ୍ମୃତି ମନ୍ଧାନା କେବଳ ୩୮ ରନର ଉପଯୋଗୀ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଧା ଯାଦବ ୧୮, ଜର୍ଜିଆ ଭଲ୍ ୧୧, ଗ୍ରେସ୍ ହାରିସ ୯, ରିଚା ଘୋଷ ୫, ଗୌତମୀ ନାଏକ ୩ ରନ କରିଥିଲେ। ବୋଲିଂରେ ମାରିଜାନ କାପ୍ପ ଓ ମିନୁ ମାନି ୨ଟି ଲେଖାଏ ୱିକେଟ୍ ନେଇଥିଲେ।

## ଓଡ଼ିଶା-ସର୍ଭିସେସ ମ୍ୟାଚ୍ ଡ୍ର

ଭୁବନେଶ୍ୱର, ୨୪।୧ (ସମିସ): ଜାତୀୟ ସିନିଅର ପୁରୁଷ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡରେ ଓଡ଼ିଶା ପ୍ରଥମ ପଏଣ୍ଟ ହାସଲ କରିଛି। ଶନିବାର ଅନୁଷ୍ଠିତ ଗ୍ରୁପ୍-ବି'ର ଏକ ମ୍ୟାଚରେ ସର୍ଭିସେସ ବିପକ୍ଷରେ ଓଡ଼ିଶା ଗୋଲଶୂନ୍ୟ ଭାବେ ମ୍ୟାଚ୍ ଡ୍ର ରଖିଛି। ଫଳରେ ଉଭୟ ଦଳ ୧ ପଏଣ୍ଟ ଲେଖାଏରେ ସନ୍ତୁଷ୍ଟ ରହିଥିଲେ। ଓଡ଼ିଶା ପୂର୍ବରୁ ପ୍ରଥମ ମ୍ୟାଚରେ ପଞ୍ଜାବ ନିକଟରୁ ପରାସ୍ତ ହୋଇଥିଲା। ପରବର୍ତ୍ତୀ ଗ୍ରୁପ୍ ମ୍ୟାଚରେ ଓଡ଼ିଶା ମଙ୍ଗଳବାର କେରଳ ବିପକ୍ଷରେ ଖେଳିବ।

### ଓଡ଼ିଶା ଓପନ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ଉଦ୍‌ଯାପିତ

# ଏ'ରେ ଅଭିଜିତ, ସି'ରେ ବୈଭବ ଚାମ୍ପିଅନ

ଭୁବନେଶ୍ୱର,୨୪।୧(ସମିସ): ଅଲ୍ ଓଡ଼ିଶା ଚେସ୍ ସଂଘ ଆନୁକୂଲ୍ୟରେ ଚାଲିଥିବା ଓଡ଼ିଶା ଓପନ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। କାଟାଗୋରୀ-ଏ'ରେ ଭାରତର ଗ୍ରାଣ୍ଡମାଷ୍ଟର ଅଭିଜିତ ଗୁପ୍ତା ଓ କାଟେଗୋରୀ ସି'ରେ ଝାଡଖଣ୍ଡର ବୈଭବ ଶାହ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। କାଟାଗୋରୀ-ଏ'ରେ ସମାନ ୮ ପଏଣ୍ଟ ରଖିଥିବା ଭିଏତନାମର ଦୁଇ ଗ୍ରାଣ୍ଡମାଷ୍ଟର ଏନ୍‌ଗୁଏନ୍ ଡକ୍ ହୋଆ ଓ ଏନ୍‌ଗୁଏନ ଭାନ ହୁଏ





ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି। ତାଙ୍କ ପଛକୁ ରୁଷିଆର ଦୁଇ ଗ୍ରାଣ୍ଡମାଷ୍ଟର ବୋରିସ ସେଭାଚେଙ୍କୋ ଚତୁର୍ଥ ଓ ଡେଭିଡ୍ ଜି. ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମ ୪ଟି ସ୍ଥାନରେ ଥିବା ଖେଳାଳିମାନେ ସମାନ ୮ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ଆଶୀର୍ବାଦ ସ୍ୱାଇଁ ୭ ପଏଣ୍ଟ ରଖିଥିଲେ ମଧ୍ୟ ବୁକୋଲଜ୍‌ରେ ୧୬ଶ ସ୍ଥାନ ଅଧିକାର କରିଛନ୍ତି। ତାଙ୍କ ବ୍ୟତୀତ ଅନ୍ୟ କୌଣସି ଓଡ଼ିଆ ଖେଳାଳି ପ୍ରଥମ ୫୦ଜଣଙ୍କ ମଧ୍ୟରେ ସ୍ଥାନ ପାଇନାହାନ୍ତି। ୫.୫ ପଏଣ୍ଟ ରଖିଥିବା ରାଜ୍ୟ ମହିଳା ଚାମ୍ପିଅନ ଯଶିତା ରାଉତ ୯୧ତମ ସ୍ଥାନରେ ରହିଥିଲେ। ପୁରସ୍କାର ବାବଦରେ ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ୫.୫ ଲକ୍ଷ, ଦ୍ୱିତୀୟସ୍ଥାନରେ ଥିବା ଖେଳାଳିଙ୍କୁ ଟ୍ରଫି ସହ ୩.୫ ଲକ୍ଷ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଖେଳାଳି ଟ୍ରଫି ସହ ୨ ଲକ୍ଷ ଟଙ୍କାର ପୁରସ୍କାର ଲାଭ କରିଛନ୍ତି। ଯଶିତା ମଧ୍ୟ ଓଡ଼ିଶାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

କାଟାଗୋରୀ-ସି'ରେ ବୈଭବ ଅପରାଜିତ ରହିବା ସହ ୯ ରାଉଣ୍ଡରୁ ୯ ପଏଣ୍ଟ ପାଇ ଚାମ୍ପିଅନ ହୋଇଥିଲେ। ପୁରସ୍କାର ବାବଦରେ ତାଙ୍କୁ ଟ୍ରଫି ସହ ୧ ଲକ୍ଷ ଟଙ୍କାର ପୁରସ୍କାର ମିଳିଥିଲା। ଓଡ଼ିଶାର ସୁରଜ ମହାରଣା ରନସଅପ୍ ହେବା ସହ ୭୦,୦୦୦ ଟଙ୍କା ଓ ଟ୍ରଫି ପାଇଥିଲେ। ଦେବୀପ୍ରସାଦ ବିଶ୍ୱାଳ ଓଡ଼ିଶାର ଶ୍ରେଷ୍ଠ ଖେଳାଳି ବିବେଚିତ ହେବା ସହ ୯ମ ଓ ଶ୍ରେୟସ ବେହୁରିଆ ୧୧ଶ ସ୍ଥାନ ଅଧିକାର କରିଥିଲେ। ସମସ୍ତ ବିଜେତାଙ୍କୁ ଅଲ ଓଡ଼ିଶା ଚେସ୍ ସଂଘ ସମ୍ପାଦକ ଙ୍କ ଦେବବ୍ରତ ଭଞ୍ଜ ଅଭିନନ୍ଦନ ଜଣାଇଥିଲେ। ଖେଳ ଶେଷରେ ଆୟୋଜିତ ଉତ୍ସବରେ ଓଡ଼ିଶା ଅଲିମ୍ପିକ ସଂଘ ସଭାପତି ସମୀର ମହାନ୍ତି, ପ୍ରମୁଖ ଚାଟାର୍ଡ ଆକାଉଣ୍ଟାଣ୍ଟ ରାଜୀବ କୁମାର ସାହୁ, କାଳନ୍ଦି ସାମଲ, ଶ୍ରୀମତୀ ପଲ୍ଲୀ ପଟ୍ଟନାୟକ, ଦେବବ୍ରତ ଭଞ୍ଜ, ଯୁଗ୍ମ ଆୟୋଜକ ଇଏସ୍‌ପିଏଓ ସମ୍ପାଦକ ଅଭିଷେକ ମିତ୍ର, ରୋଟାରିଆନ ରାକେଶ ଦଳାଇ, କୋପକୁମାର ଏମ୍‌ଏସ୍, କରୁଣାକର ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

### ତାମିଲନାଡୁ ବିପକ୍ଷ ରଣଜୀ ଲଢ଼େଇ

# ଟାର୍ଗେଟ୍ ୪୫୫; ଓଡ଼ିଶା ୪୭/୨

ଭୁବନେଶ୍ୱର, ୨୪।୧ (ସମିସ): ସ୍ଥାନୀୟ କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ଭ୍ରମଣକାରୀ ତାମିଲନାଡୁ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ପରାଜୟ ଦ୍ୱାରରେ



ରହିଛି। ତାମିଲନାଡୁ ପକ୍ଷରୁ ଧାର୍ଯ୍ୟ ୪୫୫ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଓଡ଼ିଶା ଶନିବାର ୩ୟ ଦିବସ ଶେଷ ସୁଦ୍ଧା ଦ୍ୱିତୀୟ ପାଳିରେ ୨ ୱିକେଟ୍ ହରାଇ ୪୭ ରନ ସଂଗ୍ରହ କରିଛି। ଅଧିନାୟକ ଶୁଭ୍ରାଂଶୁ ସେନାପତି ୬ଟି ଚୌକା ସହାୟତାରେ ୩୪ ବଲରୁ ୩୬ ରନ କରି ଅପରାଜିତ ରହିଛନ୍ତି। ଦୁଇ ଓପନର୍ ସ୍ୱସ୍ତିକ ସାମଲ ୧୦ ରନ ଓ ଶାନ୍ତନୁ ମିଶ୍ର ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଛନ୍ତି। ଭ୍ରମଣକାରୀ ଅଧିନାୟକ ସାଇ କିଶୋର ଓ ସୋନୁ ଯାଦବ ଗୋଟିଏ ଲେଖାଏ ୱିକେଟ୍ ନେଇଛନ୍ତି। ରବିବାର ମ୍ୟାଚର ଅନ୍ତିମ ତଥା ୪ର୍ଥ ଦିବସ। ବିଜୟ ଲାଗି ଓଡ଼ିଶାକୁ ଦିବସରେ ଖେଳାଯିବାକୁ ଥିବା ୯୦ ଓଭରରେ ଆହୁରି ୪୦୮ ରନ ଆବଶ୍ୟକ ହେଉଛି। ବିପ୍ଳବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ରାଜେଶ ଧୁପରଙ୍କ ଭଳି ଅଭିଜ୍ଞ ବ୍ୟାଟର୍ ରହିଥିଲେ ମଧ୍ୟ ଓଡ଼ିଶା ପାଇଁ ଏହି ଲକ୍ଷ୍ୟ ଅତ୍ୟନ୍ତ କଷ୍ଟସାଧ୍ୟ ହେବ। ସେହିଭଳି ଓଡ଼ିଶାର ବଳକା ୮ ୱିକେଟ୍ ନେଇ ତାମିଲନାଡୁ ମ୍ୟାଚରୁ ବିଜୟ ପଏଣ୍ଟ ହାତେଇବା ଲକ୍ଷ୍ୟରେ ରହିଛି।

ପୂର୍ବରୁ ତାମିଲନାଡୁ ପ୍ରଥମ ପାଳିରେ ୨୮୬ ରନ ଜବାବରେ ଓଡ଼ିଶା ୧୪୮ ରନରେ ସୀମିତ ରହିଥିଲା। ୧୩୮ ରନରେ ଆଗୁଆ ରହିଥିବା ତାମିଲନାଡୁ ଦ୍ୱିତୀୟ ପାଳିରେ ୩୧୬ ରନ କରି ଅଲ୍‌ଆଉଟ୍ ହୋଇଥିଲା। ବୋଲିଂରେ ୫ ୱିକେଟ୍ ସଫଳତା ପାଇଥିବା ସୋନୁ ୭୪ ଓ ଅତିଶ ଏସଆର ୮୮ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ବୋଲିଂରେ ଓଡ଼ିଶା ପକ୍ଷରୁ ବାଦଲ ବିଶ୍ୱାଳ ୩ଟି ଏବଂ ସମ୍ବିତ ବରାଳ ଓ ବିପ୍ଳବ ସାମନ୍ତରାୟ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

### ଅଷ୍ଟ୍ରେଲିଆନ୍ ଓପନ୍

# ଜୋକୋଭିଚ୍‌ଙ୍କ ରେକର୍ଡ ୪୦୦ ମ୍ୟାଚ୍ ବିଜୟ



ଆମାଣ୍ଡା ଆନିସିମୋଭା

ମେଲବୋର୍ଣ୍ଣ, ୨୪।୧ (ଏଜେନ୍ସି):

୨୪ଥରର ରେକର୍ଡ ଗ୍ରାଣ୍ଡସ୍ଲାମ ବିଜେତା ନୋଭାକ ଜୋକୋଭିଚ୍ ଏଠାରେ ଚାଲିଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନ୍‌ର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ୩ୟ ରାଉଣ୍ଡ ମ୍ୟାଚରେ ଜୋକୋଭିଚ୍ ୬-୩, ୬-୪, ୭-୬ ସେଟ୍‌ରେ ନେଦରଲାଣ୍ଡସର ବୋଟିକ ଭାନ ଜାଣ୍ଡସ୍କୁପଙ୍କୁ ହରାଇଥିଲେ। ଏଥିସହ ବିଶ୍ୱର ପ୍ରଥମ ପୁରୁଷ ଟେନିସ ଖେଳାଳି ଭାବେ ୩୮ ବର୍ଷୀୟ ଜୋକୋଭିଚ୍ ୪୦୦ ଗ୍ରାଣ୍ଡସ୍ଲାମ ମ୍ୟାଚ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ସେହିଭଳି ମେଲବୋର୍ଣ୍ଣ ପାର୍କରେ ଜୋକୋଭିଚଙ୍କ ଏହା ୧୦୨ତମ ବିଜୟ ଥିଲା। ପୁରୁଷ ବିଭାଗରେ ଅନ୍ୟମାନଙ୍କ ମଧ୍ୟରେ ଡିଫେଣ୍ଡିଂ ଚାମ୍ପିଅନ ଜାନିକ ସିନ୍ନର, ୫ମ ସିଡ୍ ଲୋରେଞ୍ଜୋ ମୁସେଟି, ୮ମ ସିଡ୍ ଆମେରିକାର ବେନ୍ ସେଲଟନ୍, ୯ମ ସିଡ୍ ଟେଲର ଫ୍ରିଜ, ୧୨ତମ ସିଡ୍ କାସ୍ପର ରୁଡ୍ ବିଜୟୀ ହୋଇ ରାଉଣ୍ଡ-୪ରେ ପହଞ୍ଚିଛନ୍ତି। ତେବେ ପୂର୍ବତନ ଚାମ୍ପିଅନ ଷ୍ଟାନ ୱାରିଙ୍କା ନିଜର ଶେଷ ଅଷ୍ଟ୍ରେଲିଆନ୍ ଓପନରେ ପରାଜୟ ସହ ୩ୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଅପରପକ୍ଷରେ ମହିଳା ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ଆମେରିକାର ମାଡିସନ କିଜ୍, ୬ଷ୍ଠ ସିଡ୍ ଜେସିକା ପେଗୁଲା, ୪ର୍ଥ ସିଡ୍ ଆମଣ୍ଡା ଆନିସିମୋଭା, ଦ୍ୱିତୀୟ ସିଡ୍ ଇଗା ସ୍ୱିଆଟେକ, ୫ମ ସିଡ୍ ଏଲିନା ରିବାକିନା ବିଜୟୀ ହୋଇ ପ୍ରି-କ୍ୱାର୍ଟରକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ତେବେ ଆହତ ସମସ୍ୟା ଲାଗି ଦୁଇଥରର ଚାମ୍ପିଅନ ନାଓମି ଓସାକା ୩ୟ ରାଉଣ୍ଡ ପୂର୍ବରୁ ଓହରିଯାଇଥିଲେ। ଫଳରେ ତାଙ୍କ ପ୍ରତିପକ୍ଷ ଅଷ୍ଟ୍ରେଲୀୟ ଖେଳାଳି ମାଡିସନ ଇଂଲିଶ ପ୍ରି-କ୍ୱାର୍ଟରକୁ ଉଠିଛନ୍ତି।

### ପୁରୁଷ ଡବଲ୍ସ ପ୍ରି-କ୍ୱାର୍ଟରରେ ୟୁକି ଭାମ୍ବ୍ରୀ

ଭାରତୀୟ ଟେନିସ ଖେଳାଳି ୟୁକି ଭାମ୍ବ୍ରୀ ପୁରୁଷ ଡବଲ୍ସ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଶନିବାର ଖେଳାଯାଇଥିବା ରାଉଣ୍ଡ-୩୨'ର ଏକ ମ୍ୟାଚରେ ଭାମ୍ବ୍ରୀ ଓ ତାଙ୍କ ସୁଇଜରଲାଣ୍ଡ ପାର୍ଟନର ଆନ୍ଦ୍ରେ ଗୋରାନସନ ଯୋଡ଼ି ୪-୬, ୭-୬ (୫), ୬-୩ ସେଟରେ ସାଣ୍ଟିଆଗୋ ଗୋଞ୍ଜାଲେ ଓ ଡେଭିଡ୍ ପିଲ୍ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବାକୁ ଭାମ୍ବ୍ରୀ-ଆନ୍ଦ୍ରେ ଯୋଡ଼ିଙ୍କୁ ୨ ଘଣ୍ଟା ୬ ମିନିଟ୍ ସମୟ ଲାଗିଥିଲା। ତେବେ ମିକ୍ସଡ ଡବଲ୍ସରେ ଭାରତର ଶ୍ରୀରାମ ବାଲାଜୀ ଓ ତାଙ୍କ ଅଷ୍ଟ୍ରିଆ ଯୋଡ଼ି ନେଲ ଓବେରଲେଇଟନର ଦ୍ୱିତୀୟ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS